DOCUMENT RESUME

ED 054 678 48 FL 002 546
AUTHOR Matson, Dan M., Ed.; Mahapatra, B. P., Ed.
TITLE The Oriya Language Textbook Series, Volume Five: Oriya Short Stories.
INSTITUTION Cornell Univ., Ithaca, N.Y.
SPONS AGENCY Office of Education (DHEW), Washington, D.C. Bureau of Research.
BUREAU NO BR-5-1267
PUB DATE 70
CONTRACT OEC-5-14-019
NOTE 125p.

EDRS PRICE MF-$0.65 HC-$6.58
DESCRIPTORS Anthologies; Cultural Education; Indo European Languages; *Instructional Materials; *Language Instruction; Literature; Manuscript Writing (Handlettering); Modern Languages; *Reading Materials; *Short Stories; Textbooks; *Uncommonly Taught Languages; Vocabulary Development
IDENTIFIERS India; *Oriya

ABSTRACT

This collection of eight short stories is intended to follow the text "Graded Readings in Oriya" in the Oriya Language Textbook Series. The following volume is a glossary which accompanies this collection. Three of the stories, however, are not glossed. The order in which the stories are presented is determined on the basis of each story's length, the size and nature of its vocabulary, and its grammatical complexity. This grading is intended to contribute to the student's development of reading efficiency and vocabulary. Each of the stories appears in Oriyan calligraphy. For the companion documents see FL 002 543, FL 002 544, FL 002 545, FL 002 547, FL 002 548, FL 002 549, and FL 002 599. (RL)

ED054678

THE ORIYA LANGUAGE TEXTBOOK SERIES

VOLUME FIVE

U.S. DEPARTMENT OF HEALTH, EDUCATION & WELFARE
OFFICE OF EDUCATION

THIS DOCUMENT HAS BEEN REPRODUCED EXACTLY AS RECEIVED FROM THE PERSON OR ORGANIZATION ORIGINATING IT. POINTS OF VIEW OR OPINIONS STATED DO NOT NECESSARILY REPRESENT OFFICIAL OFFICE OF EDUCATION POSITION OR POLICY.

ORIYA SHORT STORIES

Selected and Edited by

Dan M. Matson

B. P. Mahapatra

"PERMISSION TO REPRODUCE THIS COPYRIGHTED MATERIAL HAS BEEN GRANTED BY DAN M. MATSON

TO ERIC AND ORGANIZATIONS OPERATING UNDER AGREEMENTS WITH THE U.S. OFFICE OF EDUCATION. FURTHER REPRODUCTION OUTSIDE THE ERIC SYSTEM REQUIRES PERMISSION OF THE COPYRIGHT OWNER."

Madison, Wisconsin © 1970

The research reported herein was performed pursuant to a contract between Cornell University and the Office of Education, United States Department of Health, Education and Welfare, under the authority of Title VI of the National Defense Education Act.

FL002546

ସୂଚିପତ୍ର

		Frontispiece	ii
		Foreword	iv
*	୧-	କୃଷ୍ଣଚୂଡ଼ା	୧
**	୨-	କାଂଚନମାଳା	୮
***	୩-	ବିଜୟ - ବସ୍ତ	୨୫
+	୪-	ପେଟେଣ୍ଟ ମେଡିସିନ୍	୪୯
++	୫-	ମିମିର ଭୂଗୋଳ ଶିକ୍ଷା	୬୩
++	୬-	ଧରିତ୍ରୀ ଓ ଧରିତ୍ରୀ	୭୩
*	୭-	ଦୁଇବଂଧୁ	୮୨
**	୮-	ସ୍ୱପ୍ନମାମାଳତୀ	୯୨

* From ସୁରେଂଦ୍ର ମହାନ୍ତି: <u>କୃଷ୍ଣଚୂଡ଼ା</u> Berhampur, Cuttack, and Sambalpur:
New Students Store, first printing 1951

** From ଶ୍ରୀମତୀ ଅପର୍ଣ୍ଣା ଦେବତୀ: <u>ଦଶ କୁମାରୀ ଚରିତ</u>
Cuttack: Cuttack Publishing House, 4th printing 1959

*** From ଶ୍ରୀମତୀ ଅପର୍ଣ୍ଣା ଦେବତୀ: <u>ଦଶ କୁମାର ଚରିତ</u>
Cuttack: Cuttack Publishing House, 6th printing 1964

\+ From ଫକିର ମୋହନ ସେନାପତି: <u>ଗଳ୍ପ ସ୍ୱଳ୍ପ</u> Part I
Cuttack: Cuttack Students Store, 7th printing 1965

++ From ବାମାଚରଣ ମିତ୍ର: <u>ମହାପୁରୁଷ ବାଘ</u>
Jeypore, Koraput: Bikas Pratishthan, 1963

FOREWORD

This collection of eight stories follows Graded Readings in Oriya; as these Oriya Short Stories are on the whole more 'difficult' for the learner, most will finish Graded Readings before beginning in this collection.

Volume Six in the Series is a serial glossary to accompany this collection, and its use is discussed below, and further in the glossary itself. Three of the stories are not glossed. The second and third stories, respectively seventeen and twenty-six pages in length, come early in the collection, as they are relatively easy to read. The final story, thirty pages long, is a challenge for those who complete the rest of the book and find themselves still energetic.

The order in which the stories are presented was determined on the basis of each story's length, the size and nature of its vocabulary, and--as far as we could measure--its grammatical complexity. This grading is intended to contribute maximally to the student's development of reading efficiency and vocabulary. To cash in on these possible benefits, runs the theory, it's necessary to work through the stories strictly in the order presented, without skipping any for any reason.

The glossary to these stories is bound separately from them, so that the reader may refer to it without repeatedly losing his place in the story. In order to take as much of the manual labor as possible out of the hands of the student, the entries in the glossary are arranged not alphabetically, but rather in the order in which the reader will need them as he works through the book. While there are numerous words which are glossed more than once in the glossary, most are glossed only at their first occurence; any other procedure would result in a glossary too thick to be manageable. Each entry in the glossary is keyed to the text by page and line numbers.

Since, in general, a word once glossed is not glossed again, it is important that the stories not be taken up out of order, which would be likely to result in one's encountering strange words not glossed which had occurred and been glossed in stories which one had skipped. (This is not part of a devilish plan to bend readers to my will: a dictionary for this book, alphabetically arranged, is planned but not yet begun. To date, the best practical Oriya-English dictionary is Baba Baidyanātha Pāḍhī, Bṛihata Oḍiā Abhidhāna, Cuttack: Friends Publishers, 1964.)

The stories were calligraphed by Jagabandhu Misra. The statistical basis for ordering the stories was gathered largely by Misra, Basant Kumar Das, and Bhikari Charan Naik, assisted by Prabodh Kumar Chand and Ambika Mohanty; their work was coordinated by my wife Susan, to whom a special debt is owed as I was not allowed to pay her for this full-time work. Fond thanks go also to Purnna Chandra Choudhury for a profusion of services rendered throughout the work in Puri.

Page and line citations for the glossary were done by Siba Narayana Mohanty, assisted by Kashinath Rout and Braja Das. The glossary was typed with admirable excellence by Michael M. T. Henderson. The art work for the covers is by Carol Henderson.

D. M. M.
Madison, June 1970

କୃଷ୍ଣଚୂଡ଼ା

ସୁରେନ୍ଦ୍ର ମହାନ୍ତି

"ସଂଗ୍ରାମ" ଖବର କାଗଜର ଅଫିସ ।

ସଦାନନ୍ଦ ପ୍ରୁଫ୍ ଦେଖୁଛି । କେତେକାଳର ପୁରୁଣା କୋଠା । ଛାତ ଫାଟି ବର୍ଷା ଝରୁଛି । ତଳର ଚଟାଣରେ ପାଣିର ସୁଅ ବହି ଚାଲିଛି । ଗୋଟାଏ ପାଖ କାନ୍ଥରେ ମାଡ଼ିଯାଇଛି ଶିଉଳୀର ନେଳୀ ଆସ୍ତରଣ ।

ବାହାରେ ଆଦ୍ୟ ଆଷାଢ଼ର ଅବିରାମ ବର୍ଷାର ଧାରା ଟିକିଏ କମି ଆସିଛି । କ୍ଳାନ୍ତିରେ, ଅବସାଦରେ ସଦାନନ୍ଦ କାଗଜର ପ୍ରୁଫ୍ ଟେବୁଲର ଗୋଟାଏ ପାଖକୁ ଠେଲି ଦେଲା । ପ୍ରୁଫ୍ ଦେଖି ଦେଖି, ଗତ କେଇଟା ବର୍ଷ ଭିତରେ ସେ କିପରି ଅସ୍ୱାଭାବିକ ଭାବରେ ନୈରାଶ୍ୟବାଦୀ ସିନିକ୍ ପାଲଟି ଯାଇଛି । ଜୀବନରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁଠି ଖାଲି ଭୁଲ୍ ଆଉ ଭୁଲ୍ ।

କାଗଜ ବାହାରିବା ପାଇଁ ଆଉରି ଦୁଇଘଣ୍ଟା ବାକୀ, ଅର୍ଥାତ ଗୋଲ କଲମ । ଫୋଲ କଲମ ପୁଣି ପୂର୍ଣ୍ଣ କରିବାକୁ ପଡ଼ିବ । କ୍ଳାନ୍ତି ଓ ବିରକ୍ତିରେ ସଦାନନ୍ଦ ପକେଟ୍‌ରୁ ଖଣ୍ଡେ ସିଗାରେଟ୍ କାଢ଼ି ନିଆଁ ଲଗାଇଲା ।

ସଦାନନ୍ଦ ସବୁ । ଏକାଧାରରେ ସମ୍ପାଦକ, ପ୍ରୁଫ୍ ରିଡ଼ର ସବୁ । ଆଉ ଜଣେ ସହକର୍ମୀ ଅଛି । କିନ୍ତୁ ସେ ବାହାରର କଥା ବୁଝିବା ପାଇଁ ।

ସଦାନନ୍ଦ କେଜାଣି କାହିଁକି ଅକାରଣରେ ପଛକୁ ଫେରି ଖୋଲା ଝରକାବାଟେ ଚାହିଁଲା, ବାହାରର ପୃଥିବୀକୁ ।

ଅନେକ ଦିନ ପରେ ସେ ଭୁଲରେ ସୁଧା କେବେ

ଥରେ ହେଲେ ଏମିତି ଗନ୍ଧ ନାହିଁ । କେତେଦିନ ଧରି ସେ ଜାଣେନା, କିନ୍ତୁ ଅନେକ ଦିନ ଧରି ।

ଟ୍ରେକା ଦେହକୁ ଲାଗି ଗୋଟିଏ କୃଷ୍ଣଚୂଡ଼ାର ଗଛ । ଯାବକା ଗଛର ଶ୍ୟାମଳ ଶୀର୍ଣ୍ଣ ଲୁଚିଯାଇଛି କୃଷ୍ଣଚୂଡ଼ାର ରୁକ୍ମିଳ ଆବରଣ ତଳେ ।

ସୁନ୍ଦର ...... ନା ଖାଲି ସୁନ୍ଦର କହିଲେ ଅନେକ କିଛି ଅସମ୍ପୂର୍ଣ୍ଣ ରହିଯିବ । ସୁନ୍ଦର, କୋମଳ, କାନ୍ତ, ମଧୁର ଓ କମନୀୟ କୃଷ୍ଣଚୂଡ଼ାର ସେ ରକ୍ତିମ ବିକାଶ ।

ଆଷାଢ଼ର ଆକାଶରେ କଳାହାଣ୍ଡିଆ ମେଘ ମେଘର ମାଟି ଚୁହାଁଇ, ଆଉ ମେଘର କୋଳରେ କୃଷ୍ଣଚୂଡ଼ା । ବୈଷ୍ଣବ - ସାଧକର ଅତସୀ - କୁସୁମ କୃଷ୍ଣ ଚୂଡ଼ାରେ ମେଘର ମିଳିଛନ୍ତି ସଦ୍ୟ ସ୍ପନ୍ଦନ, କୃଷ୍ଣଚୂଡ଼ାର ଗୁଚ୍ଛ ।

ସିଗାରେଟ୍ ସରିଗଲା । ସଦାନନ୍ଦ ଜଳନ୍ତ ସିଗାରେଟ୍‌ଟା ଫିଙ୍ଗିଦେଲା ବାହାରକୁ ।

.... ଆହୁରି ଖୋଲ କଲମ ବାକୀ ।

ସଦାନନ୍ଦ ହିଂସ୍ର ଭାବରେ ଟ୍ରେକାଟା ବନ୍ଦ କରିଦେଲା । କ୍ରୀତଦାସର ପୃଥିବୀରେ ଜୀବନ ମାନେ ବଞ୍ଚିବା ନୁହେଁ କିନ୍ତୁ ଏକ ଅର୍ଥହୀନ ଜୀଇଁ ରହିବା । କ୍ରୀତଦାସର ଏ ପୃଥିବୀ । ଏହାର ପ୍ରତ୍ୟେକ ଅଧିବାସୀର ଅସ୍ଥି ମଜ୍ଜାରୁ ବଞ୍ଚିବାର ଆନନ୍ଦ ଶୋଷଣ କରିନେଇଛି ଦାସତ୍ୱ ।

ସହରତଳୀ କୁଲିବସ୍ତିର କୁଲି ଆଉ ସଦାନନ୍ଦ ଭିତରେ କଣ ବା ତଫାତ୍ ଅଛି ? କୁଲି, କାରଖାନା ମାଲିକର କ୍ରୀତଦାସ, ଆଉ ଆଦର୍ଶବାଦୀ ସଦାନନ୍ଦ, କ୍ରୀତଦାସ ଏକ ଆଦର୍ଶର ବା ଆଦର୍ଶବାଦର ।

ବରଂ କୁଲୀର ଜୀବନରେ ପୂର୍ଣ୍ଣତାର ଆସ୍ୱାଦ ଅଛି ।

ସମ୍ମୁଖରେ ମଦିରା ମିଳିଲା ଦିନ, ଅନ୍ତତଃ ଦିନକ ଲାଗି ସୁଦ୍ଧା ପାଣିମିଶା ସରାପ ପିଇ, ସେ ଜୀବନରେ ଶାନ୍ତି ପାଏ । କିନ୍ତୁ ସଦାନନ୍ଦର ସେତିକେ ନାହିଁ ଯେ ! ଜୀବନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ବିରାଟ ଅତୃପ୍ତି । ଆଦର୍ଶର ପୂର୍ତ୍ତିପ କାହିଁ ?

ଦମକାଏ ପବନରେ ଟ୍ରଙ୍କଟା ଆପେ ଆପେ ପୁଣି ଖୋଲିଗଲା ।

କ୍ରୀତଦାସର ମୁମୂର୍ଷୁ ଜୀବନ ପ୍ରତି ଜୀବନୋଚ୍ଛଳ କୃଷ୍ଣଚୂଡ଼ାର ସେଇ ରଙ୍ଗାଂ ଉପହାସ ।

ଏହା ଭିତରେ ଅନେକ, ଅନେକ ବର୍ଷ ବିତିଯାଇଛି । ଦିନେ ତମସାର ଜୁଡାରେ ନିଜ ହାତରେ ସେ ପିନ୍ଧାଇଥିଲା କୃଷ୍ଣଚୂଡ଼ାର ସ୍ତବକ । ସେ ଅନେକ ଦିନ ତଳେ, ଯେଉଁ ଦିନ ତମସା ଆସିଥିଲା ନବବଧୂ ସାଜି । ସେ ଦିନ ଏମିତି ହୁଏତ ବର୍ଷଣକ୍ଳାନ୍ତ ଆଷାଢ଼ର ଗୋଟିଏ ଅଳସ ମଧ୍ୟାହ୍ନ ।

ଆଜି ହାତରୁ ସେ ଚପଳତା ମରିଗଲାଣି ।

ଖୋଲିଟି ସ୍ତମ୍ଭ ଆଉରି ବାକୀ ।

ସଦାନନ୍ଦ ପୁଣି ଆସି ଟେବୁଲ୍ ପାଖରେ ବସି ପଡ଼ିଲା । କିନ୍ତୁ କଣ ଦେଇ ବା ସେ ପୂର୍ତ୍ତି କରିବ ଏ ବାକୀ ଖୋଲିଟି ସ୍ତମ୍ଭ ? ବିଲାତର ଦଲାଲୀ ? ରୁଷିଆର ଜମିଦାରୀ କୃଷି? ଆମେରିକାର ମହାଜନୀ ? ଭାରତର ମାନସିକ ଦାରିଦ୍ର୍ୟ ?.... ସେ ସବୁ ଲେଖିବା ପାଇଁ ସଦାନନ୍ଦର ଆଉ ଧୈର୍ଯ୍ୟ ନାହିଁ ଯେପରି ।

ଆଚ୍ଛା ଏଇ କୃଷ୍ଣଚୂଡ଼ାର କଥା ଖବର କାଗଜରେ ଲେଖି ହୁଏନା ? ଏଇ କାନ୍ତ, ଲଳିତ ରଙ୍ଗାଂ କୃଷ୍ଣଚୂଡ଼ା.... ଯାହାର ରକ୍ତିମ ବିଳାସରେ ଆଘାତରେ ଏଇ ନୀରବ, ମନ୍ଥର ମଧ୍ୟାହ୍ନ ଚପଳ ହୋଇଉଠିଛି ।

ନାଁ, ସମ୍ପାଦକର ପୃଥିବୀରେ କୃଷ୍ଣଚୂଡ଼ା ଏକ ଅବାନ୍ତର ସୃଷ୍ଟି । ସମ୍ପାଦକ ପୃଥିବୀ ହୁଏତ ଉପହାସ କରିବ, ଖବର କାଗଜର ସ୍ତମ୍ଭରେ କୃଷ୍ଣଚୂଡ଼ାର ବର୍ଣ୍ଣନା ।

କିନ୍ତୁ, ଏପରି ରାଜନୀତିର କଣ ପରିକଳ୍ପନା ହୁଏନା, ଯୋଉଁଥିରେ ଜୀବନର ଅର୍ଥ ଖାଲି ବଞ୍ଚିବା ନୁହେଁ, ଲକ୍ଷ୍ୟ ଖାଲି ସାମ୍ରାଜ୍ୟ ନୁହେଁ, ଆଧିପତ୍ୟ ନୁହେଁ, କ୍ଷମତା ନୁହେଁ, ଅନ୍ୟକୁ ଚୋପାଡ଼ି କରି ଅଭିବୃଦ୍ଧି ନୁହେଁ । ଯୋଉ ଜୀବନରେ କୃଷ୍ଣଚୂଡ଼ାର ମଧ୍ୟ ସ୍ଥାନ ଅଛି ।

ସଦାନନ୍ଦ ପୁଣି ଆସି ପ୍ରୁଫ୍ ବଜ ପାଖରେ ବସି ପଡ଼ିଲା ।

କିନ୍ତୁ ଏ ସଂକୀର୍ଣ୍ଣ କୋଣ ଭିତରେ ମନ ଆଜି ତାର ଯେମିତି ବିପ୍ଳବ କରି ଉଠିଛି । କୃଷ୍ଣଚୂଡ଼ା ସେଇ ବିପ୍ଳବର ଗୈରିକ ପତାକା ଉଡ଼ାଇ ଦେଇ ଯାଇଛି ବାହାରର ପୃଥିବୀରେ !

ସଦାନନ୍ଦ ଚଉକୀ ଛାଡ଼ି ଉଠି ଆସିଲା, ସମ୍ମୋହିତ ପରି । ତା' ପରେ ଅଫିସ ଛାଡ଼ି ପଳାଇ ଆସିଲା ବାହାରକୁ ।

ବାହାରେ ବର୍ଷା ବନ୍ଦ ହୋଇ ଯାଇଛି । ସଦାନନ୍ଦ ଠିଆ ହେଲା ଆସି କୃଷ୍ଣଚୂଡ଼ାର ସେଇ ଗଛ ତଳେ । ତଳର ସବୁଜ ଘାସ ଶେଯ ଉପରେ ପବନରେ ବିଚ୍ଛେଇ ହୋଇ ପଡ଼ିଛି, କୃଷ୍ଣଚୂଡ଼ାର ନାଲି ପାଖୁଡ଼ା ।

ସଦାନନ୍ଦର ଦେହର ପ୍ରତି ଧମନୀରେ ଜାଗି ଉଠିଲା ଯେପରି ଆଦ୍ୟ ଯୌବନର ମତ୍ତ ଚପଳତା । ଗଛରେ ଚଢ଼ି ଇଚ୍ଛା ହେଲା ତାର ମନଭିତରେ କୃଷ୍ଣଚୂଡ଼ା ତୋଳିବା ପାଇଁ ।

ଭିତରେ କିନ୍ତୁ, ସଦାନନ୍ଦ ଖୋଜି ପାଇଲା ନାହିଁ ସାହସ । ସଦାନନ୍ଦ, ଏ ବୟସରେ ଗଛରେ ଚଢ଼ି କୃଷ୍ଣଚୂଡ଼ା ତୋଳୁଛି — ପୃଥିବୀ ଉପହାସ କରିବ । ସଦାନନ୍ଦ ଗୃହଆଡ଼କୁ

ଗୁଞ୍ଜିଲା । ପୁଣି ଆସେ ମଣିଷ । ପୁଣି ଆସେ ଖାଲି ଅଗଣିତ ଘୃଣ୍ୟ କୁତ୍ସିତ ଦ୍ୱିପଦ ପଶୁ ।

ଏଇ ରମେଶ ଆସୁଛି, ଆସୁଛି ହଷ୍ଟେଲରୁ କଣ ଗୋଟାଏ ନୂଆ ଅସୁବିଧାର ଅଭିଯୋଗ ନେଇ ।

ରମେଶ କହିଲା ... ପ୍ରେସ ବନ୍ଦ । ଆପଣ ଏଣେ ବୁଲୁଛନ୍ତି କିନ୍ତୁ କାଲି କମ୍ପୋଜିଟରମାନେ କେମିତି ଦରମା ପାଇବେ କହନ୍ତୁ ତ ।

ସଦାନନ୍ଦ କହିଲା ... ଜାଣେ ନା ।

ରମେଶ ପଚାରିଲା ... ମାନେ ?

ସଦାନନ୍ଦ କହିଲା ... ଜାଣେ ନା । ତମେ ଯାଅ ରମେଶ । ମୋତେ ଆଉ ବିବ୍ରତ କରନା ।

ରମେଶ ଅଭିଭୂତ ପରି ସେଠୁ ଚାଲି ଆସିଲା ।

କିଛି ସମୟ ପରେ ସଦାନନ୍ଦ ମଧ୍ୟ ଫେରି ଆସିଲା । ପୁଣି ଆସେ ମଣିଷ । ଘରରେ ରହି କୃଷ୍ଣଚୂଡ଼ା ତୋଳିବା ପାଇଁ ସାହସ ହେଲା ନାହିଁ ତାର ।

ରାତି ଅନେକ ହୋଇଛି ।

ମେଘାକ୍ରାନ୍ତ ଆକାଶରେ ହୋଇଛି କୃଷ୍ଣପକ୍ଷର ମଳିନ, ବିଳମ୍ବିତ ଚନ୍ଦ୍ରୋଦୟ ।

ସେଇ ମଳିନ ଜ୍ୟୋତ୍ସ୍ନାର ଗୋଟିଏ ଫଳକ ପଡ଼ିଛି ଆସି ସ୍ୱପ୍ନ ତମସା ଉପରେ ।

ସଦାନନ୍ଦର ଆଖିରେ ନିଦ ନାହିଁ । ଦୁଇ ଆଖିରେ ତାର କୃଷ୍ଣଚୂଡ଼ାର ରକ୍ତିମ ଚପଳତା ।

ଏଇ ସେଇ ତମସା ... ଯାହାର କବରୀରେ ସଦାନନ୍ଦ ଦିନେ ଖୋସି ଦେଇଥିଲା କୃଷ୍ଣଚୂଡ଼ାର ସ୍ତବକ ? ନା ଏ ତମସା, ସେ ନବବଧୂ ତମସା ନୁହେଁ, ଯାହାର କବରୀରେ ସେ ଦିନ ପୁଞ୍ଜୀଭୂତ ହୋଇ ରହିଥିଲା ତମସାବୃତ ରାତ୍ରିର ମାୟା । ସେ

ତମାସା ମରିଯାଇଛି ।

ମହିମା ମରିଯାଏ, କୋଡ଼ିଏକ ବର୍ଷର ଅଲକ୍ଷିତରେ ମରିଯାଏ । ତା' ପରେ ଯେଉଁ ଅବଶିଷ୍ଟ, ଜୀବନ ପଡ଼ିରହେ, ସେ ଖାଲି କ୍ରୀତଦାସର ବୈଚିତ୍ର୍ୟହୀନ ଜୀଇଁବା ।

ତମାସା ମରିଯାଇଛି । ସଦାନନ୍ଦ ମରିଯାଇଛି ।

ସଦାନନ୍ଦ ବିଛଣା ଛାଡ଼ି ଅତି ସନ୍ତର୍ପଣରେ ଘରୁ ବାହାରିଲା । ସେଇ କୃଷ୍ଣଚୂଡ଼ା ଗଛ ।

ସୁପ୍ତ ପୃଥିବୀର ଶଯ୍ୟା ଉପରେ କୃଷ୍ଣଚୂଡ଼ା ଯୋପାର ଗୁମର ଡୋଲାଉଛି ।

ସଦାନନ୍ଦ ଗଛତଳେ ଯାଇଁ ଠିଆ ହେଲା । ଦେହରେ ଲୁଗାପଟା ଭିଡ଼ିଲା, ଗଛରେ ଚଢ଼ିବା ପାଇଁ; କିନ୍ତୁ ମନେହେଲା ତାର ସେ ଯେମିତି ଅଥର୍ବ, ପଙ୍ଗୁ ହୋଇଯାଇଛି । ଦେହର ପ୍ରତି ଅଙ୍ଗ ପ୍ରତ୍ୟଙ୍ଗରୁ ଆଗର ସେ ଜୀବନ, ଚପଳତା ମରିଯାଇଛି ।

ତଥାପି ସଦାନନ୍ଦ ଗଛରେ ଚଢ଼ିବାକୁ ଆରମ୍ଭ କଲା, ସମସ୍ତ, ଶକ୍ତି, ଓ ସାମର୍ଥ୍ୟ ପ୍ରୟୋଗ କରି ।

ହଠାତ୍ ପଛରୁ ଶୁଭିଲା ... କୋନ୍ ହାୟ ।

ରାତି ଡିଉଟିର କନେଷ୍ଟବଲ । ଦେହରୁ ପାଦ ପର୍ଯ୍ୟନ୍ତ ବର୍ଷାତି । ହାତରେ ଖଣ୍ଡେ ଠେଙ୍ଗା । ଓଠରେ ଖଣ୍ଡେ ବିଡ଼ି ।

ସଦାନନ୍ଦ ଗଛରୁ ଖସି ଆସିଲା ।

କନେଷ୍ଟବଲ ଟର୍ଚ୍ଚ ମାରିଲା ସଦାନନ୍ଦ ଉପରକୁ ।

"... ଓ ଆପଣ । ଏତେ ରାତିରେ ?"

ସଦାନନ୍ଦ ଅପ୍ରତିଭ ହୋଇ କହିଲା ... "ନା - ଏମିତି - କିଛି ନାହିଁ ।"

କନେଷ୍ଟବଲ ଆଉ କିଛି କହିବା ଆଗରୁ ସଦାନନ୍ଦ ଦ୍ରୁତପାଦରେ ସେଠୁ ଚାଲି ଆସିଲା ।

ମନେହେଲା ତାର ଏ ପୃଥିବୀ ମରିଯାଇଛି । ସଦାନନ୍ଦ ମରିଯାଇଛି । କୃଷ୍ଣଚୂଡ଼ା କେବଳ ସେଇ ଏକଦା-ଚଞ୍ଚଳ ଜୀବନର ଅମ୍ଳାନ ସ୍ମାରକୀ ।

କାଞ୍ଚନମାଳା

ଶ୍ରୀମତୀ ଅପର୍ଣ୍ଣା ଦେବୀ

ଗୋଟିଏ ରାଜ୍ୟରେ ଜଣେ ରଜା ଥିଲେ । ତାଙ୍କର ସାତ ପୁଅ । ସବୁଗୁଡ଼ିକ ବାଢ଼ୁଅ ଥାଆନ୍ତି । କେହି ବିଭା ହୋଇ ନାହାନ୍ତି ।

ଦିନେ ରଜା ମନ୍ତ୍ରୀଙ୍କି କହିଲେ, — "ମନ୍ତ୍ରୀ ! ମୋ ସାତ ପୁଅଙ୍କ ପାଇଁ ଏକା ମଣ୍ଡୁରେ ସାତୋଟି କନ୍ୟା ଆଣିଦିଅ, ବିଭାଘର ହେବ ।"

ମନ୍ତ୍ରୀ କହିଲେ, — "ଆଜ୍ଞା, ଏକା ମଣ୍ଡୁରେ ସାତୋଟି କନ୍ୟା ମୁଁ କାହୁଁ ଆଣିବି ?"

ରଜା କହିଲେ, — "ତେବେ କଅଣ କରିବା ? ସବୁ କନ୍ୟାତକ ତ ଏକାପରି ନ ହେଲେ ପୁଅ ଗୁଡ଼ାକ କଳିକଜିଆ କରିବେ । ସମସ୍ତେ କହିବେ ଭଲ କନ୍ୟାକୁ ନବାକୁ, ଏଥିକି ଉପାୟ କଅଣ ?"

ମନ୍ତ୍ରୀ କହିଲେ, — "ତେବେ ଗୋଟିଏ କଥା କରନ୍ତୁ ମୋ ସବୁ ଅଳିଆ ଏକାବେଳକେ ତୁଟିଯିବ ।"

"କଅଣ କହିଲ ଦେଖି ।"

"ଆଜି ସାତୋଟିଯାକ କୁମାରଙ୍କୁ ନେଇ ଗଡ଼ ପାଚେରୀ ଉପରକୁ ଯିବା, ସେଠି ସାତ ପୁଅଯାକ ସାତ ଦିଗକୁ କାଣ୍ଡ ବିନ୍ଧିବେ । ଯାହା କାଣ୍ଡ ଯେଉଁ କନ୍ୟା ଦୁଆରେ ବାଜିବ, ସେ ସେଇ କନ୍ୟାକୁ ବିଭାହେବ ।"

ଏ କଥାଟି ରଜାଙ୍କ ମନକୁ ଆସ୍ଥା ପାଇଲା । ସେ ସାତପୁଅଙ୍କୁ ନେଇ ଗଡ଼ ପାଚେରୀ ଉପରକୁ ଗଲେ, କହିଲେ, — "ତୁମେ ସବୁ ଏଠି ଠିଆ ହୋଇ ଚାରିଆଡ଼କୁ କାଣ୍ଡ ବିନ୍ଧ ; ଯାହା କାଣ୍ଡ ଯେଉଁ କନ୍ୟାପାଖରେ ପଡ଼ିବ, ସେ

ସେଇ କନ୍ୟାକୁ ବିଭା ହେବ ।”

ସାତ ଭାଇଯାକ କାଣ୍ଡ ବିନ୍ଧିଲେ ।

ଛଅଙ୍କର କାଣ୍ଡ ଗୋଟିଏ ଗୋଟିଏ ସୁନ୍ଦରୀ କନ୍ୟାଙ୍କ ପାଖରେ ପଡ଼ିଲା ; ହେଲେ , ସାନ ଭାଇର କାଣ୍ଡଟି କୁଆଡ଼େ ଗଲା , ତାର କିଛି ପତ୍ତା ମିଳିଲା ନାହିଁ ।

ରଜା ଛଅଟିଯାକ କନ୍ୟାଙ୍କୁ ଆଣି ଛଅ ପୁଅଙ୍କୁ ବିଭା କରିଦେଲେ ।

ଛଅ ଭାଇଯାକ ବିଭା ହୋଇ ଆନନ୍ଦରେ ଘରଦୁଆର କଲେ ; ଖାଲି ସାନ ଭାଇଟି ଅଭିଆଡ଼ା ରହିଲା । ତା ମନରେ ଆଉ ଜମାରୁ ସୁଖ ନ ଥାଏ । ସେ ଖାଲି ଗୁରୁଆଡ଼ ବଣ ଜଙ୍ଗଲ , ଟୋଟା , ଲଟା , ଗାଁ ଗଣ୍ଡା , ବୁଲି ତା ଶରଟିକି ଖୋଜୁଥାଏ ।

ଖୋଜୁ ଖୋଜୁ ଦେଖିଲା — ଅଗାଧ ବନସ୍ତ ଭିତରେ ଗୋଟାଏ ଶାକଡ ବଡ଼ ବରଗଛ , ସେଥିରେ ଗୋଟାଏ କୋରଡ଼ , ସେ କୋରଡ଼ ଭିତରେ ଗୋଟାଏ ମାଈ ମାଙ୍କଡ଼ ଗୋଡ଼ ଯୋଡ଼ାକ ଲମ୍ବେଇଦେଇ ବସିଛି , ଆଉ ତାହାର ପାଦତଳକୁ ଲାଗି ଶରଟି ପଡ଼ିଛି ।

ରଜାପୁଅ ସେଇ ମାଈ ମାଙ୍କଡ଼ଟିକି ନେଇ ବାପା ପାଖକୁ ଗଲା , କହିଲା — “ ମହାରାଜ ! ମୋ ଶର ଏହାର ପାଖରେ ପଡ଼ିଥିଲା । ଏହା ସଙ୍ଗରେ ମୋତେ ବିଭା କରିଦିଅ ।”

ରଜା କହିଲେ — ଦୁର ମୂର୍ଖଟା ! ରଜାପୁଅ ହୋଇ ମାଙ୍କଡ଼ଟାକୁ ବିଭା ହେବୁ ! ଛନହି ଛନହି , ଏକଥା ଶୁଣିଲେ ଲୋକେ ହସିବେ ।

ସାନପୁଅ କହିଲା , “ ହସିଲେ ହସନ୍ତୁ ପଛକେ , ମୁଁ ଲୋଡ଼େବେଳେ ସତ୍ୟ କରିଛି , ମୁଁ ତ କେବେ ଲଙ୍ଘନ

କରିବି ନାହିଁ ।”

ରଜା କହିଲେ, “ତୁ ଯେବେ ମାଙ୍କଡ଼ଟାକୁ ବିଭା ହେବୁ, ତେବେ ଏତେ ଘରେ ରହିବୁ ନାହିଁ ।” ପୁଅ କହିଲା, ନ ରହିଲେ ନ ରହି ପାରୁକେ, ମୁଁ ଅଧର୍ମ କଥା କରିବି ନାହିଁ । ମୁଁ ସତ୍ୟ ଲଙ୍ଘିବି ନାହିଁ ।

ରଜା ଆଉ କଣ କରିବେ ? ସେ ମାଙ୍କଡ଼ଟିକି ସାନପୁଅକୁ ବିଭା କରିଦେଲେ । ତା ଉତ୍ତାରୁ ରାଜ ବାହାରେ ଖୁବ୍ ଦୂରରେ ବଣ ଭିତରେ ଖଣ୍ଡେ କୁଡ଼ିଆ ଘର ତୋଳେଇ ଦେଇ ପୁଅକୁ କହିଲେ — ତୁ ଯା, ତୋ ମାଙ୍କଡ଼ି ଭାରିଯାକୁ ଘେନି ସେଇ ଘରେ ରହିବୁ ।

ରଜାପୁଅ ମାଙ୍କଡ଼ ଭାରିଯାଟିକି ଘେନି ସେଇ ଘରେ ଥାଏ । ଏମିତି କେତେ ଦିନ ବିତିଗଲା ; ଦିନେ ରଜା ସପନ ଦେଖିଲେ ତାଙ୍କ ସାନପୁଅ ମହା ସୁଖରେ ଅଛି ; ଆଉ ସେଇ ମାଙ୍କଡ଼ ହୋଇଛି ଗୋଟିଏ ସ୍ୱର୍ଗ ଅପସରା ପରି ଦିଶୁଛି, ପୁଅର କେତେ ଚାକରବାକର — ଚୋହଳ ବି ଏମିତି କେତେ ଆଉ ଯୋଉଳୀ ଅଛନ୍ତି ; କୋଇଲି ବୈକୁଣ୍ଠ ପରି ଘରଦୁଆର, ଅସ୍ତମାରୀ ଧନ ଦରବ, ଅନେକ ହାତୀ ଘୋଡା ଅଛନ୍ତି ।

ରଜାଙ୍କ ନିଦଟା ଚହଁକନା ଭାଙ୍ଗିଗଲା ; ସେ ମନ୍ତ୍ରୀଙ୍କି ସେଇକ୍ଷଣି ଡକାଇ ଆଣିଲେ, କହିଲେ — ମନ୍ତ୍ରୀ ! ମୁଁ କାଲି ସାନ ପୁଅକୁ ଦେଖିବାକୁ ଯିବି, ତୁମେ ଆଜି ତା ପାଖକୁ ଖବର ଦିଅ ।

ମନ୍ତ୍ରୀ ସେଇକ୍ଷଣି ଖଣ୍ଡେ ଚିଠି ଲେଖି ବଣ ଭିତରକୁ ରଜାପୁଅ ପାଖକୁ ପଠେଇଦେଲେ । ସେ ଭାଷା ଖଣ୍ଡି ପଢ଼ି ରଜାପୁଅର ହୃଦ୍‌କମ୍ପ । ତାକୁ ପର୍ବତ ମାଡ଼ି ପଡ଼ିଲାପରି ଲାଗିଲା । ତାର ତ ବଣ ଭିତରେ ଖଣ୍ଡେ କୁଡ଼ିଆ ଘର ସେଥିରେ ପୁଣି

ମାଙ୍କଡ଼ ଭାଇମାନଙ୍କୁ ନେଇ ଧରିବାର । ରଜା ଆସିଲେ କ'ଣ କରିବ , କୋଉଁଠି ବସେଇବ , କ'ଣ ବା ଖାଇବାକୁ ଦବ , କେମିତି ଚର୍ଚ୍ଚା କରିବ , କେମିତି ରଜା ସନ୍ତୋଷରେ ଯିବେ ? ନହେଲେ ରଜା ରାଗିଯାଇ ତା ମାଙ୍କଡ଼ ଭାଇମାନଙ୍କୁ ମାରି ଘଉଡ଼େଇବେ , ତେବେତ ତାର କଥାରି ସରିବ । ଏମିତି ଗୁହାଏ ବଗୁରି ବଗୁରି କାନ୍ଦୁଥାଏ ।

ଏଇଥି ଭିତରେ କ'ଣ ହୋଇଛି ନା , ମାଙ୍କଡ଼ କେତେବେଳରୁ ଥିର୍ ଥିର୍ ହୋଇ ଆସି ରଜାପୁଅର ପାଖ ପାଖରେ ଠିଆ ହୋଇ ଚିଠିଟିକୁ ଏକାଲମ୍ବରେ ଗୁହାଁଛି । ଯିମିତି ତାର ଆଖିରୁ ଲୁହ ଗଡ଼ୁଥିବାର ଦେଖିଲା, ସିମିତି ଝଡ଼ପଡ଼ କରି ତା ହାତ ଛୋପକ ପରି ପକାଇ ତା ହାତରେ ଖଣ୍ଡେ କାଗଜ ଗୁଞ୍ଜି ଦେଲା । ତା ଦେଖି ରଜାପୁଅ କାବା ! "ଏ କଣ? ଏ ତ ଖଣ୍ଡେ ଲେଖା ପତ୍ର ଦିଶୁଛି । ଏ ମାଙ୍କଡ଼ କୋଉଠୁ ଆଣିଲା? ଦେଖି ପଢ଼େ ।"

ଯା' ବଗୁରି ପାଟ ପଢ଼େ ତ , ଚିଠିରେ ଲେଖା ହୋଇଛି—

"ପ୍ରାଣନାଥ !

ଚିଠି ପଢ଼ି ରଜାପୁଅ କାବା ! ଏ କଣ ମାଙ୍କଡ଼ର ବୁଦ୍ଧି ! ନା, କୋଉଠୁ ଖଣ୍ଡେ କାଗଜ ଗୋଟେଇ ଆଣିଛି ? ଯା' କଥାରେ ପଡ଼ିଲେ ଆଉରି ହିନସ୍ତା ହେବି ସିନା ?

ଯା' ବଗୁରି ଚିଠିଟାକୁ ଫୋଂପାଡ଼ି ଦେଇ ରଜା ପୁଅ ପୁଣି କାନ୍ଦି ବସିଲା ।

ମାଙ୍କଡ଼ କେତେ ପ୍ରକାରରେ ହାତ ହଲେଇ , ମୁହଁ ବୁଲେଇ , ଲାଞ୍ଜ ହଲେଇ , କପାଳରେ ହାତ ମାରି , ଆଖି ଠାରି ରଜାପୁଅକୁ କ'ଣ କହୁଥାଏ , ରଜାପୁଅ ତା କଥା କିଛି ବୁଝିପାରୁ ନ ଥାଏ , ସିମିତି କାନ୍ଦୁଥାଏ ।

ଝୋପକୁ ତା କାନ୍ଦଣା ଆଉ ମାଙ୍କଡ଼ ସହି ପାରିଲା ନାହିଁ ; କହିଲା — "ହଇରେହୋ, ମୋ କଥା କିଆଁ ସତ ମଣୁ ନାହିଁ ?"

ମାଙ୍କଡ଼ କଥା କହିବାର ଶୁଣି ରଜାପୁଅ ତ ତାଟକା। କହିଲା ଏଁ ! ଏଁ ! ହଇରେଲୋ ତୁ କେମିତି ସୁନ୍ଦର କଥା କହି ଜାଣୁ !

ମାଙ୍କଡ଼ କହିଲା — ଆଉ କଣ କରନ୍ତି ? କଥା ନ କହିଲେ ତ ଚଳିବ ନାହିଁ । ମୁଁ ଯାହା କହିଲି ତା କର, ଏବେ ଯାଅ, ଶୁଅନା । ମୁଁ ହେ ସବୁ କାମ ତୁଲେଇ ନେବି ।

ଯା' ଶୁଣି ରଜା ପୁଅର ବଳକୁ ବଳେ । ସେହିଲାଗି ରଜାଙ୍କ ପାଖକୁ ତାଙ୍କ ପାତ୍ରମନ୍ତ୍ରୀ ପ୍ରଜାପାଟକ ସଭିଙ୍କି ନିମନ୍ତ୍ରଣ କରି ଖବର ପଠେଇ ଦେଲା ।

ଖବର ପାଇ ରଜାତ କାବା । ମନ୍ତ୍ରୀଙ୍କି କହିଲେ, ମନ୍ତ୍ରୀ, ଏତ ବଡ଼ ଆଶ୍ଚର୍ଯ୍ୟ କଥା । ସାନପୁଅ ତ ରାଇଜଯାକ ଲୋକଙ୍କୁ ନିମନ୍ତ୍ରଣ କରିଛି ; ଏ କେମିତକା କଥା ? ଆଚ୍ଛା, ତୁମେ ରାଇଜରେ ନାଗରା ଦେଇ ସମସ୍ତଙ୍କୁ ଜଣାଇ ଦିଅ, କାଲି ସକାଳୁ ସମସ୍ତେ, ଆମ ଗହଣରେ ସାନପୁଅ ଘରକୁ ଯିବେ ।

ମନ୍ତ୍ରୀ ନାଗରା ଦେଇ ରାଇଜଯାକ ଲୋକଙ୍କୁ ନିମନ୍ତ୍ରଣ କରି ଦେଲେ । ରାଇଜ ତୁଳ୍‌ତୁଳ୍ କମ୍ପୁଛି, ସମସ୍ତେ ଯିବେ ରଜାଙ୍କ ସାନ ପୁଅଙ୍କୁ ଦେଖିବାକୁ ।

ଏଣେ ସକାଳ ହେଲାଣି ; ଏଇଲାଗି ତ ରଜା ଆସିବେ — ଯୋଗାଡ଼ ନାଗର କିଛି ନାହିଁ, ଏ ତ କଣ ଥିଲ ହୋଇ ବସିଛି, କି କରିବି ମୁଁ ! ଚାର୍ ମାଙ୍କଡ଼ଟା ବୁଦ୍ଧିରେ ପଡ଼ି "ସତ୍ୟାନାଶ ଗଲି ।" ରଜାପୁଅ ଏମିତି ଗୁଡାଏ ବିଗୁଲି ମାଙ୍କଡ଼କୁ କହିଲା, — "ହଇରେଲୋ ! ତୁ କଲୁ କଣ?

ମୁଁ ଏବେ ଯିବି କୁଆଡ଼େ ?"

ମାଙ୍କଡ଼ କହିଲା "କିଛି ଡରେଇ କର ନା । ତୁମେ ଏଇ ଲୁହା କାଟୁଳିଟା ନେଇ ଯାଅ, ସେଇ ବରଗଛ କୋରଡ଼କୁ ଲାଖ କରି ମାର, ତେତିକି ଯାହା ହେବ, ମୁଁ ବୁଝିବି ।

ରଜାପୁଅ ମାଙ୍କଡ଼ଠୁଁ କାଟୁଳିଖଣ୍ଡଟା ନେଇ ସେଇ ବରଗଛ ମୂଳକୁ ଗଲା । ସେ ଯେମିତି କାଟୁଳିକୁ କୋରଡ଼ ଭିତରକୁ ଲାଖ କରିଛି, ସେମିତି ଗୋଟାଏ ଫାଟା ରାଜଦାଣ୍ଡ ସେ କୋରଡ଼ ଭିତରେ ଦିଶିଗଲା ।

ରଜାପୁଅ ସେଇ ସଡ଼କେ ସଡ଼କେ ଯାଇ ଦେଖେ ତ, ଆଗରେ ଜବର ବଡ଼ କୋଠା, ଘର, ଦୁଆର, ତଳ, ଉପର ସବୁ ସୁନା, ଆଉ ଲୋକବାକ ସିପେଇ ପାଇକ ସମସ୍ତେ ଭରିଲା ; ମଗଦେ ବୋଲି ଗୋଟିଏ ନାହିଁ ।

ପାଇଁଏ ମାଇପେ ଆସି ରଜାପୁଅକୁ ଭାରି ଆଦର ଚାହିରବ କରି ଘରକୁ ନେଇଗଲେ । ଘର ଭିତରେ ଭାରି ବଡ଼ ସଭାମଣ୍ଡପ, ଗୁରୁପଟରେ ଜରିର କନାତିବାଡ଼, ମଝିରେ ମଖମଲ ଗଦି, ଗଦି ଉପରେ ସୁନାସିଂହାସନ । ଆଉ ସେହି ସିଂହାସନ ଉପରେ ଅପୂର୍ବ ସୁନ୍ଦରୀ କନ୍ୟାଟିଏ ବସିଛି, ତା ରୂପରେ-

ତାକୁ ଦେଖି ରଜାପୁଅ କାବା ! ସେ ମାଇପିଟି ରଜାପୁଅକୁ ଦେଖିଲାକ୍ଷଣି ହସି ହସି ସିଂହାସନରୁ ଓହ୍ଲାଇ ଆସି ତା ହାତ ଯୋଡ଼ିକି ଧରି ପକାଇଲା, କହିଲା —

ସେଇକ୍ଷଣି ମାଇପେ ରଜାପୁଅକୁ ସାଙ୍ଗରେ ନେଇ କୋରଡ଼ ଆରପଟରେ ଛାଡ଼ିଦେଲେ । ରଜାପୁଅ ପଛକୁ ଲେଉଟି ଚାହିଁ ଦିଏ ତ ଯୋଉ ବରଗଛକୁ ସେଇ ବରଗଛ, ଯୋଉ କୋରଡ଼କୁ ସେଇ କୋରଡ଼ ; ତା ଭିତରେ ଏତେ କଥା ଥିବାର ଚିହ୍ନବର୍ଣ୍ଣ ନାହିଁ । ରଜାପୁଅ ମନେ ମନେ

ଆଶ୍ଚର୍ଯ୍ୟ ହୋଇ ଏଣୁ ତେଣୁ ବାରକଥା ଭାବୁଭାବୁ ନିଜ କୁଡ଼ିଆକୁ ଗଲା ।

କିନ୍ତୁ କୁଡ଼ିଆକୁ ଯିବ କଣ ? ବାଟ ଅପରୁ ତ ଚୁଙ୍ଗୁଆ ହେଲାଣି । ସେ କୁଡ଼ିଆ ଘର କାହିଁ, ସେ ବଣ ଜଙ୍ଗଲ କାହିଁ ? ଏତ କଅଣ କେତେ ସୁନ୍ଦର ସହରଟାଏ, କେତେ ରାସ୍ତା କୁଆଡ଼େ ପଡ଼ିଛି, ହଜାର ହଜାର କୋଠା, ଦୋକାନ ବଜାରର ସୀମା ନାହିଁ ; କେତେ ପୋଖରୀ , କେତେ କୂଅ , କେତେ ଫୁଲ ତୋଟା , ହଜାର ହଜାର ଲୋକଙ୍କର ଝିକାଝିଣା , ଯା ଆସ , ନେଏଣା ଦେଏଣା ଲାଗିଛି ; ଆଉ ସହରର ଠିକ୍ ଚକମୁଣ୍ଡରେ ମସ୍ତ ବଡ଼ ଏକ କୋଠା ରାଜାଙ୍କ ନଅର ପରି ଦିଶୁଛି । କଅଣ କରିବ ? ଏ କେଉଁ ଦେଶ? ମୁଁ ଏବେ ବାଟବଣା ହୋଇ କୁଆଡ଼େ ଆଇଲି ? ରଜାପୁଅ ଇମିତି ଭାବୁଭାବୁ ଆସୁଥାଏ , ଆଉ ଯାହାକୁ ଦେଖୁଥାଏ, ତାକୁ ପଚାରୁଥାଏ , "ହଇହୋ ! ଏ କେଉଁ ରାଜାଙ୍କ ରାଇଜ?"

ହେଲେ , କେହି ତାକୁ କିଛି ଉତ୍ତର ଦିଅ ନ ଥାନ୍ତି, ସମସ୍ତେ, ହସି ହସି ବାଟ ଆଡ଼େଇ ଚାଲିଯାଉଥାନ୍ତି ।

ରଜାପୁଅ ସିଂହଦୁଆର ପାଖରେ ପହଞ୍ଚିବା ଛାଗି ବାଜଣା ବାଜି ଉଠିଲା , ପାଇକମାନେ ଦି ପାଖରେ ଧାଡ଼ି ବାନ୍ଧି ଠିଆ ହୋଇଗଲେ , 'ମହିମା' 'ମହିମା' ବୋଲି ଚାରିଆଡ଼େ ଗୋଟାଏ ହୁଲ ପଡ଼ିଗଲା , ଆଉ ପାଞ୍ଚୋଟି ଅପ୍ସରା ମାଇପେ ଆସି ସୁନାଝରୀରେ ରଜାପୁଅର ଗୋଡ଼ ଧୋଇ ଦେଇ ହାତ ଧରି ସେ ଉଆସ ଭିତରକୁ ନେଇଗଲେ ।

ଘର ଦେଖି ରଜାପୁଅ ଆହୁରି ତାଟକା । କେତେ ଘର , କେତେ ଅଗଣା , କେତେ ଦୁଆରଣ୍ଡ , ତାର ସୀମା ନାହିଁ। ଲୋକବାକ ଧାଇଁ ପୋଇଲୀ ଗୁହାଳ ଯେ କେତେ , ତାର କିଛି

ଶୁମାର ନାହିଁ । ସମସ୍ତେ ରଜାପୁଅକୁ ଦେଖିଲାକ୍ଷଣି ମାଉନ କରି ଜୁହାର କରି ଆଡ଼େଇ ଆଡ଼େଇ ହୋଇ ଯାଉଥାନ୍ତି ।

ଭିମିଡ଼ ଯାଉଁ ଯାଉଁ ଆଗରେ ପଡ଼ିଲା ଦରବାର ଘର, ନାସ୍, ବଡ଼ ଘର । ସେ ଘରେ ରଜାପୁଅର ବାପ, ଟୁ ଭାଇ, ବାପାଙ୍କ ପାତ୍ର, ମନ୍ତ୍ରୀ, ସାହେବ, କଟୁଆଳ ହେଇକା ସମସ୍ତେ, ବସି ଗପସପ କରୁଛନ୍ତି ।

ରଜା ସାନପୁଅକୁ ଦେଖିଲାକ୍ଷଣି କହିଲେ — "ଆ, ଆ, ଏତେବେଳ ଯାଏ କୁଆଡ଼େ ଯାଇଥିଲୁ ? ଆମେ ସମସ୍ତେ, ତତେ ଖୋଜୁଛୁ । ହଇରେ ! ତୁ ଏଡ଼େ ବଡ଼ ରଜା ହେଲୁଣି, ଆମକୁ ଟିକିଏ ଖବର ଦେଲୁ ନାହିଁ ? ଛି ! ବାପ ଉପରେ ଏଡ଼େ ରାଗ କରନ୍ତି କି ? ହଉ ମୋ ବାପ ! ତୁମେ ସମସ୍ତେ, ସୁଖରେ ରହିଲେ, ମୁଁ ସବୁ ପାଇଲି। ଆମେ ସବୁ ତୋ ଉଆସରେ ଯୋଉ ଆଦର ଟେରଗୁ ପାଇ ସନମାନ ହେଲୁଣି, ତା ଆଉ ମନରୁ ଯିବ ନାହିଁ । ହଇରେ ପୁଅ ! ସେ ମାଙ୍କଡ଼ଟା କୁଆଡ଼େ ଗଲା କି ? କାହିଁ, ତାକୁ ତ କୋଉଠି ଦେଖୁ ନାହିଁ ? କଅଣ ମରିଗଲାଣି କି ? ଯାଉ, କାଣ୍ଠୁ ଗଲା ।"

ରଜାପୁଅ କହିଲା — "ନାହିଁ ବାପ୍ପା ! ତାହାରି ଲାଗି ତ ମୋର ଏଡ଼େ ଭାଗ୍ୟ ! ସେ ଘର ଭିତରେ କୋଉଠିଁ ଅଛି ।"

ରଜା କହିଲେ, "ତେବେ ତାକୁ ଆଣିଲୁ ଦେଖି ? ତୁମ ଦୁହିଁଙ୍କି ଆଶୀର୍ବାଦ କରି, ମୁହାଁବୁହାଁ ହେଇ ମୁଁ ବିଦା ହେବି ।"

ରଜାପୁଅ 'ହଉ ଆଜ୍ଞା' ବୋଲି କହି ମାଙ୍କଡ଼କୁ ଆଣିବାକୁ ଗଲା ଯିନା — କିନ୍ତୁ ମାଙ୍କଡ଼କୁ ଆଣିବ କଅଣ, ସେ ତ

ମାଙ୍କଡ଼କୁ ଖୋଜୁ ଖୋଜୁ ଆକୁଳ ।

ତେଣିକି ଉଆସ ଭିତରକୁ ପଶି ଯାଉଥାଏ , ଘର ଉତ୍ତାରୁ ଘର , ଅଗଣା ଉତ୍ତାରୁ ଅଗଣା , ସାହାଲାକୁ ସାହାଲା ଘର , କିନ୍ତୁ ମାଙ୍କଡ଼ କୋଉଠି ନାହିଁ । ଶେଷକୁ ଯାଉଁ ଯାଉଁ ଦେଖେ ତ ଦିବ୍ୟସୁନ୍ଦର ରୂପରେ କାଞ୍ଚନମାଳା ତା ସଖୀମାନଙ୍କୁ ନେଇ ଗୋଟାଏ ସିଂହାସନରେ ବସିଚି । ଯାହା ଦେଖି ରଜାପୁଅ କାବା ! ଭାବୁଥିଲା , ଏ ଏଠିକି କିମିତି କେତେବେଳେ ଅଇଲା? ମୋ ମାଙ୍କଡ଼ କୁଆଡ଼େ ଗଲା ?

କାଞ୍ଚନମାଳା ହସି ହସି ରଜାପୁଅକୁ କହିଲା – " କି ହେ , ମୋ କଥା ସତ କି ମିଛ ?"

ହଁ ତା ତ ସତ , କିନ୍ତୁ ମୋ ମାଙ୍କଡ଼ କାହିଁ ? ଯାହା ଶୁଣି – କାଞ୍ଚନମାଳାର ସଖୀମାନେ ହସି ହସି ଢଳିଗଲେ ।

କାଞ୍ଚନମାଳା କହିଲା , " ହଇହେ , ଆପଣା ଭାରିଯାକୁ ଆପେ ଚିହ୍ନି ପାରୁ ନାହଁ ? ମୁଁ ପରା ସେଇ ମାଙ୍କଡ଼ !"

ରଜାପୁଅ କହିଲା – " ଏ ତୁଚ୍ଛା ମିଛ କଥା ।"

କାଞ୍ଚନମାଳା କହିଲା , " ତୁମେ ମୋ ପତି ଦେବତା ; ମୁଁ ତୁମ ଆଗରେ ମିଛ କହିବି ? ସେଇଟି ପରା ମୋର ସେଇ ଛାଲ୍ଟା ଥୁଆ ହୋଇଚି । ଦେଖ ଏଥର –

ରଜାପୁଅ – ନାହିଁ , ବାପ ତୁମକୁ ଦେଖିବେ ବୋଲି କହୁଚନ୍ତି ; ତୁମେ ଆଗ ଆସ ।

କାଞ୍ଚନମାଳା – " ନାହିଁ ନାହିଁ , ତୁମେ ଆଗ ସିଂହାସନରେ ବସ । ଏଥିରେ ବସିକରି ବାପାଙ୍କ ପାଖକୁ ଗଲେ ତୁମର ମାନମର୍ଯ୍ୟାଦା ବଢ଼ିବ । ତୁମେ ପରା ମତେ ବିଭା ହେଲ ବୋଲି ସେ ତୁମକୁ ଘରୁ ତଡ଼ି ଦେଇଥିଲେ ; ଏବେ ଦେଖନ୍ତୁ ତୁମେ ବଡ଼ଲୋକ , କି ତାଙ୍କର ଆଉ ପୁଅମାନେ ବଡ଼ଲୋକ ।"

B17

ରଜାପୁଅ କାଞ୍ଚନମାଳା ସାଙ୍ଗେ ସିଂହାସନରେ ବସିଲା । ସଖୀମାନେ ଚଉଁର ପକେଇଲେ, ଆଉ ସିଂହାସନଟି ମାନଙ୍କୁ ମାନ — ଧୀରେ ଧୀରେ ଶୂନ୍ୟେ ଶୂନ୍ୟେ ଝୁଲି ଝୁଲି ଯାଇ ଦରବାର ଘରେ ହାଜର ହେଲା ।

କାଞ୍ଚନମାଳା ରୂପରେ ଦରବାର ଘରଟା ଆଲୋକମୟ ହୋଇଗଲା । ତା ଦେଖି ସମସ୍ତେ, ଅବାକ୍ !

ରଜାପୁଅ କହିଲା, — "ବାପା, ଏଇ ତୁମ ସାନବୋହୂ ସେଇ ମାଙ୍କଡ଼ ।"

ରଜା ପୁଅବୋହୂଙ୍କୁ କେତେ ଆଶୀର୍ବାଦ କଲେ — କେତେ ଧନ ଦରବ ସବୁ ମୁହଁଦେଖା ଦେଲେ ।

ତା ଦେଖି ଆଉ ଦୁଅ ଭାଇମାନେ ହିଂସାରେ ଜରଜର ହୋଇ ମରୁଥାନ୍ତି । ଗଲାବେଳକୁ ସମସ୍ତେ, ବିଚରା ବିଚରା ହୋଇ ସାନଭାଇଙ୍କି ପଚାରିଲେ, — "ହଇରେ ! ମାଙ୍କଡ଼ଟା ଏଡ଼େ ସୁନ୍ଦରୀ କିମିତି ହେଲା ?"

ସାନଭାଇ — "ମାଙ୍କଡ଼ ଚମଡ଼ାଟା କାଢ଼ ଦେଲାରୁ ତା ନିଜ ରୂପ ବାହାରି ପଡ଼ିଲା ।"

ବଡ଼ଭାଇ — "ଆରେ, ସେଇଟା ଅପସରାଟାଏରେ — ଅପସରାଟାଏ ; ପୁଣି କେବେ ଦିନ ଚମଡ଼ାଟାକୁ ଦେଖିରେ ପକାଇ ପଳେଇବ ବୋଇଲେ କଅଣ କରିବୁ ? ଏ ଧନ ଦରବ ସବୁ ଉଡ଼େଇ ନେଇଯିବ ।

ସାନଭାଇ — "ନେଲେ ନେଉ, ସେ ତ ଦେଇଛି ସେ ଏବେ ନେବ ।"

ବଡ଼ଭାଇ — "ଆରେ ବୋକା ! ତା ନୁହେଁ, ଏତେ ସମ୍ପତ୍ତି ତୋ ହାତରେ ପଡ଼ିଛି । ଚାହିଁବୁ କିଆଁ ମ ? ତୁ ଗୋଟିଏ କଥା କର, ସେ ଶୋଇପଡ଼ିଲେ ତା ଚମଡ଼ାକୁ

ଯୋଡ଼ିଦବୁ, ଦେଖ, ସେ ଆଉ କୁଆଡ଼େ ଯାଇ ପାରିବ ନାହିଁ ।"

ଏୟା କହି ଦୁଅଭାଇମାନେ ଆପଣା ରାଇଜକୁ ଗଲେ ।

ରଜାର ସାନପୁଅ ତ ଏତେ ଛଳମଳ ଜାଣେ ନାହିଁ ! ଭାଇମାନେ ଯାହା କହିଲେ, ତାଙ୍କର ସେ କଥାରେ ବିଶ୍ୱାସ କରି ରାତିରେ କାଞ୍ଚନମାଳା ଖୋଲି ପକାଇଲାରୁ ତା ଚମଡ଼ାଟିକି ପୋଡ଼ି ଦେଲା ।

ଯେମିତି ଚମଡ଼ାଟା ହୁତ୍ ହୁତ୍ ହୋଇ ଜଳି ଉଠିଛି, ସେମିତି ସେ ଘର ଦୁଆର ଲୋକବାକ ଧନ ଦରବ ସବୁ କୁଆଡ଼େ ଉଭେଇଗଲା । ନୋଉଁ ବଗାକୁ ସେଇ ବଣ । ଆଉ କାଞ୍ଚନମାଳା ଫୁଟ୍ ଫୁଟ୍ ହୋଇ 'ମରିଗଲି' 'ମରିଗଲି' ବୋଲି ରଡ଼ି ଛାଡ଼ି କୁଆଡ଼େ ଉଡ଼ିଗଲା । ଗଲାବେଳେ ରଜାପୁଅକୁ ଖାଲି ଏତିକି କହିଗଲା —

ଏ ଶୂନ୍ୟ ଶବଦ ଶୁଣି ରଜାପୁଅ ମୁଣ୍ଡରେ ଚଡ଼କଟାଏ ପଡ଼ିଗଲା । କାଞ୍ଚନମାଳାର ସେହି କଲବଲ, ଉହୁଳ ବିକଳ, ସେ ସବୁ ତାକୁ ଛୁରୀ ମାରିଲା ପରି ଲାଗିଲା । ସେ ବି ସେଇ କଲବଲରେ ସେମିତି ରଡ଼ିବୋବାଳି ପକାଇ ତା'ର ପଛେ ପଛେ ଗୋଡ଼ାଇଲା ।

ଯାଉଁ ଯାଉଁ କେତେଦିନ ଉତ୍ତାରୁ ଗୋଟାଏ ଅପନ୍ତରା ପଡ଼ିଆରେ ପହଞ୍ଚିଲା । ସେଠି ଗୋଟାଏ ଗଉଡ଼ ବାଘୁଙ୍କ ପରି ହୋଇ ଉପରକୁ ଚାହିଁ ଚାହିଁ ଖାଲି କହୁଛି – "ଆହା, କେଡ଼େ ସୁନ୍ଦରୀ ! ଆହା, କୁଆଡ଼େ ଗଲା, ଆଉ ଟିକିଏ ଦେଖନ୍ତି !"

ରଜାପୁଅ ତାକୁ ପଚାରିଲା – "କିରେ ଭାଇ ! ଏମିତି କିଆଁ ହେଉଚୁ ? କଣ ଦେଖିଲୁ କିରେ ?

ଗଉଡ଼ – "ଆରେ ଭାଇ ! କଣ କହିବି ? କେଡ଼େ ସୁନ୍ଦରୀ କନ୍ୟାଟିଏ । ତା ଦେହଟାଯାକ ହୁତ୍ ହୁତ୍ ହୋଇ ନିଆଁ ଜଳୁଛି,

ସେ 'ମାରଗଲି', 'ମାରଗଲି' କହି ଏଇ ପାହାଡ଼ଆଡ଼କୁ ଆଲୋକମାନ୍ତ କରିଦେଇ ଚାଲିଗଲା, ତାକୁ କିମିତ ଆଉ ଟିକିଏ ଦେଖାନି, କି ?"

ରଜାପୁଅ — "ସେ ମୋଅର ସ୍ତ୍ରୀ, ମୋଅର ଲାଗି ଏତେ ଦୁଃଖ ପାଇଲା । ମୁଁ ତାକୁ ଖୋଜିବାକୁ ଯାଉଛି; ସେ କେଉଁ ଆଡ଼କୁ ଗଲା ?"

ଗାରଡ଼ — "ହେଇଟି, ଏଇ ଆଡ଼କୁ ଗଲା । ତାରପାରା ଭାଉଜାକୁ ଏତେ ଦୁଃଖ ଦେଲୁ ? ହଉ ଯା ଯା, ସଅଳ ସଅଳ ଯା । ତୋତେ ପାଇବୁ, ମତେ ଏକା ଟିକିଏ ଦେଖେଇବୁ । ହେଇଟି, ଏଇ ଠେଙ୍ଗାଟି ନେଇ ଥା, ଯାକୁ ହୁକୁମ୍ ଦେବେ, ଭୂତ, ପ୍ରେତ, ଡାହାଣୀ, ଗୋସାଣୀ, ଯକ୍ଷ, ରାକ୍ଷସ ଯେ ହୁଅନ୍ତୁ ପଛକେ, ସମସ୍ତଙ୍କୁ ମାରି ପିଟି ଧାରା କରି ଦବ ।"

ଯା କହି ଗାରଡ଼ ରଜାପୁଅକୁ ଗୋଟିଏ ଠେଙ୍ଗା ଦେଲା । ରଜାପୁଅ ତାଠଉଁ ଠେଙ୍ଗାଟି ନେଇ ପୁଣି ବାଟ ଚାଲିଲା ।

ଯାଉଁ ଯାଉଁ ସାତ ସମୁଦ୍ର ପଡ଼ିଲା । ସେଠେଇଁ ଜଣେ ମହାଜନ ଯିମିତ ବାଲୁଙ୍କ ପରି କୋଡ଼ କାମୁଡ଼ି ହୋଇ ଉପରକୁ ଚାହିଁ ଚାହିଁକା କହୁଛି, "ଆହା, କେଡ଼େ ସୁନ୍ଦରୀ ! କୁଆଡ଼େ ଗଲା ? ଆଉ ଟିକିଏ ଦେଖାନି !"

ରଜାପୁଅ ପଚାରିଲା— "କିହୋ ! କଅଣ ଦେଖିଲ କି ?"

'ଅପୂର୍ବ ସୁନ୍ଦରୀ କନ୍ୟା, ବହୁତ ଯାକ ଜିଆଁ କରୁଛି' 'ମାରଗଲି' 'ମାରଗଲି' କହି ଏଇଆଡ଼େ ଚାଲିଗଲା ।"

"ସେ ମୋହର ସ୍ତ୍ରୀ, ମୁଁ ସେଇଆକୁ ଏକା ଖୋଜି ଖୋଜି ଯାଉଛି ।"

" ମୁଁ ତାକୁ ଦେଖିବାକୁ ଘରଦ୍ୱାର ମାୟା ମମତା

ସବୁ ଛାଡ଼ି ଏଇଠି ମୁହିଁ ବସିଛି । ଯେବେ ପାଇବ, ତେବେ ମତେ ଏକା ଟିକିଏ ଦେଖେଇବ । ହେଇଟି, ଏ ବଂଶୀଟି ନେଇଯା ; ଯା ସ୍ୱର ଶୁଣିଲେ ପଶୁ ପକ୍ଷୀ ସୁଦ୍ଧା ଉଚାଟ ହୋଇଯିବେ ।" ଯା ବୋଲି ମହାଜନ ତାକୁ ଗୋଟିଏ ମୋହନ ବଇଂଶୀ ଦେଲା । ରଜାପୁଅ ବଇଂଶୀଟିକୁ ନେଇ ସମୁଦ୍ର କୂଳେ କୂଳେ ଯାଉଥାଏ । ଯାଉଁ ଯାଉଁ ଯାଇ ତେର ନଦୀ କୂଳରେ ପହଞ୍ଚିଲା । ସେଠେଇଁ ଜଣେ ରଜା ଉପରକୁ ମୁହିଁ ମୁହିଁ ବାଲୁଙ୍କ ପରି ଆପଣା ବୁକୁରେ ହାତ ବାଡ଼େଇ ବାଡ଼େଇ ଏମିତି କହୁଛି, " ଆହା ! କେଡ଼େ ସୁନ୍ଦରୀ ! କୁଆଡ଼େ ଗଲା ? ଆଉ ଟିକିଏ ଦେଖନ୍ତି !"

ରଜାପୁଅ ତା ଆଗରେ ଆପଣା କଥା ସବୁ କହି ଗଲା । ସବୁ ଶୁଣି ସେ ରଜା କହିଲା, " ମୁଁ ରାଜ୍ୟ ରାଜୁତି ଛାଡ଼ି ତାକୁ ଦେଖିବି ବୋଲି ଏଇଠି ପଡ଼ି ରହିଛି, ଯେବେ ପାଇବ, ତେବେ ମତେ ଟିକିଏ ଦେଖେଇବ । ଯାଅ, ହେଇଟି ଏଇ ମୁକୁଟଟି ନେଇଯାଅ, ଯାକୁ ମୁଣ୍ଡରେ ପିନ୍ଧିଲେ କେହି ଆଉ ତୁମକୁ ଦେଖି ପାରିବେ ନାହିଁ ।"

ରଜାପୁଅ ତାଠୁଁ ମୁକୁଟଟି ନେଇ ତେର ନଦୀ କୂଳେ କୂଳେ ଗଲା । ଯାଉଁ ଯାଉଁ ନଅ ପାହାଡ଼ ମୂଳରେ ଉଠିଲା । ସେଠେଇଁ ଖାଲି ପର୍ବତ । ସବୁଠୁଁ ଯୋଉଁ ପର୍ବତଟା ବଡ଼, ତା ମୂଳରେ ଗୋଟିଏ ପୋଖରୀ, ସେ ପୋଖରୀ କୂଳରେ ଗୋଟିଏ ବଉଳ ଗଛ, ସେଇ ଗଛ ତଳେ ବସି ଜଣେ ଋଷି ତପସ୍ୟା କରୁଛନ୍ତି । ରଜାପୁଅ ସାତ ଦିନ ସାତରାତି କାଳି ତାଙ୍କ ପାଖରେ ଅଖିଆ ଅପିଆ ହୋଇ ଅଧିଆ ପଡ଼ି ରହିଲା । ତା ଦେଖି ଋଷିଙ୍କ ଦୟା ହେଲା । ସେ କହିଲେ — " ଆରେ ବାପା ! ମତେ ତୋ କଥା ସବୁ ଜଣା, ଉଠ୍, ଉଠ୍, ଯା,

ହେଉଛି ଓ ଅଦ୍ଭୁତଟିକ ଯେ, ତାକୁ ପକେଇ ଦେଲେ ଜଳନ୍ତ ନିଆଁ ଥଣ୍ଡା ପାଣି ହୋଇଯିବ । ହେଉଛି, ଏଇ ପର୍ବତ ଉପରେ ନାଗପୁରୀ, ହଜାର ହଜାର ନାଗ ରାତଦିନ ଜଗୁଆଳି ରହିଛନ୍ତି । କାଞ୍ଚନମାଳା ନାଗ ରଜାର ପରମ ଝିଅ, ହର ପାର୍ବତୀଙ୍କର ପାଠିଂ ଭାର ଦେଇଛୁ, ଦେବତାମାନେ ତାକୁ ଝୁରି ଝୁରି ବାନ୍ଧୁ । ସେଥିକୁ ସେ ମାଙ୍କଡ଼ରୂପ ଧରି ବଣ ଜଙ୍ଗଲରେ ଲୁଚିଥାଏ । ତାକୁ ଦେଖିବି ପାଇବାକୁ ମୋର ଇଚ୍ଛା, ତେବେ ବଳଦ ରୂପରେ ଯା, ତାକୁ ଭଲ କର ।”

ରଜାପୁଅ ବଳଦ ବେଶ ହୋଇ ପର୍ବତ ଉପରେ ଚଢ଼ିଲା । ବାଘ, ସିଂହ, ହାତୀ, ଭାଲୁ ରଜାପୁଅକୁ ଦେଖିଲାକ୍ଷଣି ଆଁ କରି ଦେଇ ଖାଉଁକିନା ଗୋଡ଼େଇ ଆସନ୍ତି, — କିନ୍ତୁ ରଜାପୁଅ ବଇଁଶୀଟିକି ବଜେଇ ଦେଲା ମାତ୍ରେ, ସେ ସେଇଁଠି କାନ ଡେରି ସ୍ଥିର ହୋଇ ରହିଯାଆନ୍ତି ।

ପର୍ବତ ଶିଖରେ ନାଗପୁରୀର ଗଡ଼ । ଗଡ଼ ଦୁଆର ଜଗିଛନ୍ତି ନାଗମାନେ । ରଜାପୁଅକୁ ଦେଖିବା ମାତ୍ରକେ ମାର୍ ମାର୍ କହି ସମସ୍ତେ ଗୋଡ଼େଇ ଆସିଲେ । ତାହା ଦେଖି ରଜାପୁଅ ଚଟକିନା ମୁକୁଟଟାକୁ ମୁଣ୍ଡରେ ପିନ୍ଧି ପକେଇଲା ; ପିନ୍ଧିବା ସଙ୍ଗେ ସଙ୍ଗେ ଗୋପନ ହୋଇ ଅଦୃଶ୍ୟ ରୂପରେ ଗଡ଼ ଦୁଆର ଡେଇଁ ଭିତରକୁ ଗଲା ।

ନାଗପୁରୀରେ ସମସ୍ତେ ଦୁଃଖୀ । କାହାରି ମନରେ ସୁଖ ନାହିଁ, ସବୁରି ମୁହଁରେ ଏକା କଥା, — ‘କେତେ ବଇଦ ଗୁଣିଆ ଆସି ଉପାୟ କରି କରି ଥକି ଗଲେଣି, କାହିଁରେ ତ ଜେମାଙ୍କ ଦେହ ଭଲ ହେଲା ନାହିଁ’ ; ଏହା କହି ସମସ୍ତେ ମନଦୁଃଖ କରୁଛନ୍ତି ।

ରଜାପୁଅ ମୁକୁଟଟି କାଢ଼ି ପକେଇଲାରୁ ତାକୁ ସମସ୍ତେ ପଚାରିଲେ — “ତୁମେ କିଏ ?”

B22

"ମୁଁ ତୁମମାନଙ୍କ ଉପଦ୍ରବ କଥା ଶୁଣି ଭଲ କରିବାକୁ ଆସିଛି ।" ଏହା ଶୁଣି ଲୋକେ ତାକୁ ଦଳଗେ ରଜାଙ୍କ ପାଖକୁ ନେଇଗଲେ ।

ଯକ୍ଷ ରଜା କହିଲେ — "ଯେବେ ଭଲ କରି ଦବ, ତେବେ ଇନ୍ଦ୍ର ଦେବତା ଭାରି ଖୁସି ହେବେ, ଯାହା ମାଗିବ ତା ଦେବେ ।"

ରଜାପୁଅ କହିଲା — "ମହାରାଜ ! ମୁଁ ଇନ୍ଦ୍ର ଫିନ୍ଦ୍ର ଜାଣେ ନାହିଁ । ସେ ତୁମ ଝିଅ, ତୁମେ ସତକରି କହ, ଭଲ କରି ଦେଲେ କଣ ଦବ ।"

ଯକ୍ଷରଜା କହିଲା — "ହଉ, ହଉ, ଭଲ କଥା, ମୁଁ ସତ୍ୟ କରି କହୁଛି, ତୁମେ ମୋ ଝିଅ ଦେହ ଭଲ କରି ଦେଲେ, ଯାହା ମାଗିବ ତା ଦେବି ।" ଏହା ବୋଲି ଯକ୍ଷରଜା ତାକୁ ସାଙ୍ଗରେ ନେଇ ଝିଅ ପାଖରେ ଛାଡ଼ି ଦେଇ ଆସିଲେ । ରଜାପୁଅ ଦେଖେ ତ ହଜାର ହଜାର ପ୍ରେତ, ପିଶାଚ କାଞ୍ଚନମାଳାକୁ ଚାରି ପଟରୁ ଘେରି ଜଗି ବସିଛନ୍ତି । ସେମାନେ ରଜାପୁଅକୁ ଦେଖିଲାରୁ ତାଙ୍କ ପାଟିରୁ ଲାଳ ବୋହିଲା । ସେ ଯାକୁ, ଏ ତାକୁ ହାଁହୁଁ ହୋଇ କଥାବାର୍ତ୍ତା ହେଲେ — "ଧନ୍ୱନ୍ତରୀ ତ ହାରି ଗଲେଣି, ଆଉ ଏ ଛୁଆ ମଣିଷଟା ଆସିଛି ଭଲ କରିବାକୁ । ହଉ, ହଉ, କଣ କରୁଛି କରୁ । ଭଲ କଲେ ତ ଉତ୍ତମ, ନହେଲେ ତ ଆମର ଜଳଖିଆ ହବ, ଜିବ କୁଆଡ଼େ ?"

ରଜାପୁଅ ତାଙ୍କ କଥା ସବୁ ଶୁଣି ନ ଶୁଣିଲା ପରି କହିଲା — "ଏ ଘରେ ଆଉ କେହି ରହିବେ ନାହିଁ, ସମସ୍ତେ ବାହାରି ଯାଅ ।" ଏହା ଶୁଣି ସମସ୍ତେ ବାହାରିଗଲେ ।

ରଜାପୁଅ ସେ ବଉଳଟିକି ନେଇ କାଞ୍ଚନମାଳାର ପାଦରୁ ତଳଯାଏ ବୋଳି ଦେଲା । ଯେମିତି ବୋଳି ଦେଇଛି, ସେ ସିମିତି ଧଡ଼ପଡ଼ ହୋଇ ଉଠି ସ୍ୱାମୀକୁ ଚୁନୀ ଚୁନୀ କରି କହିଲା — "ମୋ ଲାଗି ମରଣ ମୁହଁକୁ କାହିଁକି ଆଇଲ ? ମୁଁ

ଯେତେବେଳେ ଏହାଙ୍କ ହାତରେ ପଡ଼ିଛି, ସେତେବେଳେ ମୋର ମରିବା ହିଁ ଭଲ । ଆଉ କଅଣ ମୋ ସ୍ୱାମୀ ଥାଉଁ ଥାଉଁ ମୁଁ ଇନ୍ଦ୍ରସଭାରେ ନାଚୁଣୀ ହୋଇ ରହିବି ? ସେ କଥାଟି ନ ହୁଏ । ମୁଁ ମରିବାର ମରିବି ।”

ରଜାପୁଅ କହିଲା — ତୁମେ ମୋ ସ୍ତ୍ରୀ, ତୁମକୁ ରକ୍ଷା କରିବା ମୋ ଧର୍ମ । ତୁମେ ସେଥିଲାଗି କିଛି ବ୍ୟସ୍ତ ହୁଅ ନା, ମୁଁ ଯାହା କହୁଛି ତା କର । ଏଇ ମୁକୁଟଟି ନିଅ, ଯେବେ କିମିତି କିଛି ଗଣ୍ଡଗୋଳ ଦେଖିବ, ତେବେ ଏହାକୁ ପିନ୍ଧି ଅନ୍ତରଧାନ ହୋଇ ରହିବ ।

ଏହା ବୋଲି ରଜାପୁଅ କାଞ୍ଚନମାଳାକୁ ମୁକୁଟଟି ଦେଇ ଯମରଜା ପାଖକୁ ଗଲା, କହିଲା — ମହାରାଜ ! ତୁମ ଝିଅଙ୍କୁ ଆରାମ କରି ଦେଲିଣି । ଏଥର ତୁମ ସତ୍ୟ ତୁମେ ପାଳ ।

ଯମରଜା କହିଲେ — “ କଣ ମାଗୁଛୁ, ମାଗ୍ ।”

ରଜାପୁଅ କହିଲା — ତୁମ ଝିଅକୁ ମୋତେ ଭିକ୍ଷା କରିଦିଅ ।

ଏହା ଶୁଣି ଯମରାଜା ରାଗରେ ନିଆଁ ବାଣ । ଏଁ ! ମଣିଷଟାଏ ହୋଇ ତୋର ଫେର୍ ଏଡ଼େ ଗରବ ? କିଏ କେଉଁଠି ଅଛୁ, ଆସିବଟି ରେ !

ଏହା କହୁ କହୁ ଭୂତ, ପ୍ରେତ, ପିଶାଚ, ଯକ୍ଷ, ରାକ୍ଷସ, ସବୁ ଦଳଦଳ ହୋଇ ମାଡ଼ି ଆସିଲେ ।

ରଜାପୁଅ କହିଲା — ମହାରାଜ ! ଏଥର ମୋର ଆଉ ଦୋଷ ନାହିଁ । ତୁମ ସତ୍ୟ ତୁମେ ଲଙ୍ଘିଲ, ତା ଫଳ ହାତେ ହାତେ ପାଇବ । ଠେଙ୍ଗା ! ଦେ ସମସ୍ତଙ୍କୁ ପିଟିପାଟି ଦୋରସ୍ତ କରି ଦେ ।

ଠେଙ୍ଗା ତ ପାତରଙ୍ଗ ପାଇ ସାଇଁ ସାଇଁ ହୋଇ ବୁଲି ଦଣ୍ଡକ ଭିତରେ ସମସ୍ତଙ୍କୁ ପିଟିପାଟି ସାରା ବନେଇ ଦେଲା । ତା ଦେଖି ଯମରଜା ଭୟରେ ହୃଦକମ୍ପ ! ସେଇଲାଗେ କମ୍ପିଣିଆ ଡ଼କେଇ

ବିଭାଘର କରିଦେଲେ ।

ଏଣେ କାଞ୍ଚନମାଳା ବିଭା ହେବାର ଶୁଣି ଇନ୍ଦ୍ର ତ ରାଗରେ ନିଆଁ ହେଉଥାଆନ୍ତି । ସାଙ୍ଗେ ସାଙ୍ଗେ ଦେବତାମାନଙ୍କୁ ସାଙ୍ଗରେ ନେଇ ଯାଇ ନାଗରାଜା ପାଖରେ ପହଞ୍ଚି କହିଲେ, "କିରେ ! ଆମ ସ୍ୱର୍ଗରେ ଯେ ନାଚିବାକୁ ଯୋଗ୍ୟ, ତାକୁ ମଣିଷଟାଏ ନେଇଯିବ ?"

ନାଗରାଜା କାକୁତି ମିନତି ହୋଇ କହିଲେ — ଦେବରାଜ ! ମୋର କିଛି ଆପତ୍ତି ନାହିଁ । ସେ ନାଚଣି ସମସ୍ତଙ୍କର ହୃଦ ଚୋରେଇ ନେଲା ।

କାଅଣ ! ତୁମ ମଣିଷଟାର ଏବେ ବଦେଇ । ଯିବ ଟି ଦେବତାମାନେ ! ତାକୁ ଟିକିଏ ଦେଖ ଆସିବ । ଶୁଣୁ ଶୁଣୁ କାଞ୍ଚନମାଳା ମଣ୍ଡପଟି ଛିଡ଼ି ଅଦୃଶ୍ୟ ହୋଇ ରହିଲା, ଆଉ ରାଜପୁଅ ବଂଶୀ ବଜେଇ ଭଜନ ଗାଇଲା ; ତା ଶୁଣି ଦେବତା ମାନେ ତ ଭୋଳ । ଦେବତାମାନେ ମନପୂର କାଠବୁଡ଼ି ହୋଇ ରହିଗଲେ । ରାଜପୁଅ ଟିକିଏ ବନ୍ଦ କରିଦେଲେ ଡାକ ପକାନ୍ତି — "ବନ୍ଦ କରନା, ବନ୍ଦ କରନା, ଧନ୍ୟ ତୋ ବଂଶୀର ସ୍ୱର, ଯାହା ଇଚ୍ଛା ବର ମାଗୁଛୁ ମାଗ୍ ।" ଅଦୃଶ୍ୟରେ ଥାଇ କାଞ୍ଚନମାଳା କହିଲା —

'ତଥାସ୍ତୁ' ବୋଲି କହି ଦେବତାମାନେ କାଞ୍ଚନମାଳାଙ୍କୁ ଧନ୍ୟ ଧନ୍ୟ କରି ସ୍ୱର୍ଗକୁ ଗଲେ । ଆଉ କାଞ୍ଚନମାଳା ଆପଣା ସ୍ୱାମୀ ସାଙ୍ଗରେ ଖୁସି ହୋଇ ଘରକୁ ଫେରି ଆଇଲା । ସେ ଆସିବା ସାଙ୍ଗେ ସାଙ୍ଗେ ତାର କୋଠାବାଡ଼ି ଧନଦଉଲତ ଗୁଜର ପରିବାରୀ ଯାହା ସବୁ ଉଭେଇ ଯାଇଥିଲା, ସେ ସବୁ ଆଗ ପରି ଯେମିତି ହୋଇଗଲା । କାଞ୍ଚନମାଳା ରାଜପୁଅକୁ ନେଇ ଆନନ୍ଦରେ ଘର ଦୁଆର କଲା ।

ବିଜୟ - ବସନ୍ତ

ଶ୍ରୀମତୀ ଅପର୍ଣ୍ଣା ଦେବୀ

ଗୋଟିଏ ଦେଶରେ ରାଜପୁଅ 'ବିଜୟ' ଆଉ ମନ୍ତ୍ରୀପୁଅ 'ବସନ୍ତ' ଦୁହେଁ ଭାରି ସାଙ୍ଗ — ଏକା ମନ, ଏକା ପ୍ରାଣ । ଏକାଠି ବସାଉଠା, ଖିଆପିଆ, ଚଲାବୁଲା । ଦି ଜଣଙ୍କ ସବୁବେଳେ ଏକାଠି ଥାନ୍ତି, କେହି କାହା ପାଖ ଛାଡନ୍ତି ନାହିଁ କି ରାଇଜର ହାନି ଲାଭ କଥା କିଛି ବୁଝନ୍ତି ନାହିଁ — ଖାଲି ମହଜ ମଜଲିସରେ ସବୁବେଳେ ରହିଥାନ୍ତି ।

ବିଜୟ ଗୋଟିଏ ରାଜାଝିଅକୁ ବିଭା ହୋଇଥିଲା — ବସନ୍ତ ବି ସିମିତି ଆଉ ଗୋଟିଏ ଦେଶର ମନ୍ତ୍ରୀଝିଅକୁ ବିଭା ହୋଇଥିଲା । ଦୁହିଙ୍କ ଭାରିଯାମାନେ ବାପ ଘରେ । ଦି ମିତଙ୍କ ଭାରିଯାଙ୍କୁ ଆଣିବା କଥା ଧ୍ୟାନରେ ସୁଦ୍ଧା ଧରନ୍ତି ନାହିଁ । ଯା ଦେଖି ରଜା ଭାରି ରାଗ । ଦିନେ ମନ୍ତ୍ରୀଙ୍କି କହିଲେ, ଦେଖ ମନ୍ତ୍ରୀ, ତମ୍ଭ ପୁଅଙ୍କ ତ ଇମିତି କୁଳାଙ୍ଗାର ହେଲେ, ଆମେ ତ ବୁଢା ହେଲେ, କଣ କରିବା ? ଏ ରାଇଜ କିଏ ସମ୍ଭାଳିବ ?

ମନ୍ତ୍ରୀ କହିଲା — "ମହାରାଜ ! ମୁଁ ବି ସେଇକଥା କେତେ ଥର ଭାବୁଥିଲି । କିନ୍ତୁ ଏ ଦୁହିଁଙ୍କର ମନ ଭଙ୍ଗେଇବା ତ ସହଜ ନୁହେଁ । ତେବେ ଏତିକି ମତେ ପସନ୍ଦ ଦିଶୁଛି — କେଜାଣି ଅବା ବୋହୂଏ ଆସିଲେ ଯାଙ୍କୁ ଘର ଚିନ୍ତା ଲାଗିବ — ସେ ମାୟାଟା ଲାଗିଗଲେ ଏ ଅବା ବୁଲାପଣିଆ ଛାଡିବେ !"

ଏ କଥାଟି ବି ରଜାଙ୍କ ମନକୁ ପାଇଲା । ସେ ସେଇଲାଗେ ବିଜୟ ଆଉ ବସନ୍ତକୁ ପାଖକୁ ଡକେଇ ହୁକୁମ୍ ଦେଲେ, "ଦେଖ ତୁମେ ପୋଷାକଙ୍କ ଖାଲି ହେଉଥାଅ

ହେଲ, ବୋହୂମାନେ ଏତେ ଏତେ କାଳ ବାପ ଘରେ ରହିବାରୁ ଲୋକେ ଆମକୁ ଭାରି ନିନ୍ଦା କରୁଛନ୍ତି — ତୁମେ ଦିହେଁ କାଲି ତୁମ ଶ୍ୱଶୁର ଘରକୁ ଯାଇ ବୋହୂଙ୍କୁ ଆଣ । କାଲି ସକାଳୁ ନ ଗଲେ ଦିହିଙ୍କି କଇଦୀ କରିବି ।

ଆରଦିନ ସକାଳୁ ଦୁଇ ମିତଯାକ ଶ୍ୱଶୁରଘରକୁ ଗଲେ ଭାଉଜମାନଙ୍କୁ ଆଣିବେ ବୋଲି । ସାଙ୍ଗରେ ଲୋକବାକ ଗୋଟିଏ ନେଲେ ନାହିଁ — ବାପମାନଙ୍କ ରାଗରେ ଏକା ଏକା ଗଲେ ।

ଦିହେଁ ଦିନଯାକ ବାଟ ଚାଲନ୍ତି, ଯୋଉଁଠି ରାତି ହୁଏ, ସେଇଠି ରହନ୍ତି । ଏମିତି ଯାଉଁ ଯାଉଁ ବିଜୟର ଶ୍ୱଶୁର ରାଇଜରେ ପହଞ୍ଚିଲେ । ବିଜୟ କହିଲା, "ମିତ, ମୁଁ ଗୋଟିଏ କଥା କହିବି, ତୁମେ କରିବ ତ ?"

"କଣ, କହ ।"

"ତୁମେ ଚାକର ପରି ଲୁଗାପଟା ପିନ୍ଧି ମୋ ପଛେ ପଛେ ଆସ ; ମୁଁ ଆଗେ ଆଗେ ଯାଉଛି ।"

"କାହିଁକି ?"

"ସେଥିରେ ଗୋଟାଏ କଥା ଅଛି — ଭାରି କାଉତୁକ କଥା । ଦେଖିବ, କେମିତି ମଜା ଲାଗିବ ।"

ବସନ୍ତ, ଆଗ ଆଗ ଅମଙ୍ଗ ହେଲା ସିନା, — କଅଣ ହେବ ? ରଜାପୁଅ ତ ରଟାଟାଏ, ଯା ଚିଡ଼ିଥିବ ସେଯାକୁ, ସେ କଣ ଛାଡ଼ିବ ? ବସନ୍ତ, ମିତ କଥାରେ ଚାକର ବେଶ ହୋଇ ବିଜୟର ପଛେ ପଛେ ଗଲା ।

ରଜା ଜୋଇଁ ଆସିବାର ଶୁଣି ପାତ୍ରମନ୍ତ୍ରୀ ଯେନି ଅଧବାଟକୁ ପାଛୋଟି ଅଇଲେ । ବିଜୟ କହିଲା, "ଆଗ ଗୋଟିଏ କଥାର ଜବାବ ଦିଶ୍ରେଇଲେ ମୁଁ ଯିବି, ନଇଲେ ଯିବି ନାହିଁ ।"

" କଅଣ ?"

" ମୋ ଗୁଜର ମୋର ପାଖରେ ବସିବ, ମୋର ପାଖରେ ଖାଇବ, ମୋର ପାଖରେ ଶୋଇବ । ନଇଲେ ମୁଁ ଯିବି ନାହିଁ — ଏଇଠୁଁ ଲେଉଟି ଯିବି ।"

ରଜା ତ ଏଥୁ ଶୁଣି ଅବାକ୍ ! ଆଉ କଣ କହିବେ ? ଝିଅ ତ ଦେଇଚନ୍ତି ! " ଝିଅ ଦେଇଥିବ ଯାହାଙ୍କୁ, ନଇଁ ପଡ଼ିଥିବ ତାହାଙ୍କୁ ।" କହିଲେ, " ହଉ ତେବେ ଆସନ୍ତୁ ।"

ଝଜଲୁ ଓ ବସନ୍ତ, ଦୁହେଁ ହାତ ଧରାଧରି ହୋଇ ସଭାକୁ ଗଲେ — ଏକା ଚଉକରେ ବସିଲେ ।

ଏଥୁ ଦେଖି ସମସ୍ତେ, ମୁହଁରେ ଲୁଗା ଦେଇ ହସୁଥାନ୍ତି । ହେଲେ ରଜାଙ୍କ ଜୋଇଁ ତ, ପାଟି ଫିଟେଇବାକୁ ଗୁରା କାହାର ?

ଜୋଇଁଙ୍କ ପାଇଁ ଭିଆସ ଭିତରେ ଠା ସଜ ହେଲା, ଜୋଇଁ ମଟୋଶାହୁଙ୍କି ଯିବେ ବୋଲି ଡାକରା ଆସିଲା ।

ଜୋଇଁ ଗୁଜରଙ୍କୁ ସାଙ୍ଗରେ ଘେନି ଖାଇବାକୁ ଗଲେ, ଦୁହେଁ ଏକାଠି ଖାଇ ବସିଲେ ।

ଏଥୁ ଦେଖି ରାଣୀ ମାନଙ୍କୁ ମନିକୁ ଚକି ହେଉଥାନ୍ତି, ଦୋଇଲୀ ପରିବାର ସୁଆକ ମୁହଁ ମୋଡ଼ୁଥାନ୍ତି, ଶାଳୀ ଶାଳାଭାଉଜ ଚେହେରା ଦେଖେଇ ହିମେଇ ଯେଇ ଉଲୁଗୁଣା ଦଉଥାନ୍ତି ; କିନ୍ତୁ ଜୋଇଁର ସେଥିକି ଖାତର ନ ଥାଏ ।

ରାତି ହେଲା । ରଜାଘରେ ଝିଆପିଆ ଜଞ୍ଜାଳ ସବୁ ସରିଲା । ଜୋଇଁଙ୍କୁ ଡାକରା ଆସିଲା — ଶୋଇବାକୁ

୪୨୪

ଦିବାକୁ ।

ବିଜୟ ଘର ଭିତରେ ଶୋଇଲା । ତା ଶୋଇଲା ଘର ଦୁଆର ମୁହଁ ବାରଣ୍ଡାରେ ବସନ୍ତ ଶୋଇଲା ।

ବିଜୟର ଭାରି ନିଦ । ସେ ଶୋଇ ଘୁଙ୍ଘୁଙ୍ ହୋଇ ପଡ଼ିଲା । କିନ୍ତୁ ବସନ୍ତକୁ ଆଦୌ ନିଦ ଲାଗିଲା ନାହିଁ । ସେ ଖାଲି ଆଖି ଯୋଡ଼ିକ ବୁଜି ମିଛରେ ଘୁଙ୍ଘୁଡ଼ି ମାରି ଅଧିରି ହୋଇ ଶୋଇ ପଡ଼ିଥାଏ ।

କେତେବେଳ ଉତ୍ତାରୁ ରଜାଝିଅ ସେ ଘରକୁ ଆସିଲା । କିନ୍ତୁ ବରକୁ ଉଠାଇଲା ନାହିଁ, କି ଆପେ ଶୋଇଲା ନାହିଁ । ଖାଲି ଏ ପଟକୁ ସେ ପଟ ଲହର ପାହିର ହୋଇ ବୁଲୁଥାଏ । ବସନ୍ତ ସବୁ ଜାଣି କିଛି ନ ଜାଣିଲା ପରି ପଡ଼ିଥାଏ ।

ରାତି ନିର୍ଜନ ହେଲାରୁ ରଜାଝିଅ ଧିରେ ଧିରେ କରି ଆପଣା ଦେହରୁ ସବୁ ଅଳଙ୍କାରଗୁଡ଼ିକ କାଢ଼ି ଏକାଠି ଠାଏ ଥୋଇଲା । ତା ଉତ୍ତାରୁ ବରର ନାକ ପାଖରେ, ବୁକୁରେ ହାତ ଠେକାଇ ନିଶ୍ୱାସ ବାରିଲା । ସେଇଥିରୁ ବସନ୍ତ ପାଖକୁ ଆସି ସେମିତି ଦେଖିଲା । ଦେଖିସାରି ଧିରେ ଧିରେ ହୋଇ ସେ ଘରୁ ବାହାରି ଗଲା ।

ଏହା ଦେଖି ବସନ୍ତକୁ କେମିତି କେମିତି ଲାଗିଲା । ସେ ଧିରେ ଧିରେ ହୋଇ ଉଠି, ରଜାଝିଅ ପଛେ ପଛେ ଲୁଚି ଲୁଚି ଗଲା । ରଜାଝିଅ ଆଉ ଗୋଟାଏ ଘରେ ଲୁଗାପଟା ସବୁ ରଖିଦେଇ ଯୋଗିନୀ ବେଶ ହୋଇ ବଗିଚାକୁ ଗଲା । ବଗିଚାରୁ ଭଲ ଭଲ ଫୁଲ ଫଳ ସବୁ ତୋଳି ତାକୁ ସବୁ ଯୋଡ଼ିଏ ରୂପା ଥାଳିରେ ପୂରେଇ ଥାଳିଯୋଡ଼ିକ ଦୁଇ ହାତରେ ଧରି ଖିଡ଼କି ଦୁଆର

ମିଂଟେଇ ବାହାରକୁ ଗଲା । ବସନ୍ତ ତା ପଛେ ପଛେ ଯାଉଥାଏ ।

ଯାଉଁ ଯାଉଁ ଗୋଟିଏ ମଶାଣି ପଡ଼ିଲା । କେତେ ଜୁଇ କୋଉଠି ଜଳୁଛି, ମଣିଷମୁଣ୍ଡ, ହାଡ଼ ଗୋଡ଼ ସବୁ ବିଞ୍ଚିହେଲା ପରି ଗୋଟା ଗୋଟା ହୋଇ ଗଡ଼ୁଆଡେ ପଡ଼ିଛି। ମଡ଼ା ଗନ୍ଧରେ ସତେ ଅବା ନାକ ଫାଟିଯିବ । ଆଉ ସେହି ମଶାଣି ମଝିରେ ଗୋଟାଏ କୁଡ଼ିଆ ଘର । ତୁଆର ମୁହଁକୁ ଅଗ୍ନି କୁଣ୍ଡଟାଏ । ସେହି ଅଗ୍ନି କୁଣ୍ଡ ପାଖରେ ଖଣ୍ଡେ ବାଘଛାଲ ପକେଇ କଳା ଭୁସୁଣ୍ଡା ହୋଇ ଜଣେ ଗୋଟାଏ ବସିଛି — ସତେ ଅବା ଯମଦୂତ !

ରଜାଟିଅ ତା ପାଖରେ ଆଳୁଅପୋଡ଼ିକ ଥୋଇଦେଇ ତା ଗୋଡ଼ତଳେ ଯେମିତି ମୁଣ୍ଡିଆ ମାରିଛି, ସେ ସେମିତି ଭୁସ୍ କିନା ଉଠି ଚକ୍ୟାପରି ଆଖି ପୋଖକ ବୁଲେଇ, କଡ଼ ମଡ଼ କରି ଦାନ୍ତଗୁଡାକ ଘଷେଇ ଦୁମ୍ ଦୁମ୍ କରି ରଜାଟିଅକୁ ଦୁଇ ଚାରି ଗୋଇଠା ବସେଇଦେଲା । କହିଲା, "ଦୁଷ୍ଟ ମାଇକିନିଆ, ରାତି ଆସି ଦଶ ଘଡ଼ି ହେଲାଣି, ତୁ ଏତେବେଳକୁ ଆସି ମୁହଁ ଦେଖାଉଛୁ । ଯା, ଯା ତୋର କାର୍ଯ୍ୟ ସିଦ୍ଧି ହବ ନାହିଁ । ମା କାଳୀ ଛିଡ଼ିକି ଗଲେଣି, ଯା ଭାଗି, ପଳା ବେଗରେ ।"

ରଜାଟିଅ କେତେ କାନ୍ଦିଲା । ତା ଗୋଡ଼ ହାତ ଧରି କେତେ ନତମସ୍ତକ ହେଲା ; କହିଲା, "ତୁମେ ଯାହା କହିବ, ମୁଁ ତାହା କରିବି, କିମିତି ମା କାଳୀଙ୍କୁ ସନ୍ତୋଷ କରାଅ । ତୁମେ ମୋର ବାପ ପରି । ତୁମେ ନ ବିଗୁଡ଼ିଲେ ମୁଁ ଭାସିଯିବି । ତୁମ ବିନୁ ମୋର ଆଉ ଗତି ନାହିଁ, ମୁଁ କଣ କରିବି ? ଆଜି ପରା ଦୁର୍ଯୋଗକୁ

ମୋର ସେହି ଯୋଡ଼ପାଡ଼ ବରଟା ଆସିଚି ରେ ! ସେ ନ ଖୋଇଲେ ମୁଁ କେମିତି ଆସନ୍ତି ?"

ଯା' ଶୁଣି ଗୁଣିଆ ଭାରି ଖୁସି । ସେ ମନେ ମନେ କହୁଥାଏ, 'ବାପ' 'ବାପ' ବୋଲି କଣ କହୁଚୁ, ହଉ ହଉ, କହୁଥା । ମୁଁ ତ ଇମିତି ଇମିତି ତତେ ଭୁଲେଇ କରି ନେବି ବୋଲି ଫିକର କରୁଚି । ତୁ କଣ 'ବାପ' 'ବାପ' ହଉଚୁ ?

କିନ୍ତୁ ରଜାଟିଅ ତାର ସେ ଭୁଟ୍‌ଭାଟ୍‌ କଥାଗୁଡାକ କିଚି ବୁଝି ପାରିଲା ନାହିଁ । ସେ ଖାଲି ତା ଗୋଡ଼ ଯୋଡ଼କ ଧରି କାନ୍ଦୁଥାଏ, ଆଉ କହୁଥାଏ, "କଣ ଦେଲେ ମା କାଳୀ ସନ୍ତୋଷ ହେବେ, ମତେ କହ ମୁଁ ଏଇ[illegible]ାଗେ ଆଣିଦେବି ।"

"ଆଚ୍ଛା, ତୁ ଦେଇ ପାରିବୁ ?"

"ହୁଁ, ଦେଇ ପାରିବି ।"

"ତେବେ ସତ୍ୟକର ।"

"ମା କାଳୀଙ୍କ ହାତ ବାଟେଇ ସତ୍ୟ କରି କହୁଚି, ଯାହା ମାଗିବ, ଦେବି ।"

"ହଉ ତେବେ ଯା, ବେଗରେ ଯା, ଏଇ ଖଣ୍ଡା ନେ, ଏଇକ୍ଷଣି ତୋ ସ୍ବାମୀର ମୁଣ୍ଡ କାଟି ଆଣି ଏଇ ଅଗ୍ନିରେ ଆହୁତି ଦେ, ନଇଲେ କାଳୀ ତୋତେ ଖାଇଲା ବୋଲି ଜାଣ ।"

ଯା ବୋଲି ଗୁଣିଆ ଗୋଟିଏ ଖଣ୍ଡା ଦେଲା । ରଜାଟିଅ ସେ ଖଣ୍ଡାଟାକୁ ନେଇ ଏକା ଦଉଡ଼କେ ନଅର ଆଡ଼କୁ ଗଲା । ଗୁଣିଆ ଦୁଆର ଆଡ଼କୁ ପିଠି କରି ବସି ମଦ ପିଇଲା । ଯା' ସବୁ ଦେଖି ଶୁଣି ବସନ୍ତର ଦିହ

ଥିଲାଣି । ସେ ଏକା ହିଆଁକେ ଗୁଣିଆକୁ ନେଇ ଘର ଭିତରେ ପଶି କାଳୀଙ୍କ ହାତରୁ ଖଣ୍ଡାଟା ଆଣି ଗୁଣିଆ ବେକରେ ଚୋଟେ ଦେଲା — ମୁଣ୍ଡଟା ଛିଡ଼ିକି ଯାଇ ଖଣ୍ଡେ ଦୂରରେ ପଡ଼ିଲା । ବସନ୍ତ ଝଡ଼ପଡ଼ କରି ସେ ମୁଣ୍ଡଟାକୁ ଧରି ଦଉଡ଼ିଲା । ବଗିଚାରେ ମୁଣ୍ଡଟାକୁ ଲୁଚେଇ ଦେଇ ଘର ଭିତରକୁ ଯାଇ ଦେଖେ ତ ବିଜନରୁ କଟା ମୁଣ୍ଡଟାକୁ ଧରି ରଜାଝିଅ ଆସୁଛି । ସେ ବସନ୍ତକୁ ଦେଖିଲା ମାତ୍ରକେ ମୁଣ୍ଡଟାକୁ ଫୋପାଡ଼ି ଦେଇ ଡାକ ପକେଇଲା — " ଧାଇଁ ଆସ ହେ, ହାଣି ପକେଇଲା, ଧାଇଁ ଆସ ହେ, ମାରି ପକେଇଲା ।"

ଲୋକେ ଜମା ହୋଇଗଲେ । ରଜା ରାଣୀ ପାତ୍ର ମନ୍ତ୍ରୀ ପାଇକ ପିଆଦା ସମସ୍ତେ ଆସି ଦେଖନ୍ତି, ତ ସତ୍ୟାନାଶ ! ଘର ଭିତରେ ରକତନଈ ଭାସୁଛି । ସାଙ୍ଗେ ସାଙ୍ଗେ ବସନ୍ତକୁ ହାତ ଗୋଡ଼ ବାନ୍ଧି କଇଦରେ ପକେଇ ଦେଲେ ।

ସକାଳୁ ବିଚାର ହେଲା ।

ରାଇଜ ଲୋକେ ଠିଆ ହୋଇଅଛନ୍ତି । ରଜାଝିଅ କହିଲା, " ଏ ଆଗ ମୋ ଦେହରୁ ଅଳଙ୍କାରଯାକ କାଢ଼ିଲା, ତା ପରେ ମୋ ସ୍ୱାମୀଙ୍କୁ ହାଣିଲା — ମତେ ହାଣିବାକୁ ଆସିଲାବେଳକୁ ମୁଁ ଡାକ ପକେଇଲି ।"

ବସନ୍ତ ତୁନୀ ହୋଇ କାଠ ପରି ଠିଆ ହୋଇଥାଏ, ଦି' ଆଖିରୁ ଲୁହ ବୋହିଯାଉଥାଏ ।

ରଜା କହିଲେ — " କିରେ କାଳୁଚୁ କଣ ? ତୋର ତୋତେ କଣ କହିବାକୁ ଅଛି ଶୀଘ୍ର କହ, ଏଇଲାଗେ ଫାଶୀ ପାଇବୁ ।"

ବସନ୍ତ କହିଲା — " କଣ କହିବି ମହାରାଜ ! ଏ

ରାକ୍ଷସୀଟାଏ ତୁମର ଝିଅ ହୋଇଛି ।"

ଏ କଥା ଶୁଣି ରଜା ତ ରାଗରେ ନିଆଁ ମେଣ୍ଟା! କହିଲେ, "ମୁହଁ ସମ୍ଭାଳି କଥା କହ ।"

"ସେଇଥିରୁ ତ କହୁଛି — ଶୁଣନ୍ତୁ," ବୋଲି ବସନ୍ତ, ଆଦ୍ୟ ପ୍ରାନ୍ତ, କରି ସବୁ କଥା କହିଗଲା । ଏ କଥା ଶୁଣି ଲୋକେ ତାଟକା ।

ମନ୍ତ୍ରୀ କହିଲା— "ଏ କଥା ସବୁ ମିଛ ।"

"ମିଛ ? ମଶାଣିକି ଲୋକ ପଠେଇ ଦେଖିଲ, ଅଉ ବଗିଚାରେ କି ତା ମୁଣ୍ଡଟା ପଡ଼ିଛି, କାହାକୁ ପଠାଇଲେ ଜାଣିବେ ମୋ କଥା ମିଛ କି ସତ !"

ଯାଉଁ ଯାଉଁ ଲୋକେ ଧାଇଁଲେ ; ମଶାଣିରୁ ମୃତିଆର ଗଣ୍ଡିଟା ଘେନି ଅଇଲେ । ବଗିଚାରୁ କି ମୁଣ୍ଡଟାକୁ ଖୋଜି ଖୋଜି ଆଣିଲେ । ଯାହା ଦେଖି ସମସ୍ତେ, ତ ହୃଦ୍‌କମ୍ପ । କହିଲେ, "ଏ ତ ଆମର ସେଇ ଯନ୍ତ୍ରଣା କଟୁଆଳଟା, ଚୋରି କରି କଇଦୀ ହୋଇଥିଲା । କଇଦାରୁ ପଳେଇ ଯାଇ ଏବେ ଏମିତ ଗୋଟାଏ ରଙ୍ଗ କରିଥିଲା । ଯାଉ, ମଲା ନାହିଁ ସେ କଣ୍ଟା ଗଲା— ରାଇଜ ରକ୍ଷା ହେଲା ।"

ସେଇଲାଗେ ରଜାଝିଅକୁ ଖୋଜିଲେ । ଦେଖିଲାବେଳକୁ ରଜାଝିଅ ଗୋଟାଏ ଘରେ ଜଉଟାକୁ ଓଟାରି ଦେଇ ମାରିଯାଉଛି । ଏ କଥା ଶୁଣି ରଜା ହସିଲେ, କହିଲେ— "ରକ୍ଷା ପାଇଲି, କାଳ ଗଲା ।"

ବସନ୍ତର ହାତ ଗୋଡ଼ରୁ କଡ଼ି ଫିଟେଇଦେଲେ । ରଜା କହିଲେ, ତୁମେ କେଉଁ ଗାଁକର ନୁହଁ । ଗାଁକର ଲୋକର ଏତେ ସାହସ — ଏତେ ଅକଲ କେଉଁଠୁ

ହେ ଅନନ୍ତ ! ତୁମେ କିଏ ସେ, ସତ କହି କହ ।"

ବସନ୍ତ କହିଲା, "ସତରେ ମହାରାଜ, ମୁଁ ସୁନ୍ଦର ନୁହେଁ, ତାଙ୍କର ମିତ - ମନ୍ତ୍ରୀପୁଅ - ମୋ ନାଁ ବସନ୍ତ ।"

ରଜା ତ ଆନନ୍ଦରେ ବସନ୍ତଙ୍କୁ କୁଣ୍ଢେଇ ପକେଇଲେ ।

ବସନ୍ତ କହିଲା, "ଆଉ କଣ ଅଛି ! ସବୁ ସେମିତିହି ସୁଖ ତ ସରିଗଲା । ତେବେ ମୋର ଏତିକି ମାଗୁଣି — ଗୋଟାଏ ବଡ଼ ପିତଳ ସିନ୍ଦୁକରେ ତେଲ ଭର୍ତ୍ତି କରି ତାରି ଭିତରେ ମିତଙ୍କୁ ରଖି ମୋତେ ସେ ସିନ୍ଦୁକଟି ଦିଅ । ତାଙ୍କର ମୋର ପ୍ରାଣଦିଆଦେଇ ସାଙ୍ଗ, ମୁଁ ତାଙ୍କୁ ଛାଡ଼ି କେବେଁ ଜୀଇଁବି ନାହିଁ । ମିତଙ୍କୁ ନେଇ ରାଇଜ ରାଇଜ ବୁଲିବି, ଯେବେ ବଞ୍ଚେଇ ପାରିବି, ତେବେ ତ ଘରକୁ ଯିବି, ନହେଲେ ତାଙ୍କୁ ନେଇ ସମୁଦ୍ରରେ ଝାସ ଦେବି ।"

ବସନ୍ତ କହିବା ମୁତାବକ ରଜା ସବୁ ସଜାଇ କରିଦେଲେ । ବସନ୍ତ ବିଜୁଳିରେ ଘୋଡ଼ା ପିଠିରେ ସିନ୍ଦୁକଟି ଲଦି ଆପେ ସଇସ ପରି ଘୋଡ଼ାର ଲଗାମ ଧରି ଆଗେ ଆଗେ ଯାଉଥାଏ ।

କେତେ ଦେଶ ବୁଲିଲା, କେତେ ଆଉ ଦେଖିଲା, କିନ୍ତୁ କାହିଁରେ ମନ ଥଣ୍ଡା ନାହିଁ । ଖିଆପିଆ, ବସାଉଠା ଲଗାପଗା କିଛି ନାହିଁ । ବୁଲି ବୁଲି ଦେହ କଳାକାଠ ପାଢ଼ିଗଲାଣି, ମୁଣ୍ଡରେ ଜୋଟେ ଜଟା, ଦେହରେ ଖାଡ଼ି ଗାର ପଡ଼ୁଛି, ମୁଣ୍ଡରେ ଚଣ୍ଡତାପ ବର୍ଷା କରୁଛି, ଖାଲି ବାଳୁଙ୍କି ତାର ମଜାଟାକୁ ଘୋର ଜଳୁଛି ।

ବୁଲି ବୁଲି ଦିନେ ଅପରାହ୍ନକୁ ଯାଇ ଆପଣା ଶାଶୁରଘର ରାଇଜରେ ପହଞ୍ଚିଲା । ତାକୁ ତ କିଛି ସୁଖ ଲାଗୁ

ନ ଥାଏ ; ଭାବୁଥିଲା – " ଆଉ ଏବେ ରାତିରେ ଶାଶୁର ଘରକୁ କିଣ ଯିବ ? କାଲି ସକାଳେ ଯିବ ।" ସେ ବାଟରେ ଗୋଟିଏ ପୋଖରୀ କୂଳକୁ ଗଲା । ସେଠାରେ ଗୋଟିଏ ଗଛରେ ଘୋଡାଟାକୁ ବାନ୍ଧିଦେଇ ଆପେ ତାର ପାଖରେ ବସି ଥାଏ ।

ସେଇ ପୋଖରୀକି ଲାଗି ଗୋଟିଏ ବଗିଚା । ବଗିଚା ଭିତରେ ଦେଉଳ । ଦେଉଳରେ କାଳୀମୂର୍ତ୍ତି । ଦେଉଳ ଆର ପଟକୁ ତା ଶାଶୁର ଘର ।

ରାତି ନିର୍ଜ୍ଜନ । ଜହ୍ନ ଗର୍ଜୁଛି । ଘୁର ଆଡ଼େ ଜହ୍ନଟି ଆ । ବସନ୍ତ, ଦେଖେ ତ, କିଏ ମାଇପିଟିଏ ତା ଶାଶୁର ଘର ଖିଡ଼କି ଦୁଆର ପିଟେଇ ଅଇଲା । ସେମିତି ଯୋଗିନୀ ବେଶ, ସିମିତ ହାତରେ ସବୁ ସଜାଡ଼ି କରି ଅଛନ୍ତି । ବସନ୍ତ, ଗଛ ଆଡୁଆଳରେ ଲୁଚି ବସି ଦେଖେ ତ ତାର ଭାରିଜା । ମନଟା ଭାରି ଖରାପ ହୋଇଗଲା ; ଭାବୁଥିଲା – ସବୁ ମାଇପେ ଏକାପରି । ତେବେ କଣ ପୃଥିବୀରେ ଆଉ ସତୀ ନାହାନ୍ତି? ଛି, ଛି, ସ୍ତ୍ରୀଙ୍କ ମୁହଁ ଚାହିଁବାର ନୁହେଁ । ଇମିତି ବାରଆଡୁ ବାର କଥା ଭାବୁଥି ଭାବୁଥି ତାକୁ ନିଦ ଲାଗିଗଲା । ସେ ସେଇ ଗଛମୂଳରେ ଶୋଇପଡ଼ିଲା ।

ସେ ମାଇପିଟି ପୋଖରୀରେ ଗାଧୋଇ ପାଧୋଇ ବଗିଚାରୁ ଫୁଲ ଫଳ ସବୁ ତୋଳି ସିମିତ ଓଦା ଲୁଗା ଓଦା ବାଳରେ ଦେଉଳ ଭିତରକୁ ଯାଇ ଦୁଆର କିଳି କାଳୀପୂଜା କରି ବସିଲା । ପୂଜା ସାରି ଦଣ୍ଡ ପ୍ରଣାମ କଲାବେଳକୁ ସାକ୍ଷାତରେ କାଳୀ ପ୍ରସନ୍ନ ହୋଇ ବର ଦେଲେ, କହିଲେ –

"ତୋହର ପୂଜା ସିଦ୍ଧ ହେଲା ସତୀ,
ପୋଖରୀକୂଳେ ଶୋଇଛି ତୋ ପତି ।"

ଏହା ଶୁଣି ମନ୍ତ୍ରୀଝିଅ ଅଙ୍ଗପଦ ହୋଇ ପୋଖରୀ କୂଳକୁ ଆଉଁ ଯାଇଁ ଦେଖେ ତ ସତରେ ତାର ବର ! ଦେଖି ଆନନ୍ଦରେ ପେଟ ପୂରି ଉଠୁଛି । ଆଉଁ ଯାଇ ଆପଣା ବାପମାଙ୍କୁ କହିଦେଲା ।

ତା ଶୁଣି ମନ୍ତ୍ରୀ ଚାକରବାକରମାନଙ୍କୁ ନେଇ ଜୋଇଁଙ୍କି ଆଣିବାକୁ ଯାଇ ଦେଖନ୍ତି ତ ଜୋଇଁ ଦିହରେ ଗଣ୍ଡ ନାହିଁ । ଏହା ଦେଖି ମନ୍ତ୍ରୀଙ୍କ ଦିହ କରଡ ହୋଇ ଯାଉଥାଏ । କାନ୍ଦ କାନ୍ଦ ହୋଇ ଜୋଇଁଙ୍କି ଉଠେଇଲେ । ବସନ୍ତ ଉଠି କରି ଚାହିଁଦିଏ ତ ଆପଣା ଶଶୁର । ଆଉ କିଛି କହିଲା ନାହିଁ ; ଖାଲି ସିନ୍ଦୁକଟିକି କୁଣ୍ଢେଇ କରି ବସିଥାଏ ।

ମନ୍ତ୍ରୀ କେତେ କଥା ପଚାରିଲେ, ଆଉ ସମସ୍ତେ କେତେ ବୁଝେଇଲେ ; କିନ୍ତୁ ବସନ୍ତ ମୁଁ କି ଚୁଁ ପାଟି ଫିଟେଇଲା ନାହିଁ । ମନ୍ତ୍ରୀ ବିଚାରିଲେ, ଜୋଇଁଟା ବାୟା ହୋଇଯାଇଛି । ଯାହାହେଉ, ଜୋର ଜବରଦସ୍ତି କରି ଜୋଇଁଙ୍କି ଘରକୁ ନେଲେ । ଚାକରମାନେ ସିନ୍ଦୁକଟାକୁ ନେଇ ବସନ୍ତ ଯୋଉଁ ଘରେ ରହିବ, ସେଇ ଘରେ ଥୋଇଦେଲେ ।

ମନ୍ତ୍ରୀ ମୂଲକର ବଇଦ ଗୁଣିଆଙ୍କୁ ଡକାଇଲେ, ଜୋଇଁଙ୍କି କେତେ ଚିକିତ୍ସା କରାଇଲେ, କେତେ ହୋମଯଜ୍ଞ କରି କେତେ ଦାନପୁଣ୍ୟରେ ଲଗିଲେ, କିନ୍ତୁ କାହିଁରେ କିଛି ହେଲା ନାହିଁ । ସବୁ ଉପାୟରୁ ପାଣି ପାଚିଗଲା । ଜୋଇଁ ଯୋଉ ମୁନି କି ସେଇ ମୁନି । ଲୋକଙ୍କୁ

ମନ୍ତ୍ରୀଝିଅ ବରର ଗୋଡ଼ତଳେ ପଡ଼ି ମୁଣ୍ଡମାରି ଡୋଟଡୋଁଡ଼ କାନ୍ଦିଲା, ଆଉ ଜମାରୁ ଉଠିଲା ନାହିଁ । ୟା ଦେଖି ବସନ୍ତ, ଅଧିକ ରାଗିଲା, ଆଉ ସମ୍ଭାଳି ହୋଇ ରହି ପାରିଲା ନାହିଁ; କହିଲା— "ପୃଥିବୀରେ ତ ସତୀ ନାହାନ୍ତି,— ସମସ୍ତେ ଅସତୀ । ଦୁଷ୍ଟାଟାକୁ ଆସି ଏତେ ଦେଖ କରୁଛ କାହିଁକି ?"

ଏ କଥାଟା ମନ୍ତ୍ରୀଝିଅକୁ ଭାରି ବାଧିଲା; ସେ କହିଲା— "ଏ କଥା ତୁମକୁ କିଏ କହିଲା ? ଛି ଛି! ହରି ହରେ, ସତୀ ନ ଥିଲେ ସଂସାର ଚଳବ? ତୁମେ ଦେଖୁ ଦେଖୁ ୟା କହୁଛ ?"

ବସନ୍ତ ତ ଠୋ ଠୋ ହୋଇ ହସି ଉଠିଲା; କହିଲା— "କାହାକୁ ଦେଖୁଛି ? ଏତେ ! ହଁ, ତୁ ତ ଭାରି ସତୀଟାଏ !"

"ଏମିତି କଥା କହ ନାହିଁ, ସତୀଙ୍କି ଏମିତି କଳଙ୍କ ଦେବାଟା କିଛି ଭଲ କଥା ନୁହେଁ ।"

"ତେବେ ପରୀକ୍ଷା ଦେ ।"

"କଣ ପରୀକ୍ଷା ଦେବି, କହ ।"

"ଏଇ ସିନ୍ଦୁକରେ ମୋର ମିତ ଅଛନ୍ତି । ଗୋଟାଏ ଅସତୀ ଲାଗି ତାଙ୍କର ଏ ଦଶା । ମୁଁ ଶୁଣିଛି, ଯେ ପ୍ରକୃତ ସତୀ ହୋଇଥିବ, ସେ ଯାହା କହିବ, ତାହା ଫଳିବ । ତୁ ଯେବେ ମୋ ମିତଙ୍କୁ ବଞ୍ଚାଇଦେବୁ, ତେବେ ଜାଣିବି ତୁ ପ୍ରକୃତ ସତୀ ।"

"ହଉ ତେବେ, ମତେ ତିନୋଟି ଦିନ ସମୟ ଦିଅ । ମୁଁ ଆଜିଠୁଁ ତିନଦିନ ଯାଏ କାଳୀଙ୍କ ଦେଉଳରେ ରହିବି । ତୁମେ ଏ ସିନ୍ଦୁକଟି ମୋ ପାଖରେ ରଖିଦେଇ ଦ୍ୱାରମୁହଁରେ ବସିଥିବ ।"

ବିଜୟର ଥିବା ସିନ୍ଦୁକଟି କାଳୀଙ୍କ ପାଦତଳରେ ଥୋଇ ଦେଇ ବସନ୍ତ ଦୁଆର ମୁହଁରେ ବସିଥାଏ । ମନ୍ତ୍ରୀଝିଅ ଦୁଆର ଖୋଲି କାଳୀ ପୂଜା କରି ବସିଲା । ଚନ୍ଦନ ଉଭାସ କାଳୀଙ୍କର ହୁକୁମ ହେଲା —

" ସତୀ ଗୋ ସତୀତ୍ୱବଳେ ଉଠିବ ସେ ବଞ୍ଚି,
ମୋହର ପାଦୁକ ଦେ ତା ଉପରେ ସିଞ୍ଚି ।"

ସେଇଲାଗେ ମନ୍ତ୍ରୀଝିଅ ବରଙ୍କ ଯାହା ସବୁ କହିଲା । ବସନ୍ତ ସିନ୍ଦୁକଟି ଫିଟେଇ ଦେଲାରୁ ମନ୍ତ୍ରୀଝିଅ ଯେମିତି ଫୁଲପାଣି କରି ମୁଠାଏ ତା ଉପରେ ସିଞ୍ଚି ଦେଇଛି, ସେମିତି ବିଜୟ ଚେଇଁଲା । ସେ ଅଡ଼ି ପଡ଼ି ହୋଇ ଉଠି କହିଲା — " ହଇ ହେ ମିତ, ମୁଁ କେତେ ଘୁମାଏ ଶୋଇ ପଡ଼ିଲି, ମତେ ତୁମେ ଉଠାଇଦେଲ ନାହିଁ ?"

ୟା ବୋଲି ଚାରିଆଡ଼କୁ ଚାହିଁ କହା ! "ଏ କଣ ? ଏ କେଉଁଠା ? ଏ ମାଇପିଟି କିଏ ?

ବସନ୍ତ ହସି ହସି ବିଜୟକୁ ସବୁକଥା ବିସ୍ତାରିକରି କହିଲା ।

ଦି ମିତଙ୍କ ହାତ ଧରାଧରି ହୋଇ ମନ୍ତ୍ରୀ ଘରକୁ ଗଲେ । ମନ୍ତ୍ରୀଘର ଆନନ୍ଦରେ ପୂରି ଉଠିଲା । ସଭିଙ୍କର ମନ ଆନନ୍ଦ, ଖାଲି ବିଜୟର ମନଟି ମରି ଯାଇଥାଏ । ବସନ୍ତ ଭାବେ, " କଣ କରିବି ? କିମିତି ମିତଙ୍କ ମନ ଆନନ୍ଦ ହେବ ?

ସେଠାରୁ ବସନ୍ତ ଆଉ ମନ୍ତ୍ରୀଝିଅ ଦି ପ୍ରାଣୀ ଯାକ ଯୋଡ଼ା ଯୋଡ଼ି ହୋଇ ବିଜୟର ମନ ଭୁଲାଇବାକୁ ସାଙ୍ଗରେ ନେଇ ଦେଶ ବୁଲିଗଲେ ।

ଯାଉଁ ଯାଉଁ କେତେ ଦିନ ପରେ ଗୋଟାଏ ଅଚିହ୍ନା ବନସ୍ତରେ ପହଞ୍ଚିଲେ । ସେତେବେଳକୁ ଶୋଷରେ ବସନ୍ତର ଓଠ କଣ୍ଠ ଶୁଖି ଗଲାଣି । ସେ ଆଉ ଚାଲି ପାରିଲା ନାହିଁ, ସେଇଠି ଲଥ୍ କିନା ବସି ପଡ଼ିଲା । ବିଜୟ ଗଲା ପାଣି ଖୋଜିବାକୁ ।

ଖୋଜୁ ଖୋଜୁ ଦେଖିଲା, ବନସ୍ତ ମଝିରେ ଜବର ବଡ଼ ପୋଖରୀ । ପୋଖରୀ କୂଳରେ ଗୋଟାଏ କନ୍ୟାର ମୂର୍ତ୍ତି ଝଟକ ମଲମଲ ପଥରରେ ଖୋଳା ହୋଇଛି । ଭାରି ସୁନ୍ଦରୀ କନ୍ୟା ! ତାଙ୍କର ଚେହେରା ଯାଏ କେଉଁଠି କିଛି ବାହୁନିବାକୁ ନାହିଁ । ଖାଲି ଆଖି ଯୋଡ଼ିକ ନାହିଁ — ଅନ୍ଧୁଣୀଟିଏ । ତାର ଗୋଡ଼ତଳକୁ ତାର ନାଁ, ଗାଁ, ଠିକଣା ସବୁ ଲେଖା ହୋଇଛି । ବିଜୟ ପାଣି ଆଣି ମିତକୁ ଦେଇ ସେ କନ୍ୟା କଥାସବୁ କହିଲା । ଶେଷକୁ କହିଲା, "ମତେ ତାକୁ ବିଭା କରି ନ ଦେଲେ ମୁଁ ଜୀବନ ରଖିବି ନାହିଁ ।"

ବସନ୍ତ ତାକୁ କେତେ ବୁଝେଇଲା ; କହିଲା, "ସେ ତ ଅନ୍ଧୁଣୀଟାଏ, ତାକୁ କିଏ ବିଭା ହେବ ? ଚାଲ ଆମ ଦେଶକୁ ଯିବା, ବାପା ତୁମକୁ ଭଲ କନ୍ୟାଟିଏ ବିଭା କରାଇଦେବେ ।"

କିନ୍ତୁ, ବିଜୟର ଏକା କଥା — "ମୁଁ ସେଇ କନ୍ୟାକୁ ବିଭା ହେବି, ନହେଲେ ପ୍ରାଣ ରଖିବି ନାହିଁ ।"

ବସନ୍ତର ଆଉ ଚାରା କଣ ?

ସମସ୍ତେ ଖୋଜି ଖୋଜି ସେଇ କନ୍ୟାର ଦେଶକୁ ଗଲେ । ବସନ୍ତ ସେ ଦେଶ ରଜାଙ୍କ ସଭାକୁ ଗଲା । କେତେ ଭଲ ଦରବ ଭେଟି ଦେଲା । ତା ପରେ ବିଜୟର କଥାସବୁ କହିଲା । ସବୁ ଶୁଣି ରଜା କହିଲେ, "ମୋ ଝିଅ ତ ଅନ୍ଧୁଣୀଟିଏ, ତମ ମିତ କଣ

ତାଙ୍କୁ ବିଭା ହବାକୁ ମାଗିବେ ?"

"ହଁ, ସେ ଅଲକ୍ଷଣୀ ବୋଲି ଜାଣିଶୁଣି ମୁଁ ତ ତାଙ୍କୁ ବିଭା ହବାକୁ ଚାହେଁ, ନହେଲେ ପ୍ରାଣ ରହିବେ ନାହିଁ ।"

ଏଥି ଶୁଣି ରଜା ଭାରି ଖୁସି । ବସା ଯାଆଁ ଦେଇ ସମସ୍ତଙ୍କୁ ରଖେଇ ଭଲ ଦିନ ଦେଖି ବିଭାଘର କଲେ । କନ୍ୟାକୁ ଦେଖି ବି ମିତମାନେ କାବା ! ପଦ୍ମଫୁଲ ପରି ଆଖି ଯୋଡ଼ିକ ବିରାଜୁଛି ।

ରଜା କହିଲେ — "ରୂପ ଗୁଣ ଦେଖିଲେ ତ ସମସ୍ତେ ଭଲ ପାନ୍ତି ; କିନ୍ତୁ, ଖୁଣ ଦେଖି କରି ସୁଦ୍ଧା ଯେ ଭଲ ପାଏ, ସେଇ ଏକା ପ୍ରକୃତ ଦେଖି ପାରବ ବୋଲି ମୁଁ ଝିଅର ଅନ୍ଧମୂର୍ତ୍ତି ଘୋଟେଇଥିଲି ।" ଏଥି ଶୁଣି ଦୁଇ ମିତମାନେ ମୁରୁକେଇ ମୁରୁକେଇ ହସୁଥାନ୍ତି ।

ମହା ଆଡ଼ମ୍ବରରେ ବିଭାଘର ହୋଇଗଲା । ରଜା ପାଲିଙ୍କି, ପାଟଲୁଗା, ଯାନବାହନ, ଚାକର ଚାକରାଣୀ ଆଦି କେତେ ଯୌତୁକ ଦେଇ ଝିଅ ଜୋଇଁଙ୍କୁ ବିଦାକୁ ଦେଲେ । ଦୁଇ ମିତମାନେ କନ୍ୟା ନେଇ ଆପଣା ଦେଶକୁ ବାହାରିଲେ ।

ଦିନମାନେ ବାଟ ଚାଲନ୍ତି, ଯୋଉଠି ରାତି ହୁଏ, ସେଇଠି ତମ୍ବୁ ପକେଇ ରନ୍ଧାବଢ଼ା ଖିଆପିଆ କରି ଶୁଅନ୍ତି । ପୁଣି ସକାଳୁ ଉଠି ବାଟ ଚାଲନ୍ତି ।

ଏମିତି ଯାଉଁ ଯାଉଁ ଛଅ ମାସ ଉତ୍ତାରୁ ଯାଇ ଆପଣା ରାଇଜରେ ପହଞ୍ଚିଲେ । ସେତେବେଳକୁ ରାତି ହେଲାଣି । ବସନ୍ତ କହିଲା, "ମିତ, ତୁମେ ନୂଆବୋହୂକୁ ନେଇ ରାଇଜକୁ ଆସିଛ, ଏମିତି ନ କହି ନ ବୋଲି ନଅରକୁ ଯିବାଟା ସୁନ୍ଦର ନୁହେଁ । ଆଜି ରଜାଙ୍କ ପାଖକୁ

ଖବର ପଠେଇଦବା , କାଲି ସକାଳୁ ରଜାଙ୍କର ଡକରା ଆସିଲେ ଯିବା ।"

ବିଜୟୁ ରାଜି ହେଲା । ବସନ୍ତ, ରଜାଙ୍କ ପାଖକୁ ଖବର ପଠେଇ ଦେଇ ସେଇଠି ତମ୍ବୁ ପକେଇବାକୁ ହୁକୁମ୍ ଦେଲା । ତମ୍ବୁ ଟାଣି ସମସ୍ତେ, ଝିଅାପିଆ ସାରି ଶୋଇଲେ, ଖାଲି ବସନ୍ତ, ଶୋଇଲା ନାହିଁ, ପହରା ଦେଲା ।

ରାତି ଅଧ । ଚାରିଆଡ଼ ନିଶବଦ । ସେ ସ୍ତୁଆଡ଼େ ନିଦରେ ଅଚେତ୍ । ବସନ୍ତ, ହାତରେ ଖଣ୍ଡାଟିଏ ଧରି ତମ୍ବୁ ଚାରିପଟେ ଯାକ ବୁଲୁଥାଏ । ବୁଲୁ ବୁଲୁ ଦେଖିଲା, ଗୋଟିଏ ଗଛରେ ଶୁଆ ଶାରୀ ଯୋଡ଼ିଏ ବସି କଥାବାର୍ତ୍ତା ହେଉଛନ୍ତି । ବସନ୍ତ, ଧିରେଟି ହୋଇ ଗଛମୂଳରେ ବସି କାନପାରି ଶୁଣିଲା । ଶୁଆ କହୁଛି, "ବସନ୍ତ, ମିତକୁ ଏତେ ପ୍ରାଣ ପ୍ରାୟଶ୍ଚିତ୍ତ କରି ଜଗିଛି ସେ କଣ ହବ ? କାଲି ତ ବିଜୟୁ ଆଉ ନ ବଞ୍ଚେ ।"

ଶାରୀ କହିଲା – "କାହିଁକି ?"

"କାଲି ବାଇଦ ବଡ଼କାଠ ବଜେଇ ରଜାଘରୁ କେତେ ଲୋକ ଆସିବେ ପୁଅ ବୋହୂଙ୍କୁ ପାଛୋଟି ନବାକୁ । ବିଜୟୁ ଚଢ଼ିକରି ଯିବାକୁ ସେଠେଇଁ କଳା ଘୋଡ଼ାଟି ଆସିଥିବ , ବିଜୟୁ ତ ସେଥିରେ ବସିବ ; କିନ୍ତୁ ସେ ବସି ପାରିଲା ବେଳକୁ ଘୋଡ଼ାଟା ତାକୁ ଏକା ଡିଆଁକେ ତଳେ ପକେଇଦେଇ ଖୁରାରେ ଚକଟି ମାରି ପକେଇବ ।"

"ଏଇ କଥା ତ ! ଆଚ୍ଛା, ବସନ୍ତ, ଯେବେ ସେଇଲାଗେ ସେ ଘୋଡ଼ାଟାକୁ ହାଣିଦିଏ, ତେବେ ?"

"ହିଁ , ତା ହେଲେ ବଞ୍ଚିଯିବ ; କିନ୍ତୁ ନଅରକୁ ଗଲା ବେଳକୁ ନଅରର ଝିଲାଣଟା ବିଜୟ ଉପରେ

ଉପରେ ଅଜାଡ଼ି ହୋଇ ପଡ଼ିବ, ବିଜୟ ଛଟପଟି ହୋଇ ତାର ତଳେ ମରିଯିବ ।"

"ଆଚ୍ଛା, ଆଗରୁ ସେ ଶିଳାଖଣ୍ଡଟାକୁ ଭାଙ୍ଗି ଦେଇହେବନି?"

"ହୁଁ, ତା କଲେ ଭଲ ହେବ; କିନ୍ତୁ ପୁଅବୋହୂଙ୍କୁ ବନ୍ଦାପନା କରି ଘରକୁ ନେଇ ରାଣୀ ଭାତ ଖୁଆଇଦେବେ । ବିଜୟ ପହିଲ ଗୁଣ୍ଡାଟି ଖାଇଲା ବେଳକୁ ଗୋଟାଏ କଣ୍ଟା ତା ତୋଟିରେ ଲାଗି ସେ ମରିଯିବ ।"

"ସେ ଗୁଣ୍ଡାକ ଭାତ ଫୋପାଡ଼ି ଦେଲେ?"

"ହୁଁ, ତା ହୋଇ ପାରେ । କିନ୍ତୁ ଯୋଗକୁ ଯାହା ହେବ, ତାକୁ ସେଥିରୁ କେହି ରଖି ପାରିବେ ନାହିଁ ।"

"ପୁଣି କଅଣ ହେବ ମ?"

"ରାତିରେ ବରକନିଆଁ ଦୁହେଁ ଶୋଇଥିବେ । ଯେମିତି ଦୁହିଁଙ୍କୁ ନିଦ ଲାଗିଯିବ, ସେମିତି ରଜାଝିଅର ନାକପୁଡ଼ାରୁ ସୂତା ପରି ଗୋଟିଏ ସାପ ବାହାରି ପବନ ଖାଇ ଆସ୍ତେ, ଆସ୍ତେ, ଫୁଙ୍କିଲ ବିଜୟକୁ ଚୋଟ ମାରିବ । ବିଜୟ ତ ସେତେବେଳେ ଶୋଇ! ସେ ଘରେ ଆଉ କିଏ ଥିବ ଯେ ସେ ସାପଟାକୁ ମାରି ପକେଇବ?"

"ଆହା, ଏଡ଼େ ସୁନ୍ଦର ରଜାପୁଅଟି ଅକାରଣରେ ମରିଯିବ? ଏ କଥା ହେଲେ କିଏ ତାକୁ କହିଦିଅନ୍ତା!"

"କିଏ କହିବ ଲୋ! ଏ କଥା ଯେ ତାଙ୍କ ଆଗରେ କହିବ ସେ ପଥର ହୋଇଯିବ ।"

"ସେ ପଥର କଣ ଆଉ ମଣିଷ ହୋଇ ପାରିବ ନାହିଁ?"

"ହୁଁ, ମଣିଷ ହୋଇ ପାରିବ । ଯେବେ ବିଜୟ ଆଉ ବିଜୟ ଭାରିଯା ଦୁହେଁ ତାଙ୍କ ପହିଲାଁ ପୁଅକୁ

ଯାତ୍ରୀଘର ଦିନ ନେଇ ସେ ପଥର ଉପରେ ବଳିଦେବେ, ତେବେ ସେ ପଥରଟି ଯୋଡ଼ିଂ ମାଣିକ୍ୟ ସେଇ ମାଣିକ ହୋଇଯିବ।"

"ତେବେ କଅଁଳା ପିଲାଟି ଦୁର୍ଯୋଗରେ ମରିଯିବ କିନା !"

"ନାହିଁ, ତାର ଉପାୟ ଅଛି। ସେ ପଥର ମାଣିକ ହୋଇଗଲା ପରେ କାହାର ମୁହିଁକୁ ନ ଚାହିଁ ଆପଣା ବୁକୁକୁ ଚିରି ସେଇ ରକ୍ତରୁ ଟୋପେ ଲଗେଇ ଗଣ୍ଡିମୁଣ୍ଡ, ଏକାଠି କରି ଯୋଡ଼ିଦେଲେ ତ ପିଲା ସେଇଲାଗେ ବଞ୍ଚିଯିବ।"

ଏଥି ମଧ୍ୟରେ ରାତି ପାହିଗଲା — ଶୁଆ ଶାରୀ ଯୋଡ଼ିକ ଉଡ଼ି ଚାଲିଗଲେ।

ଏଣେ ବିଜୟ-ବସନ୍ତ, କନ୍ୟା ଯେନି ଆସୁଛନ୍ତି ବୋଲି ରାଇଜ ଆନନ୍ଦ-ଉତ୍ସବରେ ଦୁଲୁ ଦୁଲୁ। ଲୋକେ ଆନନ୍ଦରେ ବାଟ ଚାଲି ଜାଣୁ ନାହାନ୍ତି। କେତେ ବାଣ ଫୁଟୁଛି, କେତେ ଗୀତ ନାଟ ହଉଛି, କେତେ ବାଜା ବଇରଖ ଉଡ଼ୁଛି, ତାର ସୀମା ନାହିଁ।

ଆର ଦିନ ରଜା ପୁଅବୋହୂଙ୍କୁ ପାଛୋଟି ଆଣିବାକୁ ମନ୍ତ୍ରୀଙ୍କି ହୁକୁମ ଦେଲେ। ମନ୍ତ୍ରୀ ପାଲିଙ୍କି, ପାଟହାତୀ, ଯାନବାହନ, ଲୋକବାକ ନେଇ ବାଇଦ ବାଜଣା ବଜେଇ ପୁଅବୋହୂଙ୍କୁ ଆଣିବାକୁ ଗଲେ।

ଏଣେ ବସନ୍ତ, ଆଉ କାହାରିକୁ କିଛି କହିବାକୁ ନାହିଁ କି କିଛି କରିବାକୁ ନାହିଁ। ଖାଲି ବିଜୟକୁ ଯୋଡ଼େ ଯୋଡ଼େ ଜଗିଛି। ଏହା ଦେଖି ବିଜୟର କାବା ! ପଚାରିଲା — "ମିତ, ତୁମର ଆଜି କଣ ହେଲା କି ? ତୁମେ କିଆଁ ଏମିତି ଖାଲି ବାପ୍ପାଙ୍କ ପରି ହଉଛ ?"

ବସନ୍ତ କହିଲା, "ନାହିଁ ମିତ ହେବ କଣ ? ଚାଲ କିମିତି ଯାଇ ଘରେ ପଶିବା ।"

ମନ୍ତ୍ରୀ ଆସିଲେ । ବିଜୟ ପୂର୍ବକର୍ମ, ଦହିମାଛ ସବୁ ଦେଖି ଦେଖି ଯାଇ ଘୋଡାରେ ବସି ପଡ଼ିଲା ବେଳକୁ ବସନ୍ତ ଚଟ୍‌କିନା ଖୋଳରୁ ଖଣ୍ଡାଟା କାଢି ଘୋଡାର ଆଗ ଗୋଡ଼କୁ ଚୋଟେ ଦେଲା । ଘୋଡାଟା ଦୁମ୍‌କିନା ତଳେ ପଡ଼ିଗଲା । ବିଜୟ ଖପ୍‌କିନା ଘୋଡାରୁ ଡେଇଁ ପଡ଼ି କହିଲା —

"ମିତ, କଲ କଣ ? ଅନୁକୂଳରୁ ବିଘ୍ନ !"

"ବିଘ୍ନ ନୁହେଁ ମିତ, ଗ୍ରହଶାନ୍ତି । ଆଉ ଗୋଟାଏ ଘୋଡାରେ ବସ ।"

ବିଜୟ ଆଉ ଗୋଟିଏ ଘୋଡାରେ ବସିଲା ।

ବାଇଦ ବାଜଣାରେ ସହର କମ୍ପୁଛି । ଭାରି ଭିଡ଼, ଥାଳି ଚଳେଇଦେଲେ ଥାଳି ଚାଲିଯିବ – ସୋରିଷ ଦିଅଁ ଦେଲେ ତଳେ ପଡ଼ିବ ନାହିଁ – ଖାଲି ମୁଣ୍ଡମାଳ । ସମସ୍ତେ ସିଂହ ଦୁଆରେ ରୁଣ୍ଡ । ବସନ୍ତ ସମସ୍ତଙ୍କୁ ଆଡ଼େଇ ଆଡ଼େଇ ଆଗରେ ଯାଇ ନଅର ଖିଲାଣଟାକୁ ଭାଙ୍ଗିଦେଇ ବାଟରୁ ଆଡ଼େଇ ଦେଲା । ଯା' ଦେଖି ବିଜୟ ବଡ଼ ବେଜାର । ଆଉ ସମସ୍ତେ ବି ରାଗିଲେ । ହେଲେ ସେ ତ କେତେ କେତେ ଉପକାର କରିଛି, ତାକୁ ଆଉ କଣ କହିବେ ?

ରାଣୀ ପୁଅବୋହୂଙ୍କୁ ବନ୍ଦାପନା କରି ଘରକୁ ନେଲେ । ରଜାଘରେ ଆନନ୍ଦ ଉତ୍ସବ ଲାଗିଲା । ବିଜୟ ପାଇଁ ଠା ସଜ ହେଲା । ବିଜୟ ମଣୋହିକି ବିଜେ କଲା । ବସନ୍ତ ତା ପାଖେ ପାଖେ ଥାଏ । ସମସ୍ତେ ବିରକ୍ତ । ହେଲେ, କେହି କିଛି କହନ୍ତି ନାହିଁ ।

ଯିମିତି ବିଜୟ ପହିଲ ଗୁଣ୍ଡାଟି ହାତରେ ଉଠେଇଛି,

ସେମିତ ବସନ୍, ତା ହାତକୁ ମାରିଲା ଗୁଡ଼ାଏ ଗୋ, ଭାତ ଗୁଣ୍ଡୁଟା ଝୁଅଁ ହୋଇଯାଇ ଗୋଟି ଗୋଟି । ବସନ୍ ଚଟ୍‌କିନା କଣ୍ଟାଙ୍କୁ ଗୋଟେଇ ଅଣ୍ଟାରେ ଖୋସି ପଳେଇଗଲା । ସମସ୍ତେ ହାଉ ହାଉ କାଉ କାଉ ହେଲେ ସିନା, କିନ୍ତୁ ବିଜୁଳି କିଛି କହିଲା ନାହିଁ ।

ଏଣେ ବସନ୍ କଣ କରିଛି ନା, ଲୁଚି ଲୁଚି ଯାଇ ବିଜୁଳିର ଶୋଇଲା ଘର ପଲଙ୍କ ତଳରେ ଖଣ୍ଡାଟି ପାଖରେ ଚୁପ୍ ଥିର ହୋଇ ବସିଛି ।

ପୁଅ ଏତେ କାଳ ପରେ ବୋହୂ ନେଇ ଘରକୁ ଆସିଛି ବୋଲି ରଜାଘରେ ଭାରି ଗହଳ । ଆନନ୍ଦରେ ଲୋକଙ୍କୁ ବାଟ ଦିଶୁନାହିଁ — ସମସ୍ତେ ମଉଜ ମଜଲିସରେ ମାତିଛନ୍ତି । ଏଣେ ବିଜୁଳି ମିଦକୁ ଖୋଜି ଖୋଜି ଥକିଲା — କେଉଁଠି ପାଇଲା ନାହିଁ । ଶେଷକୁ ନିଦ ଆସକତ ଲାଗିଲାରୁ ଆପଣା ଶୋଇଲା ଘରକୁ ଗଲା ।

ସେତେବେଳକୁ ରଜାଟିଅ ଆସି ପଲଙ୍କ ଉପରେ ନିଘୋଡ଼ ନିଦରେ ଶୋଇ ପଡ଼ିଲାଣି । ବିଜୁଳି ଯାଇ ତାର ପାଖରେ ଗଡ଼ି ପଡ଼ିଲା ।

ଦିହିଁଙ୍କି ଦିହେଁ ନିଦରେ ଅଚେତ୍ । ଘଡ଼ଘଡ଼ କରି ଘୁଙ୍ଗୁଡ଼ି ମାରୁଛନ୍ତି । ଆଉ ବସନ୍ କଣ କରିଛି ନା ପଲଙ୍କ ତଳରୁ ଥିର ଥିର ହୋଇ ଆସି ଖଣ୍ଡାଟିଏ ଧରି ତାଙ୍କର ମୁଣ୍ଡ ପାଖରେ ଠିଆ ହୋଇଛି । ଏଥି ମଧ୍ୟରେ କଣ ହେଲା ନା, ରଜାଟିଅ ନାକରୁ ମିହି ସରୁରେ ଗୋଟିଏ ସାପ ବାହାରିଲା । ଦେଖୁ ଦେଖୁ ସେଇଟା ଫୁଲି ଫୁଲି ଗୋଟାଏ ଜବର ବଡ଼ ସାପ ହେଲା । ସାପଟା ଫଣା ଟେକି ବିଜୁଳିକୁ ଚୋଟ ହାଣିବା ମାତ୍ରକେ ବସନ୍,

ତାଙ୍କ ଖଣ୍ଡାରେ ମାଇଲା ଚୋଟେ ଯେ ସାପଟା ଦ୍ୱିଗଡ଼ ।

ବସନ୍ତ, ସେ ସାପଟାକୁ ଝାଟ ତଳକୁ ଘୋଷାଡ଼ି ଦେଇ ସେ ଘରୁ ବାହାରି ଆସିଲା ବେଳକୁ ଦେଖେ ତ, ରଜାଝିଅର ବେକରୁ ଲୁଗାଟା ଖସିଯାଇଛି ଆଉ ସେଠି ଟୋପାଏ ସାପ ରକତ ବି ପଡ଼ିଛି । କଣ କରିବ ? ରକତ ତ ନ ପୋଛିଲେ ନୁହେଁ । ବିଷ ରକତଟୁପାକ । ଏଣେ ପୋଛନ୍ତି ଅବା କିମିତି ? ଯାହା ହେଉ, ଶେଷକୁ ଗୋଟିଏ କଥା ଠିକ୍ କଲା । ଆପଣା ଚାଦରକୁ ହିଁ ସେଇ କନାରୁ ଖଣ୍ଡେ ଖଣ୍ଡା ଅଗରେ ଗୁଡ଼େଇ ଧୀରକରି ରକତ ଟୋପାକ ପୋଛି ଆଣିଲାବେଳକୁ ରଜାଝିଅର ନିଦଟା ଯାଇଁକିନା ଭାଙ୍ଗିଗଲା । ଚାହିଁ ଦିଏ ତ ବସନ୍ତ । ଖଣ୍ଡାଟାଏ ଧରି ଠିଆ ହୋଇଛି ।

ଯାହା ଦେଖି ସେ ଅତର୍କରେ ଗୋଟାଏ ପାଟି କରିଦେଇ ବିଜୟଙ୍କୁ ଉଠାଇ ଦେଲା । ବିଜୟ ତ ଚାଟକା !

ହେତେବେଳକୁ ରାତି ଆସି ପାହିଲାଣି । ବୋହୂର ପାଟି ଶୁଣି ନଅର ଭିତରେ ଯେ ଯେଉଁଠି ଥିଲେ, ସମସ୍ତେ ଦୌଡ଼ି ଅଇଲେ । ରଜା ରାଣୀ ପାତ୍ରମନ୍ତ୍ରୀ ହେଉକି ବସନ୍ତଙ୍କୁ ଯା ଇଚ୍ଛା ତା କରି ବକି ଆନ୍ତି, — କିଏ କେତେ କଥା ବକି ଦେଉଥାଏ, ବସନ୍ତ ତୁନି ।

ସେଇଲାଗେ ଲୋକେ ବସନ୍ତଙ୍କୁ ବେଢ଼ି ପିଟିକରି ନେଇଗଲେ । ସକାଳୁ ବିଚାର ହେଲା ।

ମନ୍ତ୍ରୀ ତ ଖାଲି ପୁଅ ଉପରକୁ ରକତ ଚାଳିଲ ଚୋବାଉଥାନ୍ତି, କହିଲେ, " ମହାରାଜ, ଏଇଟା ମିତ୍ରଦ୍ରୋହୀ, ମହାପାପୀ ! ଯାହା ମୁହଁ ଚାହିଁଲେ ବରକତ

ନାହିଁ, ଯାହାକୁ ଚଢ଼ିଥିଲ ଶୂଳି ଦିଅନ୍ତୁ ।"

କିନ୍ତୁ ରଜା ସେ କଥାକୁ କାନେଇଲେ ନାହିଁ । ସେ ବସନ୍ତକୁ କହିଲେ – "ମୁଁ ତୋ କଥାସବୁ ଶୁଣିଛି । ତୋ ଲାଗି ମୋ ପୁଅ ରାଇଜକୁ ଆସିଲା । ତୋର ପୁଣି କାହିଁକି ମତିଭ୍ରମ ହେଲା – ତୁ ଯାହା କଲୁ । ମତେ ଫିଟେଇ କରି କହ ।"

ବସନ୍ତ କହିଲା – "ମହାରାଜ, ମିତଙ୍କର ମଙ୍ଗଳ କାମନାରେ ମୁଁ ସେ ଘରକୁ ଯାଇଥିଲି । ଯାହା ଶୁଣ ମୁଁ କିଛି କହିବି ନାହିଁ । କହିଲେ ପଥର ହୋଇଯିବି ।"

ଯାହା ଶୁଣି ସମସ୍ତେ, ଠୋ ଠୋ ହୋଇ ହସି ଉଠିଲେ । ମନ୍ତ୍ରୀ କହିଲେ, "ଏ ସବୁ ମିଛ୍‌କଥା ।"

ଏଣେ ରଜାଙ୍କର ଏକା ଜିଗର – "ମଣିଷ କେଉଁଠି ପଥର ହେଲାଣି ? ତୁ କହ ।"

ସମସ୍ତଙ୍କର ଏକାଜିଦ୍ ଦେଖି ବସନ୍ତ କହିଲା, "ହଉ ତେବେ, ମୁଁ କହୁଛି । କିନ୍ତୁ କହି କହି ଏଇଲାଗେ ପଥର ହେଇଯିବି, ସେତେବେଳେ ଆଉ କେହି ମନଦୁଃଖ କରିବ ନାହିଁ ।"

ଯାହା ଶୁଣି ସମସ୍ତେ, ଅଟାସନ୍ଦ କରି ହସିଲେ । କହିଲେ, "ଲୋକେ କଣ ସତକଥା କହିଲେ ପଥର ହୋଇଯାନ୍ତି ?"

ବସନ୍ତ କହିଲା, "ହଁ ଅନ୍ତି କି ନାହିଁ ଏଇଲାଗେ ଦେଖିବ । ଯାହା ବୋଲି ପ୍ରଥମ କଥାଟି କହୁ କହି ଝାଙ୍ଗି ଖୋଡ଼ଟି ପଥର ହେଇଗଲା । ଦ୍ୱିତୀୟରୁ କଥାଟି କହି କହି ହେଙ୍କର ଗୋଡ଼ଟି ପଥର ହେଇଗଲା । ତୃତୀୟରୁ କଥାଟି କହି କହି ଅଣ୍ଟାଠୁ ବେକଯାଏ ପଥର ହେଇଗଲା । ଆଉ

ଅଣ୍ଟାରୁ କଣ୍ଟାଟା ଟେକ୍କିନା ଖସିପଡ଼ିଲା । ସେ କଣ୍ଟାଟାକୁ ଦେଖି ଲୋକେ ହୃଦ୍‌କମ୍ପ ! ବସନ୍ତ କହିଲା, ମହାରାଜ, ଏଥର ଶେଷ କଥାଟା ଶୁଣନ୍ତୁ !"

ରଜା କହିଲେ – "ରହ ରହ, ଗୋଟାଏ କଥା ପଚାରିବାକୁ ଅଛି । ଏଇ ପାଷାଣ ଦେହ ଉଦ୍ଧାର ହେବାକୁ ଭଲା କଣ ଉପାୟ ଅଛି ?"

"ହଁ ଅଛି ; କିନ୍ତୁ ସହଜ କଥା ନୁହେଁ । ଯେବେ ମିତ ମିତଣୀ ଦିହେଁ ତାଙ୍କର ପଦୁଆଁ ପୁଅକୁ ଖଣ୍ଡୀଘାରଦିନ ରାତିରେ ଏ ପଥର ଉପରେ ବଳିଦେବେ, ତେବେ ମୁଁ ଦେହ ପାଇବି ।" ଯା' ବୋଲି ଯେମିତି ଶେଷ କଥାଟି କହି ଦେଇଛି, ସେମିତି ଗୋଟା ସୁଣ୍ଡା ପଥର ହୋଇଗଲା । ପଛରେ ସମସ୍ତେ, କୋହ କରୁଣ ହୋଇ କାନ୍ଦିଲେ ସିନା, ଆଉ ଆସୁଛି କଣ ?

ବସନ୍ତ ତ ପଥର ହେଲା । ତା ଭାରିଯା ସନ୍ୟାସିନୀ ହୋଇ ସେଇ ପଥର ପାଖରେ ଥାଏ – କିଏ ଆଡ଼େ ଗୋଡ଼ ଆଡ଼େଇ ଯାଏ ନାହିଁ ।

କେତେଦିନ ଉତାରୁ ବିଜୟରୁ ଚନ୍ଦ୍ରବଦିଆ ପରି ଦିବ୍ୟ ସୁନ୍ଦର ପୁଅଟିଏ ହେଲା । ଖଣ୍ଡୀଘାରଦିନ ରାତିରେ ତାର ବାପ ମା ଦିହେଁ ତାକୁ ନେଇ ସେ ପଥର ଉପରେ ବଳି ଦେଲେ । ତା ରକତ ସେ ପଥର ଉପରେ ପଡ଼ୁ ପଡ଼ୁ ବସନ୍ତ ମଣିଷ ହୋଇଗଲା । ବସନ୍ତ, କାହାକୁ ନ ଶୁଣି ଦଉଡ଼ି କରି ବିଜୟରଙ୍କ ଖଣ୍ଡାଟା ଛଡ଼େଇ ଆଣି ଆପଣା କକ୍କିକୁ ଚିର ପକେଇଲା । ଯା ଦେଖି ବିଜୟରୁ ଡାକ ପକେଇଲା – "ମିତ, ମିତ, ଏ କଣ ?"

ବସନ୍ତ କିଆଁ ତା ଶୁଣିବ ? ସେ ଆପଣା ଦେହରୁ ଟୋପାଏ ଲହୁ ନେଇ ପିଲାଟିର ଗଣ୍ଡି ମୁଣ୍ଡ ଯୋଡ଼ିଦେଲା ମାତ୍ରକେ ପିଲାଟି କିଆଁ କିଆଁ ହୋଇ କାନ୍ଦି ଉଠିଲା ।

ଦି ମିତ ଦି ମିତଣୀମାନେ ଆନନ୍ଦରେ କୁଣ୍ଢିଆ କୁଣ୍ଢେଇ ହେଲେ ; ହାତ ଧରାଧରି ହୋଇ ଘରକୁ ଗଲେ ।

ମନ୍ତ୍ରୀ ଘର ଆନନ୍ଦରେ ଭରି ଉଠିଲା । ତା ପରେ ରଜା ବିଜୟଙ୍କୁ ରାଜପଦ ଦେଇ ଗାଦିରେ ବସେଇ ବସନ୍ତଙ୍କୁ ମନ୍ତ୍ରୀଗାଦି ଦେଲେ । ତାଙ୍କ ରାଜୁତିରେ ସମସ୍ତେ ସୁଖୀ ।

ଦୁଇ ମିତଙ୍କ କାମନା ପୂରିଲା ,
ବିଜୟ - ବସନ୍ତ କଥା ସରିଲା ।

ପେଟେଣ୍ଟ ମେଡିସିନ୍

ଫକୀରମୋହନ ସେନାପତି

ସାଆନ୍ତାଣୀଙ୍କର ଟାଣୁଆ ହୁକୁମ ଜାରି, ରାତି ତ ରାତି, ଦିନବେଳେ ବି ବାବୁ ଘରୁ ଗୋଡ଼ କାଢ଼ି କାହିଁ ପାରିପାରିବେ ନାହିଁ। "କାହିଁ ଯିବ? କିଏ ଲୋକ? ଯାହା କରିବାକୁ ହେବ, ଘରେ ବସି କର। ଲେଖ, ପଢ଼, ଖବରଦାର ବାହାରକୁ ବାହାରିବ ନାହିଁ।" ବାବୁଙ୍କ ଉପରେ କଡ଼ାପହରା ଆଜିକାଲି ସକାଳରେ ହୁକୁମ ହୋଇଛି — ସକାଳେ ସାତ ଘଣ୍ଟା ଲାଗି ସାମ୍ନା ଦୁଆର ପାଖ ସଡ଼କରେ ବୁଲିପାରିବେ। ତା ବି ବହୁତ ଦୂରକୁ ଯାଇ ପାରିବେ ନାହିଁ, କବାଟ ପାଙ୍କବାଟେ ଅନାଇଲେ ଯେମନ୍ତ ଦିଶୁଥିବେ।

ସକାଳ ସାତଟା ଆଗ ବେଳ ହେବ, ବାବୁ ଚନ୍ଦ୍ରମଣି ପଟ୍ଟନାୟକେ ସାମ୍ନାଦୁଆର ଆଗ ସଡ଼କରେ ବୁଲୁଛନ୍ତି। ହଠାତ୍ ଅନାଇଦେଇ ଦେଖିଲେ, ଗୁଡ଼ିଏ ପାଞ୍ଚଶ କଦମ ଦୂରରେ ଗୋଟାଏ ଲୋକ ଠିଆ ହୋଇ ତାଙ୍କୁ ଏକ ଧ୍ୟାନରେ ଅନାଉଛି। ବାବୁଙ୍କ ନଜର ତା ଉପରେ ନିମିଷେ ପଡ଼ିଛି, ସେ ହାତ ଠାରି ଡାକିଲା। ବାବୁ ଭଲକରି ଅନାଇ ଦେଖିଲେ, 'ଓହୋ! ଏ ତ ସେହି ଉଦରଭିଆ ଟୋକା ରେ।' ମନ ମଧ୍ୟରେ ଭାରି ଖୁସିଟାଏ ହେଲେ, ପାଖକୁ ଆସିବା ଲାଗି ହାତ ଠାରିଦେଲେ, ଆପେ ବି ଆପଣା ଦୁଆରକୁ ଅନାଇ ଅନାଇ ଅଳପ ଅଳପ ଆଗେଇ ଆଗେଇ ଯାଉଥାନ୍ତି। ନିମିଷେ ସେ ଟୋକାଟି ପାଖ ହେଲେ, ଦୁଆର ଆଡ଼କୁ ମୁହଁ କରି ପଛକୁ ଦେଖାଇ ହାତଟା ପତେଇ ଦେଲେ। ଟୋକାଟା ବାବୁଙ୍କ ହାତରେ ଚିଠି ଖଣ୍ଡେ ଗୁଞ୍ଜିଦେଇ ଫଟ୍ ଲେଉଟି ପଡ଼ି ଚାଲିଗଲା। ବାବୁ ଚିଠିଖଣ୍ଡି ମୁଠାରେ ଧରିଥାନ୍ତି, ପଢ଼ିଦେବେ ପାରିଲେ ନାହିଁ, ଦୁଆର ପାଖିଆ ଆସି ଭଲକରି କବାଟ ପାଙ୍କକୁ ଅନାଇଲେ। ଚିଠି ଖଣ୍ଡ ପଢ଼ି ଟିକି ଟିକି କରି ଚିରିଦେଇ ପବନରେ ଉଡ଼େଇ ଦେଲେ।

ଘର ଭିତରକୁ ଆସି ଖୁବ୍ ଚୋହଟରେ ଖୁବ୍ କଅଁଳରେ

ଡାକିଲେ, "ଆଗୋ ! ଆଗୋ ! ଶୁଣୁଚୁ ନା – ଟିକିଏ ଶୁଣିଗଲ !" ଘର ଭିତରୁ ଗୋଟାଏ ଭାରି ବଡ଼ ଗଳା ଶୁଭିଲା, "ଓହୋ ! ଆଜି ଯେ ଭାରୀ ପ୍ରେମ ଦେଖ ! କଥା କଣ ? ମୋର ତ ଭାରୀ କାମାଳ ଦେଖୁଛି । କଣ କହିବୁ କହ ।"

ବାବୁ କହିଲେ – ଶୁଣିଚୁ, ଆଜିକି ଚାରିଦିନ ହେଲା ରୋଜ ରୋଜ ରାତିରେ ମୋ ମୁଣ୍ଡ ବୁଲାଏ – ପେଟ ବି ଫାଟେ । ଦେହ ବଡ଼ ଝିମ୍ ଝିମ୍ କରେ, ବଡ଼ କଷ୍ଟ ହୁଏ – ଭାରୀ କଷ୍ଟ ।

ସାଆନ୍ତାଣୀ କହିଲେ – ହେଉ ହେଲା, ଆହୁରି ଗୋଟାଏ କଣ ପ୍ରେମ କହିଲଣି । ହେଉ ଯେ ଗଞ୍ଜେଇ – ମଦ – ମଦଦ – ଈଥାଁ ତାଳଂଶୀ ଜିନିଷଗୁଡ଼ାକ ଖାଉଥିଲ, ତାହାର ପ୍ରସାଦ । ଜିନିଷଗୁଡ଼ାକର କଣ ଉଣା ଗୁଣ ? ପୁଆଲାକ ଦେମାର ଦେହରେ । ଏତେ ଦିନ ଧନ ଯାହା ଗୁଣିଙ୍କ ହେଲା ଗଲା । ଲୋକେ ଯେତେ ବି ତାଜର କହୁଛନ୍ତି, କେତେ ଟଙ୍କା ବରବାଦ କରିଦେଲ । ଗଲା ଯାଉ ଗୁଣିଙ୍କ, ମାତ୍ର ଟଙ୍କା, ଯାହା ହେବାର ତ ହୋଇଗଲା, ଏଣିକି ଦେହଟା ଭଲ ସୁଧୁର ଯାଉ । ତୁମ ମାସ କାଳ ଧରି ଜଗି ଟିକିଏ ଭଲ କରିଥିଲ, ଏବେ ଗୁଡ଼ାକ ଛାଡ଼ିବାକୁ ଟିକିଏ ଭଲ ଥିଲ – ପୁଣି ତାହାର କଣ ପୁରୁଣା ପ୍ରସାଦଟାଏ ବାହାରିଲାଣି ?

ଚନ୍ଦ୍ରମଣି ବାବୁ କହିଲେ – ନାହିଁ ଗୋ ନାହିଁ – ସେ କଥା ନୁହେଁ ଗୋ, ଆଜି ସକାଳେ ମାଧବବାବୁଙ୍କ ଖଡ଼ିକାଙ୍କ ସଙ୍ଗରେ ଭେଟ ହୋଇଥିଲା । ସେ ମୋ କୋଷ୍ଠୀ ଗଣି କହିଲେ, ମୋର ଜନ୍ମ ରାଶିକୁ ଶନି ଲାଗି ଗ୍ରହଦଶା ହୋଇଛି । ଏଇଟା ତାହାର ପ୍ରସାଦ, କିଛି ପୂଜା କାର୍ଯ୍ୟ କରିଦେଲେ ସବୁ ଦୋଷ କଟିଯିବ ।

ସାଆନ୍ତାଣୀ – କଣ ପୂଜା କାର୍ଯ୍ୟ କରିବାକୁ ଖଡ଼ିକାଙ୍କୁ କହିଛ?

ଚନ୍ଦ୍ରମଣି ବାବୁ – ମୁଁ ଭଜନ ଲାଗି ଯାଉ ଭୁବନେଶ୍ୱର, ଖଣ୍ଡଗିରି, ଉଦୟଗିରିରେ ଯେତେ ମହାଦେବ ଅଛନ୍ତି, ସମସ୍ତଙ୍କୁ ଦର୍ଶନ

ନାଇବି, କିଛି ଟଙ୍କା ଦେଇ ନାଉଥିବି, ବ୍ରାହ୍ମଣମାନଙ୍କୁ ଦେଲେ ସେମାନେ ଗାଡ଼େ ମାଠିଆ — ନା ନା, ହଜାରେ କୁମ୍ଭ — ନାହିଁ ନାହିଁ ପ୍ରତ୍ୟହ, କୁମ୍ଭ ପୂଜା କରିବେ ; ସବୁ ଦୋଷ, ସବୁ ଦୁଃଖ ଅବଳ ଏକାବେଳକେ କଟିଯିବ । ଦେହ ଖୁବ୍ ଆଚ୍ଛା ହୋଇଯିବ, ଆଉ ବିଶାଳିଆ ଖାଇବାକୁ ମନ ବଳିବ ନାହିଁ ।

ସ୍ୱାଆନ୍ତ୍ରୀଙ୍କ ମନକୁ ଟିକିଏ କମିଆରା ବୋଝ ଛୁଇଁଲା । କହିଲେ, " ଖାଲିରେ ଆସିଥିଲେ, କାହିଁ ମୁଁ ଶୁଣିନାହିଁ ?"

ବାବୁ କହିଲେ — ନାହିଁ, ନାହିଁ ସେ ଆସି ନାହାନ୍ତି, ତାଙ୍କ ପୁଅ ଆସିଥିଲା ।

ସ୍ୱାଆନ୍ତ୍ରୀ — ତାଙ୍କର ଚିଠି ପୁଅଟାଏ କାହିଁ ଅଇଲା ?

ବାବୁ — ଓ, ନାହିଁ ନାହିଁ ତାଙ୍କର ଚାକର ହାତରେ କିଛି ପଠାଇଥିଲେ ।

ସ୍ୱାଆନ୍ତ୍ରୀ ବାବୁଙ୍କ ମୁହଁକୁ ଭଲ କରି ଅନାଇଲେ, ମନରେ ଭାବିଲେ ଏ ସବୁ ମିଛ କଥା, ଛଅ ଦିନ ଲାଗି ଯାଇ କେଉଁଠି ମଦୁଆଲାମାନଙ୍କ ସଙ୍ଗରେ ପଡ଼ି ମଦ ଖାଇବେ, ନୋହିଲେ ଚେଲଗାଁ ବଜାର କାହା ଓଳିରେ ପଡ଼ିବେ । କେତେ ମୁସ୍କିଲରେ ଟିକିଏ ଭଲ ବାଟକୁ ଆସିଛି, ନଜରରୁ ଉହାଡ଼ ହେଲେ କଣ ଯୋଗି କଣ କରି ପକାଇବେ । ଖୁବ୍ ଜୋରାଏ ପାଟି କରି କହିଲେ, "ନାହିଁ ନାହିଁ, ତୁମେ ଭୁବନେଶ୍ୱର ଧୁବନେଶ୍ୱର କାହିଁ ଯାଇ ପାରିବ ନାହିଁ", ଘରେ ବସିଥାଅ ।"

ବାବୁ କହିଲେ - ହିଁ, ସତ - ସତ, ଠିକ୍ କହିଲ, କୁଆଡ଼େ ତିନି ଦିନ ଯାଏ ଯିବି ? ଆଚ୍ଛା, ମୁଁ ଉଠୁଣି ଯାଉଛି, ଧବଳେଶ୍ୱର ମହାଦେବଙ୍କୁ ଦର୍ଶନ କରି ସଞ୍ଜ ସଞ୍ଜ ଫେରି ଆସିବି ।

ସ୍ୱାଆନ୍ତ୍ରୀ - ନା - ନା, ତାହା ବି ହେବ ନାହିଁ ।

ବାବୁ - ଆଚ୍ଛା ନ ହେଲା ନାହିଁ, ଗୋଟାକେତେ ଟଙ୍କା ଦେଲ, କଟକ ସହର ଭିତରେ ଯେତେ ମହାଦେବ ଅଛନ୍ତି, ପୂଜା କରି ବାହାର

ଥାଏଁ ।

ସାଆନ୍ତାଣୀ – ଆଚ୍ଛା ମଣିଷକୁ କହ, ଗୋଟାଏ ଗାଡ଼ି ଡାକି ଆଣୁ, ଦୁହେଁ ଯାଇ ଠାକୁର ଦର୍ଶନ କରିବା, ପୂଜା ଦେବ

ବାବୁ ହିସାବଟାଏ ପକାଇ ଗୁଣିଲେ । ଗୋଟାଏ ଜାଗାରେ ଅଟକି ଚିନ୍ତା କଲେ । ଆରେ ! ଭଲ ଫିକରଟାଏ ମନରେ ପଡ଼ିଗଲା ! ବାହାବା ! ଆଚ୍ଛା କଥା ! "ଆଗୋ ! ଶୁଣୁଛ ? ମୋ ଦେହଟା କି ଭଲ ନାହିଁ ; ଡାକ୍ତର ଆସି ବୋଲିଲେ ଯେ ମୋର କିଛି ଗୋଟାଏ ବେମାର ବାହାରି ପଡ଼ିପାରେ । ଶାସ୍ତ୍ରକାରେ ଏ କଥା ବି କହିଛନ୍ତି, କୁଆଡ଼େ ନ ଯାଇ ମହାଦେବଙ୍କୁ ପୂଜା କଲେ ସବୁ ରୋଗ ଛାଡ଼ିଯିବ ।

ସାଆନ୍ତାଣୀ – ସେ ପାରଣା କି ପ୍ରକାର ?

ବାବୁ – ପ୍ରକାର କଣ କି, ଜ୍ୟୋତିଷେ କହୁଛନ୍ତି, ପୂରା ଚାରି ପହର କାଳ – ପର – ଚାରି ପହର ହେଲେ ଏତେବେଳେ ରାତି ନ'ଟା ଯାଏ, ଖଟରେ ବଡ଼ କମ୍ବଳ ଘୋଡ଼ି ହୋଇ ମୁହଁ ମାଡ଼ି ଲମ୍ବ ହୋଇ ଶୋଇ ପଡ଼ିବି । ଆଉ କିଛି କଥା ମନରେ ନ ଧରି ଶୋଇଥିବାବେଳେ କେତେ ଠାକୁର ଦେବତା ଅଛନ୍ତି ସମସ୍ତଙ୍କୁ ଧ୍ୟାନ କରୁଥିବି ।

ସାଆନ୍ତାଣୀ କହିଲେ – ତାହାହେଲେ ସବୁ ଦୁଃଖ ଅବଳ କଟିଯିବ ତ ?

ବାବୁ ମନ ମଧ୍ୟରେ ଖୁସିଟାଏ ହୋଇ କହିଲେ – "ହଁ, ହଁ, ଶାସ୍ତ୍ରରେ କହୁଛନ୍ତି, ବିଲକୁଲ ଦୁଃଖ ଅବଳ କଟିଯିବ । ସେ ଆହୁରି ବି ଗୋଟାଏ କଥା ବାରମ୍ବାର କରି କହି ଦେଇଛନ୍ତି । ଦଶଟି ଟଙ୍କା ଠାକୁରଙ୍କ ନାମରେ ମନାସି ମୁଣ୍ଡରେ ଦେଇଥିବି, ମାସକ ବାଦ ଦେହ ଭଲ ହୋଇଗଲେ ସେହି ଟଙ୍କାରେ ଠାକୁରପୂଜା ଆଉ ବ୍ରାହ୍ମଣ ବୈଷ୍ଣବଙ୍କୁ ଭୋଜନ ଦିଆଯିବ ।"

ସାଆନ୍ତାଣୀ – ଆଜି କଣ କିଛି ଖାଇବ ନାହିଁ ?

ବାବୁ – ରାମ ! ରାମ ! ଠାକୁର ଦେବତା ଧ୍ୟାନବେଳେ

କିଛି କଣ ଖାନ୍ତି ? ଧନମାଳ ଉପାସ - ଟୋପାଏ ପାଣି ବି ନା ।

ସାଆନ୍ତାଣୀ ନିଶ୍ୱାସଟାଏ ପକାଇ କହିଲେ - ଆଚ୍ଛା, ତେବେ ଆରତ୍ତା ଦିଅ ।

ବାବୁ କହିଲେ - ଆଉ ଗୋଟାଏ କଥା, ଆରତ୍ତା ଘର ମଧ୍ୟରେ ଦେବନାହିଁ, ବାହାରୁ ଥାନ ଲୋଡ଼ା । ଘରେ ଆରଂଭ ହେଲା ଯାଏ - ଧୂଆଁ କୁଣ୍ଡଳ ଅପବିତ୍ର ହୋଇ ଯାଉଛି । ଆଉ ଦେବତା ତ କହନ୍ତି; ହର ପାର୍ବତୀ କଥା । ବାଣ୍ଡ ବଙ୍ଗଳା ପାଖରେ ଯେଉଁ ସ୍ଥାନ ସମ୍ମୁଖରେ ଘର ହେଉ ଘରଟି ବାଜିଉ । ସେ ଘର ଜଗୁଆଳା ହେବ । ଖୁବ-ସାବଧାନ ! ସେ ଘରେ ଇତରଲୋକ ପୂଅ ପଶିଲେ - ମାଟି ଖୋଳିଲେ ଥାନ ଫଳ ମିଳିବ ନାହିଁ, ସବୁ ଅକାରଣ ହୋଇଯିବ । ସାବଧାନ! ସେ ସ୍ଥାନରେ କେହି ଇତରଲୋକ ପୂଅ ପଶିବ ନାହିଁ - ମାଟି ବି ଖୋଳିବ ନାହିଁ ।

ସାଆନ୍ତାଣୀ ବାବୁଙ୍କ କଥା କଥା ମନରେ ପକାଇ ଭାରୀ ମନୋକ୍ଷୁଣ୍ଣ କରି ଘର ଭିତରକୁ ଚାଲିଗଲେ । ଦେଖିବାବେଳେ ରୋଷେଇଆ ବାମ୍ଭଣ ଆସି ପଚାରିଲା, "ଆଜ୍ଞା ! ଆଜି କଣ ରୋଷେଇ ହେବ ?"

ସାଆନ୍ତାଣୀ - ଆଜି ବାବୁଙ୍କର ଉପାସ, ମୁଁ ଆଉ କଣ ଖାଇବି? ରୋଷେଇବାସ ବନ୍ଦ ଦିଅ ।

ରୋଷେଇଆ ବାମ୍ଭଣ ଟିକିଏ ମୁରୁକିହସା ଦେଇ ଚାଲିଗଲା । ମନରେ ଭାବୁଥିଲା, ଆମ ସାଆନ୍ତାଣୀ ଗୋଟିଏ ଅଦ୍ଭୁତ ସ୍ତ୍ରୀ, ସ୍ୱାମୀ ପ୍ରତି ଭକ୍ତିର ସୀମା ନାହିଁ, ବାବୁ ଟିକିଏ ବାଉଳି ପଡ଼ିଲେ, ଆପେ ନ ଖାଇ ନ ପିଇ ଧନମାଳ ପାଖରେ ବସି ସେବା କରୁଥିବେ, ଆଉ ରାଗିଲେ ତ ନାହିଁ ପଡ଼ୁ, ଚାଣ୍ଡି ପଡ଼ୁ, ଯାହା ହାତରେ ପଡ଼ୁ ବାହାରେ ବାଳିକି ଧାଇଁବେ — ଯାବତ ଖରାପ କଥାରେ ଗାଳିଦେବେ । ହେଲେ ସାଆନ୍ତାଣୀଟି ବଡ଼ ଭଲ, ବଡ଼ଲୋକ ଝିଅ, ବଡ଼ଲୋକ ବୋହୂ, ମନ ବି ସେହିପରି ବଡ଼ । ମାତ୍ର ଟିକିଏ ରାଗୀ, ମୁହଁଟା ବଡ଼ କଡ଼ା ।

ବାବୁ ମକ୍ରା ଗୁଜର ଶୋଇବାକୁ ବାଣ୍ଡୁପଟକୁ ଡାକି ଖୁବ୍ ଜୁନ୍ ଜୁନ୍ ଖୁବ୍ ସାକୁଳେଇ ସାଜୁଳେଇ କହିଲେ, "ଶୁଣ ମକରୁ, ଗୋଟାଏ କାମ ମୋ ପାଇଁ କରିବୁ। ଏହି କମ୍ବଳ ଖଣ୍ଡ ଘୋଡ଼ି ହୋଇ ଗାମୁଛିର ଭିତରେ ବିସ୍ଥିଟିକୁ ଆଡ଼ିକି ଶୋଇଥା। ରାତି ଘଡ଼ିକ ପରେକି ମୁଁ ଲେଉଟି ଆସିବି, ତେତେବେଳେ ଯାଏ ଶୋଇଥିବୁ। ଖବରଦାର! ପାଟି ବାହାରିବୁ ନାହିଁ।"

ମକ୍ରା – ଆଜ୍ଞା ନା, ଆଜ୍ଞା ନା, ମୁଁ ପାରିବି ନାହିଁ, ସାଆନ୍ତାଣୀ ଗାଳି ଦେବେ, ଖପା ହେବେ।

ବାବୁ ଖପା ହୋଇ କହିଲେ, "ପାଜି, ଦୁଷ୍ଟ, ଭୁତ! ମୋ କଥା ଶୁଣିବୁ ନାହିଁ? ଯାଃ, ବାଡ଼େଇ ପକାଇବି।" ଟିକିଏ ବାଦ୍ କହିଲେ, "ନାହିଁରେ ମକରୁ ନାହିଁରେ, ମୁଁ ତୁଚ୍ଛା ଠାପରା କରୁ-ଥିଲି। ଦେଖ ମକରୁ, ତୁ କୋଉପାଡ଼ା ମାମୁଁ ଘରକୁ ଯିବୁ କହୁଥିଲୁ, କାଲି ଯିବୁ। ପୁରୁଦିନ ଛୁଟି ଦେଲି, ଏହି ନେ ପୁରୁଣା ଟଙ୍କା ଖରଚ କରିବୁ, ଆଉ କାଲି ତୋତେ ଗୋଟାଏ ଅଙ୍ଗା କିଣିଦେବି।"

ମକରୁ ଆଉ କିଛି କଥା ନ କହି କମ୍ବଳ ଘୋଡ଼ି ହୋଇ ଗାମୁଛିର ଭିତରେ ପେଖଣା ଦେଇ ଶୋଇ ପଡ଼ିଲା।

ଏଣେ ସାଆନ୍ତାଣୀଙ୍କ ମନରେ ସୁଖ ନାହିଁ। ଗାଧୋଇ ଆସି ଆପଣା ଶୋଇବା ଘରେ ଖଟେ ଆସନ ପାରି ବସିଲେ, ଯେତେ ଠାକୁର ଦେବତାଙ୍କ ନାମ ମନରେ ପଡ଼ିଲା, ବାବୁଙ୍କ ଗ୍ରହ ଶାନ୍ତି ପାଇଁ ପ୍ରାର୍ଥନା କଲେ। ଧବଳେଶ୍ୱରଙ୍କୁ ପଦ୍ମ, ପାଞ୍ଚାମୃତ ମାନସିଲେ। "ହେ ମା କଟକଚଣ୍ଡୀ! କାଳିଗଳିର କାଳୀ ଠାକୁରାଣୀ! ବାବୁଙ୍କ ଦେହ ଭଲ ହୋଇଯାଉ, ମୁଁ ଦୁହିଁଙ୍କୁ ଦୁଇଖଣ୍ଡ କଳା କନ୍ଥା ଶାଢ଼ୀ, ଗୋଟାଏ କଳା ବୋଦା ବଳି ଦେବି।" ଏପରି ଠାକୁର ଦେବତା ଡାକି ଡାକି ଦିନ ଦୁଇ ପହର ଗଡ଼ିଗଲାଣି। ମନରେ କଲେ, ବାବୁ ପାନରୁ ଉଠି କଣ ଖାଇବେ? ଅନ୍ନ ତ ଛୁଇଁବେ ନାହିଁ,

B 54

ଫଳାହାର କରନ୍ତେ । ପାଚିଲା କଦଳୀ, ନଡ଼ିଆ, ଛେନା, ଦୁଧ, ଦହି ସବୁ ସଜାଇ କରି ପାଖରେ ଥୋଇଦେଲେ । ଥରକୁ ଥର ବାପାଙ୍କ ମୁହଁକୁ ଅନାଉଛନ୍ତି, ଆଜି ମନ ଦୁଃଖ ଘୋଡ଼ି ଅଛି – ନାହିଁ ବାପାଙ୍କର ଖିଆ ମୁହଁ ଉପରକୁ ଉଠି ଗଲାଣି । ହାତରେ ଆଉ କିଛି ପାଇଟି ନାହିଁ, ଘର ବାହାରେ କହର ପହର ନେଉଛନ୍ତି । ସନ୍ଧ୍ୟା ହୋଇ ଆସିଲା, ଧୀରେ ଧୀରେ ଗମ୍ଭୀର ଦୁଆର ପାଖକୁ ଗଲେ । ବାପା କହୁଛନ୍ତି, ଝର୍କା ଲୋକ ମୁହଁ ପଡ଼ିବ ନାହିଁ। ତଳେ ଚୁଲିପାଖକୁ ଅନାଇଲେ, ନାହିଁ ତ ମୁହଁ ପାଉ ନାହିଁ ! କାଲି ପାଟିରୁ କଥା ବାହାରି ପଡ଼ିବ, ଆପଣା ପଣତକାନି ପାଟିରେ ଯାକି ଦେଲେ, ଅଳ୍ପ ଠିକିଏ କବାଟ ମେଲାଇଦେଲେ, ଘର ଭିତରଟା ଭଲ ଦିଶୁ ନାହିଁ, ଅନ୍ଧାରିଆ, ବାପା ସ୍ଥିରହୋଇ ଧ୍ୟାନରେ ପଡ଼ିଛନ୍ତି । "ହାୟ! ହାୟ ! ବାପାଙ୍କୁ କେତେ ବାଧୁଥିବ ? ହେ ଠାକୁର ଦେବତାମାନେ ! ମୋ ବାପାଙ୍କୁ ଭଲ କରିଦିଅ । ଦେବତାମାନେ ସତ ଅଛନ୍ତି, ଦୁଃଖୀର ଗୁହାରି ଶୁଣନ୍ତି, ମୁଁ କେତେ ପ୍ରାର୍ଥନା କଲି, ବାପାଙ୍କ ଅଭାଗିଆ ଦୂର ଦିଅ । ମା କାଳୀ ଠାକୁରାଣୀ ! ବାପାଙ୍କ ଦେହ ଭଲ କରିଦିଅ । ଗୋଟିଏ କାଳିଆ ଛେଳି, ଆଉ ଗୋଟିଏ କାଳିଆ କୁକୁଡ଼ା ବଳି ଦେବି ।" ଭୂଇଁରେ ମୁଣ୍ଡ ଲଗାଇ ଠାକୁର ଦେବତାଙ୍କୁ ତେର ଥର ଜୁହାର କଲେ ।

ତହୁଁ ବାଦେ ଅଳ୍ପ ଦୁଆର ମେଲାକରି ଭିତରକୁ ତେମିତି ଖୋଜ ପକେଇ ଦେଖୁଛନ୍ତି, ଅନ୍ଧାରିଆ – କମ୍ବଳ ଭଲ ଦିଶୁନାହିଁ, ଏକାବେଳକେ ବାପାଙ୍କ ମୁଣ୍ଡରେ ଚଖାଡ଼ ପଡ଼ିଗଲା । ଜଗନ୍ନାଥଙ୍କ ପାଦକୁ ନେଉଟି ପଡ଼ିଲେ, କାନ୍ଦି ପକାଇଲେ, 'ହାୟ । ମୁଁ କେତେ ଅପରାଧ କଲି ।' ହାତଯୋଡ଼ି ବାପାଙ୍କ ଉଦ୍ଦେଶ୍ୟରେ, ଠାକୁର ଦେବତାଙ୍କ ଉଦ୍ଦେଶ୍ୟରେ ତେର ଥର କ୍ଷମା ମାଗିଲେ । ତହୁଁ ଉତ୍ତାରେ ଧୀରେ ଧୀରେ ଭଲ କରି ଅନାଇ ଭିତରକୁ ଗଲେ । ବାପାଙ୍କ ପାଦ ଚଖାଡ଼ ତିନି ତିନି ଥର ମୁଣ୍ଡରେ ଲଗାଇ ଜୁହାର କଲେ । ଜୁହାର କଲାବେଳେ କମ୍ବଳ ଗୋଟାଯାକ ଥର

856

ଯାଉଥାଏ । କୁହାହେବେଳେ ବାବୁଙ୍କ ଗୋଡ଼ରୁ, ହାତରୁ ଝାଳ ଲାଗିଲା । 'ହାୟ ! ହାୟ ! ବାବୁ ଝାଳରେ ବୁଡ଼ି ଗଲେଣି ।' ପାଖଟି କାନରେ ଗୋଡ଼ ପିଠି ଭଲ କରି ପୋଛି ଦେଲେ । ମୁହଁ ପୋଛିବାକୁ ଯାଇ ଦେଖିଲେ, ମୁଚ୍ଛ ହାତକୁ ଲାଗିଲା ନାହିଁ । 'ଏଁ — ଏ କଅଣ ? ବାବୁଙ୍କ ମୁଚ୍ଛ କାହିଁ ?' ଦୁଇ ଥର ଅଣ୍ଡାଳିଲେ, ତିନି ଥର ଅଣ୍ଡାଳିଲେ, 'ନାହିଁ ତ — ମୁଚ୍ଛ କାହିଁ ?' ଭାରୀ ସନ୍ଦେହ ହେଲା, କବାଟଟା ଭଲ କରି ମେଲାକରି ଦେଇ ଅନାଇଲେ, କମ୍ବଳଟା ଟାଣି ପକାଇଲେ । ଭାରୀ ରାଗି ଯାଇ ପାଟୁକି ହେଇଁ ପଡ଼ି ପାଟିଟାଏ କରି କହିଲେ, "ପଞ୍ଚୁଖାଈଆ — ଅଳପାଇସିଆ — ନଈସୁଆ, କି ରେ ମାକ୍ରା, ତୁ ଏଠି କିଆଁ ପଡ଼ିଛୁ ରେ ?" ମାକ୍ରା ଆଉ କଣ କହିବ ? ଖେଳୁଟି ପରି ହାତଯୋଡ଼ି କାନ୍ଦୁକି, ଆଦରି ତୁନି ହୋଇ ଛିଡ଼ା ହୋଇଛି । ସାଆନ୍ତାଣୀ ଘଡ଼ିଏ ଯାଏ ଗର୍ଜନ କରି ଥକି ପଡ଼ିଲେଣି । ତାପରେ ମନରେ ବିଚାର କଲେ — 'ନାହିଁ ନାହିଁ, ଗୋଳମାଳ କଲେ ଭଲ ହେବ ନାହିଁ । ଅସଲ କଥାଟା କଣ ବୁଝିବାକୁ ହେବ ।' ମାକ୍ରାକୁ ସଲାରେ ପଚାରିବାକୁ ହେବ । ଧୀରେ ଧୀରେ କାଅଁଳେଇ କାଅଁଳେଇ କହିଲେ, "ଆରେ ମାକରୁ ! ତୁ ମାମୁ ଘରକୁ ଯିବୁ କହୁଥିଲୁ ପରା ? ଯା — କାଲି ଯିବୁ । ଏଇ ନେ ପୁରୁଣାଟା ଟଙ୍କା, ବାଟଖରଚ କରିବୁ, ଖଜା କିଣି ଖାଇବୁ । କାଲି ତୋତେ ଗୋଟାଏ ମାଣ୍ଡିଆବଳି ଯାଆ ଦେବି, ପିନ୍ଧିବୁ । ଉଠୁଣି କିଛି ପାଟି କର ନା — ଯା ରୋଷେଇଘର କଣରେ ତୁନି ହୋଇ ବସିଥିବୁ ।"

ମାକ୍ରା ମାତନ କରିଥିଲା, ସାଆନ୍ତାଣୀ ବାହେଇ ପକାଇବେ । ଏ' କଣ, ନଗଦ ସାଙ୍ଗେ ସାଙ୍ଗେ ପୁରୁଣାଟା ଟଙ୍କା, ପୁଣି ଗୋଟାଏ ଲୁଗା ମିଳିବ । ମନର ଆନନ୍ଦଟା ସମ୍ଭାଳିପାରୁ ନାହିଁ । ସାଆନ୍ତଙ୍କ ଟଙ୍କା ଦୁଇଟାକି ଅଣ୍ଟିରେ ଖୋସିଥିଲା ; କାହିଁ — ଏ ଟଙ୍କା ସାଙ୍ଗରେ ମିଶେଇ ଦୁଇଥର ତିନିଥର ଗଣିଲା । ଆଠଟଙ୍କା ଭଲକରି ଅଣ୍ଟିରେ ଖୋସି ରୋଷେଇଘର କୋଣରେ ଲୁଚିଲା । ସାଆନ୍ତାଣୀ ଗମ୍ଭୀର

ଭିତରେ ମକ୍ରୁ ଜାଗାରେ ପାଗଣ୍ଡା ଦେଇ ପାଡ଼ି ରହିଲେ ।

ରାତି ପହରକ ବାଜିଛି ଚନ୍ଦ୍ରମଣି ବାବୁ ଢୁଲି ଢୁଲି ଆସି ଗମ୍ଭୀର ଦୁଆରେ ପହଞ୍ଚି ଗଲେ । ପୁରା ନିଶା, ଚାଲିବା ବେଳେ ଗୋଡ଼ ଟଳି ଯାଉଛି, ପାଟି ଖନି ବାଜୁଛି, ଅଧିକାର ଜବାବଟା ମୋଟେଇ ଦେଲେ । ମକ୍ରୁ ପାଗଣ୍ଡା ଦେଇ ପଡ଼ିଛି । ବାବୁ ଭାରୀ ଖୁସିଟାଏ ହୋଇ ନାଚି ନାଚି ଗୀତ ଆରମ୍ଭ କଲେ ।

'ବାହାବା ମଜାଦାର !
ମଦ ଗଞ୍ଜା ଗୁଣ୍ଡି ଯେ ଜାଣେ ସେଇ ତ ସମଜଦାର ।'

ଉଠ ଭାଇ ମକ୍ରୁ ! ସାବାସ ଜାବା ମକ୍ରୁ ! ମୋର ଦୋସ୍ତ ମକ୍ରୁମ୍ ! ଶୁଣ ମକ୍ରୁ, ଉଠ, ଉଠ । ଏଥର କୋଉଁ ଶଳା ଶାଳୀଙ୍କ ଡରରେ ? ମକ୍ରୁ । ଆଜିକା ମଜା କଥା ତତେ କଣ କହିବି ? ସେ ଯାଆନ୍ତୁଣୀ ଟୋକୀଟା ଦିମାସ ହେଲା ଅଟକାଇଛି — ପାଟି ଫିଟି ଯାଇଥିଲା — ଦି ମାସର ମଜା ଦିନକେ ପଂଚେ । ଆରେ ସେ କଣ ଆଜିକା କଥା ? ତା ସଙ୍ଗରେ ତିନି ବରଷର ଦୋସ୍ତି, ପ୍ରୀତି । ସେଇ ଯେ ଗୋପାଳ ବାବୁ ଦୁଆରକୁ ନାଚିବାକୁ ଆସିଥିଲା, ସେଇ ଦିନୁ ଦୋସ୍ତି । ସାବାସ ! ମଜେଦାର ! ତା ନାମ କଣ ଜାଣୁ ? ସେ ଯାଆନ୍ତୁଣୀ ନାମଟା ହେଲା, ଫୁଲ — ଚିନା । ଫୁଲ କଣ ନା ଗୋଲାପୀରେ ହୁଏ, ଚିନା ଚକୁଳି ପିଠା ହୁଏ । ହିଁ, ହିଁ, ହି ! କି ଅପରୂପିଆ ନାମ ! ତା ନାମ ହସ୍ନ - ମାନ୍ - ନା - ରା ! ବାହାବା ! ମଜେଦାର । ଜଣେ ରହି ମୋର ହସ୍ନମାନ୍ ତାରା ! ନାମଟା ନିମିଛଳା, ଶୁଣ କି ଯେଉଁ ରକମ ! ଗୁଣ ତ ଗୁଣ ହସ୍ନମାନ୍ ତାରା — କ୍ୟା ମଜେଦାର ! ଦେଖ ତ ମକ୍ରୁମ୍, ତାର କେତେ ବୁଦ୍ଧି, କେତେ ମୋହେରବାନ । ପାଞ୍ଚଟା ଦୋସ୍ତି, ଭୁଲି ପାରେ ନାହିଁ । କାଲି ଆସି ନିମିତ୍ତ କଂଜରେ ଗୋଡ଼ ଦେଇଛି, ମୋତେ ଡାକ ପଠାଇଛି । ମୁଂ ତାକୁ ଦେଖି ଝିଅ ପାଗଳ, ସେ ତ ଆନନ୍ଦରେ ହସି ହସି

557

ଚଳି ପାରିଲା । ମୁଁ ଭଟୁଣାରେ ବସିଚି ଜାନ, ଲାଗିଲା ମାଲର ଧୁମ । ସବୁ ଠିକ୍ ଠାକ୍ ସଜିଲ କରି ରଖିଚି । ଟିପା ଗାଟେଙ୍ଗର — ମାପତ ହୁକା — ବୋତଲ୍, ସବୁ ଠିକ୍ । ଥାଗ ଗିଂଟିଲା ମାଲ ବୋତଲ । ଆସ୍ଥା ଘମ୍ ଘମ୍ ନୁହେଁ, ଅସଲ ବିଲାତୀ, ନମ୍ବର ୱାନ୍ ! ତ ଲୋକେ ଗ୍ଲାସେ ଟାଣି ପିଅନ୍ତି, ଦେଖନ୍ତି ମଜା । ଆମେ ଦିଜଣ ଯଗୋ ଯଗୋ ବୋତଲ ଖାଲି କରିଦେଲୁଁ ! ଖାଲି - ର - ଭୁଞ୍ଜା - ର, ଟୋପାଏ ପାଣି ନାହିଁ । ସେ ସାଆନ୍ତାଣୀ ରୋଜ ଭଜେ ତିଆରି କରେ ପୁର, ସରଭଜା, ଖୀର । ଆରେ ଛି ! ସେ ଗୁଡାକ ତ ବୁଢ଼ୀ ଖାଏ । ସେ ପେଲା କରି ରଖିଥିଲା ଲୁଚିଆ ବୁଟ-ଭଜା, ଚୁଲିଆ ପୋଡ, ମାଲ ସଙ୍ଗକୁ ମାଗାପାର, ପେଟ୍‌ଟ ମାରିଦେଲ । ଦେ ମଜାଦାର ! ସେ ସାଆନ୍ତାଣୀକୁ ହତାପେଲ କମିଟକା ଦଶ ଟଙ୍କା ମାରି ନେଇଥିଲି । ସେ ସବୁ ମଦନ ଜାଗାକୁ ଦୁଷ୍ଟା ହାତରେ କେଉଁଠି ଯାଏ ? ତା ଆଗରେ ଟଙ୍କା ଲୋମିଦି ଥୋଇ ଦେଇଚି, କିଛି ଚୁହିଁ ଦେଇ ମୁହିଁ ମୋଡ଼ି ଦେଲା । ମୁଁ ବୁଝିଆର ମାଣିଷ, ସେ ସାଆନ୍ତାଣୀ ପାଇଁ କଣ ହେଲା ? ବାଟି ପାରିଲି, ପାସଯ ହେଲା ନାହିଁ । କିମିତି ପାସଯ ହେବ ରେ ? ଦିନ ରାତିରେ ମଜୁରୀ କଲେ ଶହେ ଶହେ ପାଏ । ମୁଁ କହି ଆସିଚି, କାଲି ଶହେ ଟଙ୍କା ଦେବି । ସେ କହିଲା, 'ଟଙ୍କା କଣ ହେବ ? ତୁମେ ଆସିବା' ସତ ସତ, ସେ କଣ ଟଙ୍କା ଚାହେଁ ? ଚାହେଁ ମୌନ । ସେ ଟଙ୍କା ଚାହେଁ ନାହିଁ, ତାର କଣ ଟଙ୍କାର ଅଭାବ ? ତେବେଲେ ମୁଁ କଣ ଅସତ୍ୟ ହେବି ? ଜବାବ ଦେଇଚି ତ, ଟଙ୍କା ଦେଇଚି । 'ମାରଦ୍ର କି ବାତ୍, ହାତୀକା ଦାନ୍ତ ।' କାଲି ଟଙ୍କା ଶହେ କୋଉଠୁ ଆଣିବି ଜାଣୁ ? ହୋ ହୋ ! ବଡ଼ ମଜା । ସେ ସାଆନ୍ତାଣୀ ନାଟବାଲୀ ଟଙ୍କା ସେଇଠି ସିନ୍ଦୁକରେ ରଖିଚି । ଖୋଟାଏ ଲୁହା କଣ୍ଟାରେ ସିନ୍ଦୁକଟା ଫିଟାଇ ପକାଇ ଆଚ୍ଛା କରି ଛିଡ଼ା ଦେବି । ଦି ତିନି ଥର ଟଙ୍କା ନେଇଛି । ସାଆନ୍ତାଣୀ ବୋକା, ତା ଗୋସାଇଁ ବାପା ବି ଧରି ପାରିବ

ନାହିଁ । ସିନ୍ଦୁକରେ ତେର ଟଙ୍କା ରହିଛି, ମୋ ହାତରେ ପଡ଼ିଗଲେ କଟକର ପାଂଚଙ୍କ ମାଇଜରେ ଉଡ଼ାଇ ଦିଅନ୍ତି । ତୋ ସାଆନ୍ତାଣୀ ଯଦି ଗିଲାସେ ମଦ ଟାଣି ଦିଅନ୍ତ, ବୁଝନ୍ତା, କେଡ଼େ ମଉଜ । ସେ ମଉଜ ବୁଝିଛି ହନୁ - ମାନ୍ - ତାରା । ଏଇଟା କାଠ ମୂର୍ତ୍ତିଟାଏ ! ଆଜି ମାଲ ସଙ୍ଗରେ ଯୋଗେ ଗୁଡ଼ିଏ ପାକୋଲଛି । ତୋ ସାଆନ୍ତାଣୀ ବାପ ଶାଳା ବି ସାତ ଜନ୍ମରେ ଦେଖି ନ ଥିବ ।"

ସାଆନ୍ତାଣୀ କାନ୍ଧିଲ ଝାଣ୍ଟୁକ ପାଖି ହାତ ହୁରକି ପୋଂପାଡ଼ ଉପରେ ଡେଇଁ ପଡ଼ିଲେ । ଭାରୀ ଗୋଟାଏ ଗର୍ଜନ କରି କହିଲେ, "କଣ କହିଲୁ, କଣ କହିଲୁ ମଦୁଆ, ଲୋଟିନୀଖିଆ ! ମୋ ବାପ ତୋ ଶଳା ! ଧନଲାଗି ନାହିଁ କେମିତି ପଡ଼ିଥିଲୁ ରେ ? ହିଁ କଣ - ହନୁମାନ୍ ତାରା ?"

ବାବୁ ତ ଡରରେ ଚୁପିଆ ହୋଇ ଗଲେଣି, ବଅଁଳ କହି ପକାଇଲେ, "ନା - ନା, ମୁଁ କାହିଁ ନାଇଁ ନାହିଁ ; କିଛିଏ ବାହାରକୁ ପ୍ରକାଶ କରିବାକୁ ନାହିଁଥିଲି - ତୁମ ରାଣ, ତୁମ ମୁଣ୍ଡ, ଛୁଉଁଛି ।"

ସାଆନ୍ତାଣୀ ତ କ୍ରୋଧରେ ଅଜ୍ଞାନ । "ହଁ ରେ ମୋ ମୁଣ୍ଡ ଛୁଉଁଲୁ, ମୋ ମରିବାକୁ ଖୁସିଁଛୁ ?"

ଘରେ ଗୋଟାଏ ଝାଡ଼ୁଖି ପଡ଼ିଥିଲା ; ସେଇଟା ଧରି ଦେ ପ୍ରହାର - ପ୍ରହାର - ପ୍ରହାର - ମୁଣ୍ଡରେ, ପିଠିରେ, ହାତରେ ଯେଉଁଠି ବାଜୁ ! ବାବୁ ସମ୍ଭାଳି ପାରିଲେ ନାହିଁ, ଦେ ଦୌଡ଼ ! ବଣା ଟୁଙ୍ଗରେ ଗୋଡ଼ ଟଳମଳ ହେଉଛି । ଢୁଲି ଢାଲି ପଡ଼ିଗଲେ । ତା ଉପରେ ବି ପାଣି ଅସରା ପାରି ପଡ଼ୁଛି ।

ସାଆନ୍ତାଣୀ ଥାକି ଯିବାରୁ ଘର ଭିତରକୁ ଯାଇ ଭୂଇଁରେ ଲଠ କରି ଶୋଇ ପଡ଼ିଲେ । ଆକୁଳ ହୋଇ କାନ୍ଦୁଛନ୍ତି,' କାନ୍ଦୁ କାନ୍ଦୁ ଯେତେ ଠାକୁର ଦେବତା ମାନଙ୍କରେ ପଡ଼ିଲେ, ସମସ୍ତଙ୍କୁ ଡାକି କ୍ଷମା ମାଗିଲେ, "ହେ ଠାକୁର ଦେବତାମାନେ ! ମୋତେ କ୍ଷମାକର, ମୋ ଦେବତା ସ୍ୱାମୀଙ୍କୁ ବାଡ଼େଇଛି, କି ଅପରାଧ କରିଛି, ଦୋଷ କ୍ଷମାକର, ଆଉ ମୋ ସ୍ୱାମୀଙ୍କୁ ସୁବୁଦ୍ଧି

ଦିଅ ।" ରାତି ପାହିଗଲାଣି । ସାଆନ୍ତାଣୀଙ୍କ ରାଗଟା ବି ଗଳିଗଲାଣି । ଧୀରେ ଧୀରେ ଚାହିଁ ଦେଖିଲେ, ବାବୁ ତ ଭୂଇଁରେ ପଡ଼ିଛନ୍ତି । ନିଶା ଛାଡ଼ି ଗଲାଣି, ସକାଳୁଆ ଶୀତଳ ପବନ ଲାଗି ଭାରି ଜାଡ଼ଟାଏ ହୋଇଛି । ଘଡ଼ ଘଡ଼ କରି ନାକ ଡାକୁଛି । ସାଆନ୍ତାଣୀ ଅନାଇ ଦେଖିଲେ, ପିଠି, ହାତ, ଗୋଡ଼ ଜାଗା ଜାଗା ଝାଡ଼ୁଣି ମାଡ଼ରେ ଫୁଲି ଯାଇଛି । ଗୋଟାଏ ଗୋଟାଏ ଜାଗାରେ ରକ୍ତ ବହି ଶୁଖି ଗଲାଣି । ଏ ସବୁ ଦେଖି ଭାରି ଆକୁଳରେ କାନ୍ଦିଲେ – "ହାୟ ! ମୁଁ କଣ କଲି ! ସ୍ୱାମୀ ଦେବତାଙ୍କୁ ଝାଡ଼ୁଣିରେ ବାଡ଼େଇଲି ! ହାୟ ! ହାୟ ! ମୋ ଦଶା କଣ ହେବ ?" ଆଉ ପରେ ଡାକିଲେ – "ଠାକୁର ଦେବତାମାନେ ! ମୋ ଦୋଷ କ୍ଷମା କର ।" ଝରଝର ହୋଇ ଦୁଇଆଖିରୁ ଲୁହଧାର ବହୁଛି । ଟିକାଏ ହଳଦୀ ମାଲିସ ଆଣି ଫୁଲା ଜାଗାମାନଙ୍କରେ ଧୀରେ ଧୀରେ ଘଷି ଦେଲେ, ଆଉ ଟିକାଏ ମାଲିସ ଆଣି ଦେହସାରା ଲଗାଇ ଦେଲେ । ଦିନ ଦୁଇପହର ସରିକି ବାବୁଙ୍କ ନିଦ ଭାଙ୍ଗିଲା । ଟିକିଏ ଅନାଇ ଦେଖିଲେ, ସାଆନ୍ତାଣୀ ପାଖରେ ବସିଛନ୍ତି । ମନରେ ଭାରି ଗୋଟାଏ ଡର ପଶିଗଲା, କେଜାଣି ଆଉ ଥରେ ବା ଝାଡ଼ୁଣିରେ ବାଡ଼େଇ ପକେଇବେ । ଆଉ ନିଦ ତ ନାହିଁ, ଆଖି ବୁଜି ଘାତଲେଇ ପଡ଼ିଥାନ୍ତି । ଆଉ ଥରେ ଧୀରେ ଧୀରେ ଅନାଇ ଦେଖିଲେ, ସାଆନ୍ତାଣୀଙ୍କର ରାଗର ଚିହ୍ନ ନାହିଁ । ଦୁଇ ଆଖିରୁ ଲୁହଟା ଧାରା ବହି ଯାଉଛି, ଧୀରେ ଧୀରେ ଗୋଡ଼ରେ ତେଲ ଘଷି ଦେଉଛନ୍ତି । ସାଆନ୍ତାଣୀ ଦୃଷ୍ଟି ପାଇଲେ, ବାବୁଙ୍କର ନିଦ ଭାଙ୍ଗିଗଲାଣି । ଗରମାଠିଆ ଜଳ ଅଣାଇ ଖୋଲଦା ଜାଗାରେ ଥୋଇଲେ – ବାବୁଙ୍କ ହାତ ଧରି ଉଠାଇ ବସାଇଲେ । ମୁଣ୍ଡରେ ଦେହରେ ଜଳ ଢାଳି ଭଲ କରି ସ୍ନାନଟା କରାଇ ଦେଲେ । ବାବୁଙ୍କର ବଡ଼ାର ଶୀତଳରେ ଦେହଟା ଜଳୁଥିଲା, ଜଳ ପଡ଼ି ବଡ଼ ଆରାମ ଲାଗୁଥାଏ । ଆଖି ବୁଜି ଠାକୁରଟି ପରି ହୋଇ ବସିଥାନ୍ତି । ସାନ୍ତାଣୀ ଶୁଖିଲା ଲୁଗା ପିନ୍ଧାଇ ଦେଲେ । ରୋଷେଇରୁ ଭାତ ପରଷି ଗଲା । ସାନ୍ତାଣୀ ବସାଇ ବତେଇ ବଟା ଭୋଜନ କରାଇଲେ

ତହିଁବାଦେ ଭଲ କରି ଗୋଟାଏ ପାଉ ବାବୁଙ୍କୁ ଖୁଆଇ ଦେଲେ । କାଲିଠାରୁ ସାନ୍ତୁଣୀଙ୍କର ଉପାସ, ଆଜି ବି ଜଳ ସ୍ପର୍ଶ ନାହିଁ । ସ୍ୱାମୀଙ୍କ ଗୋଡ଼ତଳେ ବସି ହାତ ବୁଲାଉଛନ୍ତି । ଦିନଯାକ ଆଖିରୁ ପାଣି ଶୁଖିବାକୁ ନାହିଁ । ମନ ମଧ୍ୟରେ ଠାକୁର ଦେବତାଙ୍କୁ ଡାକୁଛନ୍ତି — "ହେ ପ୍ରଭୁ, ମୋ ଦୋଷ କ୍ଷମାକର, ମୋ ସ୍ୱାମୀଙ୍କୁ ସୁବୁଦ୍ଧି ଦିଅ ।" ଦିନଯାକ ସ୍ୱାମୀ ସ୍ତ୍ରୀ କାହାର ମୁହଁରୁ କଥା ବାହାରୁ ନାହିଁ, ଘରେ ଚାକର ଚାକରାଣୀ ମଧ୍ୟ ସମସ୍ତେ ଚୁପ୍ ଚାପ୍ । ସ୍ୱାମୀ ସ୍ତ୍ରୀ କେହି କାହାର ମୁହଁକୁ ଲାଜରେ ଭଲରି ଚାହିଁ ପାରୁ ନାହାନ୍ତି । ପରସ୍ପର ଦୁହେଁ ଆପଣା ଆପଣାକୁ ଅପରାଧୀ ମଣି ମନସ୍ତୁଷ୍ଟି ପାଇଁ ସାଧ୍ୟାନୁସାରେ ଚେଷ୍ଟା କରୁଥାନ୍ତି । ବାବୁଙ୍କ ମନ ମଧ୍ୟରେ ପ୍ରତିଜ୍ଞା, ଆଜିଠାରୁ ସବୁ ନିଶା ଗୋରକୁ, ବିଦା ।

ଦୁଇମାସ ଗଲା, ଚାରିମାସ ଗଲା, ଛ ମାସ ବି ଗଲାଣି । ସାଇ ପଡ଼ିଶା ମିତ୍ର ବନ୍ଧୁ ବାବୁମାନେ ଦେଖିଲେ, ଚନ୍ଦ୍ରମଣିବାବୁଙ୍କ ଘରେ ରୋଜ ସଞ୍ଜ ସକାଳ ଯେ ଦୁହିଁଙ୍କ ମଧ୍ୟରେ ହଟ୍ ହଟ୍ ଲାଗିଥାଏ, କିଛି ଶୁଣାଶୁଣି ନାହିଁ । ଦୁଇଜଣ ଏକ ଜାଗାରେ ବସି ହସି ଖୁସି କଥାବାର୍ତ୍ତା କରନ୍ତି, ଖବର ପଢ଼ନ୍ତି । ଉତ୍କଳ ସାହିତ୍ୟ, ମୁକୁର, ଦୀପିକା ଖବରକାଗଜ ପଢ଼ନ୍ତି । ବାବୁ ହେଣ୍ଡନୋଟରେ ଟେରେଟଙ୍କା ଦେଣ କରି ପକାଇଥିଲେ, ବର୍ଷକ ଭିତରେ ଅଧାଅଧି ଶୁଝି ଗଲାଣି । ବାବୁ ଘରୁ ବାହାରନ୍ତି ନାହିଁ । କେଉଁ ଜାଗାକୁ ନାଚ ତାମସାରେ ନିମନ୍ତ୍ରଣ ଅସିଲେ ସାନ୍ତାଣୀ ନେଉଥିଲେ, ପେଲାପେଲି କଲେ ବି ଯାଆନ୍ତି ନାହାନ୍ତି । ଦିନେ ଦିନେ ସଞ୍ଜବେଳେ ଦୁଇଜଣ ବଗିଚାରେ ବସି ସନ୍ଧ୍ୟାଯାକ ବୁଲି ଆସନ୍ତି ।

ସହରର ଲୋକେ, ସାଙ୍ଗସୁଙ୍ଗ ବାବୁମାନେ ଦେଖିଲେଣି ଆଶ୍ଚର୍ଯ୍ୟ । ଆରେ କଥା କଣ ? ବାବୁଙ୍କ ବାପେ ଜମିଦାର ଶ୍ୟାମ ପଟ୍ଟନାୟକେ ମାଷ୍ଟର ରଖି ବାବୁଙ୍କୁ ପଢ଼ାଉଥିଲେ । ସ୍କୁଲରେ ବି ପଢ଼ୁଥାନ୍ତି । ଏତେ ପଢ଼ିଲେ କଣ ହେଲା ? ବଦ୍ ସଙ୍ଗରେ ପଡ଼ି ଭାରି ନିଶାଖୋର ହୋଇଗଲେ । କେବଳ ଦିନ ରାତି ବଦ୍‌ଖିଆଲ, ଚରିତ୍ର ଏକାବେଳକେ

ଗଲା, ଘରଖଣ୍ଡ ମନ ଜାଗାମାନଙ୍କରେ ବୁଲାବୁଲି, ଯେତେ ନାଚୁଆଲା ମାଇଲୋକ ଯାଗା । ଭଲ ଲୋକେ ପାଞ୍ଚଜଣ କହିଲେ, 'ପୁଅ ବାହା ହେଲେ ଚରିତ୍ର ବଦଳି ଯିବ ।' ଗମକଣ୍ଡ ମହନ୍ତିଙ୍କର ଝୋଟିଏ ଝିଅ, ପରମା ସୁନ୍ଦରୀ, ଗୁଣ-ବତୀ — ଜମିଦାର ବାବୁ ତାଙ୍କୁ ବୋହୂ କରି ଆଣିଲେ । ହେଲେ କି ପୁଅ ସୁଧୁରିଲା ନାହିଁ, ଘରୁ ମାଲମତା ନଗଦ ଟଙ୍କା ଚୋରି କରି ଉଡ଼ାଏ, ବେଶ୍ୟା ପାଖିଟଙ୍କା ନେଇ କୋଡ଼ିଏ ଟଙ୍କାର ହେଣ୍ଡ୍‌ନୋଟ୍ ଲେଖି-ଦିଏ । ଏତେ ଘର କଥା, ଜମିଦାରୀ କଥା କିଛି ବୁଝିବାକୁ ନାହିଁ । ଜମିଦାର ବାବୁ ଦେଖିଲେ, ଆଉ ହେବ ନାହିଁ, କାଲାଛାଂରଟା ଜିନିଷ ସମ୍ପତ୍ତି ସବୁ ଉଡ଼ାଇ ଦେବ । ବୋହୂ ଶ୍ରୀମତୀ ସୁଲୋଚନା ଦେଈ ନାମରେ ଚଳାଚଳ ସମସ୍ତ ସମ୍ପତ୍ତି ଲେଖିଦେଇ ଯାଇଛନ୍ତି । ବାପା ଯେତେ ବୁଝାଇଥିଲେ, ଶ୍ୱଶୁରେ ଅସି ଯେତେ ବୁଝାଉଥିଲେ, କାହିଁରେ କିଛି ହେଉ ନ ଥିଲା । ହଠାତ୍ ରାତିକ ଭିତରେ ଏତେ ଭଲ ଲୋକ ପାଲଟି ଗଲେ କିପରି ? ଗୋପୀବାବୁ ଜଣେ ମଜ୍ଜଳିଆ ଭଲିଆ ଲୋକ; ହସି ହସି କହିଲେ, " ସେ ଦିନ ରାତିରେ ସାନ୍ତ୍ୱନା ଯେ ଅଭିଳିଆ ଝାଡ଼ୁଗି ବୃଷ୍ଟି କରିଥିଲେ, ଏଇଟା ତାହାର ଫଳ । ଅର୍ଥାତ୍, ଅଦଳିଆଲା ଯୋଗ ଉକ୍ତ ରୋଗ, ଝାଡ଼ୁଗି ପ୍ରହାର ଔଷଧରେ ସବୁ ଛାଡ଼େ ।

ଶ୍ୟାମଘନବାବୁ ହସି ହସି କହିଲେ, " କାହିଁ ବୈଦ୍ୟଶାସ୍ତ୍ର, ଡାକ୍ତରୀ କିତାବ, କାହିଁରେ ଏ ରୋଗକୁ ଏ ଔଷଧର ତ ବ୍ୟବସ୍ଥା ନାହିଁ ?"

ଗୋପୀବାବୁ କହିଲେ, " ଆରେ ତୁମେ ବୁଝିଲ ନାହିଁ, ଏଇଟା ସାନ୍ତ୍ୱନାଙ୍କର ଆବିଷ୍କାର —

ପେଟେଣ୍ଟ ମେଡ଼ିସିନ୍ " ।

ପୂର୍ବ ବୃତ୍ତାନ୍ତ ହେତୁରୁ ଯଦି କୌଣସି ସୁନ୍ଦରୀଙ୍କ ସେ — ଅର୍ଥାତ ସେମାନେ ଯଦି ଏପରି ରୋଗଗ୍ରସ୍ତ ହୋଇଥାନ୍ତି, ଲେଖକର ବିନମ୍ର ପୁରସ୍କାର ନିବେଦନମିଦଂ, ସେହି ପେଟେଣ୍ଟ ମେଡ଼ିସିନ୍‌ଟା ଥରେ ପ୍ରୟୋଗ ପୂର୍ବକ ପରୀକ୍ଷା କରି ଦେଖିବେ ।

ମିମିର ଭୁଗୋଳ ଶିକ୍ଷା

ଶ୍ୟାମାଚରଣ ମିତ୍ର

ବ୍ୟର୍ଥତା ଜୀବନ ବାବୁଙ୍କ ମନକୁ ଘାରିଦିଏ । ସବୁଠି ବ୍ୟର୍ଥତା, ନିଜର ପ୍ରତିଷ୍ଠା ପାଇଁ ସେ ଯେତେ ମିଥ୍ୟା ଓ କପଟତାର ଆଶ୍ରୟ ନେଉଛନ୍ତି, ଯେତେ ଦେଖାଣିଆ ଜ୍ଞାନ ଆହରଣ କରୁଛନ୍ତି, ଯେତେ ବ୍ୟବସାୟ କରୁଛନ୍ତି, ଯେତେ ଅନୁଷ୍ଠାନମାନଙ୍କରେ ବକ୍ତୃତା ଦେଉଛନ୍ତି, କେଉଁଠି କିଛି କରି ପାରୁ ନାହାନ୍ତି । ପ୍ରତିଷ୍ଠା ପାଇଁ ଗୋଟାଏ ନୂଆ ଉପାୟରୁ ମୁଣ୍ଡକୁ ଆସିଲେ ତାକୁ କାର୍ଯ୍ୟକାରୀ କରିବା ପରେ କିଛି ଫଳ ପାଆନ୍ତି ସତ ; କିନ୍ତୁ ତାହା ହୁଏ କ୍ଷଣସ୍ଥାୟୀ । ହୁଏ ତ କଟକର ନର୍ଦ୍ଦମା ସଫା କରିବା ପାଇଁ ଗୋଟିଏ ସମିତି ସ୍ଥାପନ କଲେ, ସେଥିରେ ସେ ସଭାପତି ହୋଇ ବକ୍ତୃତା ଦେବାକୁ ଲାଗିଲେ। ଖବରକାଗଜରେ ନା' ବାହାରିଲା ତଥାପି ତାଙ୍କର ତୃପ୍ତି ହେଲା ନାହିଁ କାହିଁ ଏ ପର୍ଯ୍ୟନ୍ତ ତ ଲୋକେ ତାଙ୍କର ଜନ୍ମବାର୍ଷିକୀ ପାଳିଲେ ନାହିଁ । ମନ ତାଙ୍କର ଘାରି ଦିଏ । ମନେ ମନେ ସେ ସମସ୍ତଙ୍କୁ ଗାଳି ଦିଅନ୍ତି । ଲୋକଗୁଡାକ ଅକୃତଜ୍ଞ, ବଦ୍‌ମାସ୍ । ସେ ସମିତି ତୁଟିଲେ ସେ ଆଉ ଏକ ନୂଆ ସମିତି ଗଢ଼ିବାର ଯୋଜନା କରନ୍ତି । ଲୋକେ ମଧ୍ୟ ଭୁଲି ଯାଆନ୍ତି ତାଙ୍କୁ । ପୁରୁଣା ମଳ, ନୂଆ ବୈଦ୍ୟ ପାଖରୁ ନୂଆ ଔଷଧ ଖାଇ କିଛି ଫଳ ପାଏ ବା ପାଇଲା ପରି ମନେ କରେ କିନ୍ତୁ କିଛି ଦିନ ସେ ଔଷଧ ବ୍ୟବହାର କଲାପରେ ପୁଣି ଯେଉଁ କଥାକୁ ସେଇ କଥା । ଜୀବନ ବାବୁଙ୍କ ଦଶା ସେମିତି । ନିଜର ପ୍ରତିଷ୍ଠା, ସମ୍ମାନ, ସ୍ମରଣୀୟ ହେବାର ମୋହ ତାଙ୍କୁ ପୁରୁଣା ରୋଗ ଭଳି ମାଡ଼ି ବସିଛି । ନାକରେ ଦୌଡ଼ି ତାଙ୍କର, କିଛି ଗୋଟାଏ ଚମକ-ପ୍ରଦ କରିବାକୁ ସେ ସର୍ବଦା ବ୍ୟାକୁଳ ଓ ଚିନ୍ତିତ । ସାହିତ୍ୟ, ରାଜନୀତି, ବ୍ୟବସାୟ,

ଧର୍ମ ଆଦି ସବୁଥିରେ ସେ ହାତ ମାରି ଯନ୍ତ୍ରଣା ଭୋଗୀ, ଶେଷକୁ ଗୃହିଣୀ ପାଖରେ ଆଶ୍ରୟ ନେଲା ଭଳି ସେ ନାନା ଅଦ୍ଭୁତ ସମିତି ଗଢ଼ିବାରେ ଲାଗି ପଡ଼ନ୍ତି ।

ଜୀବନର ତୃତୀୟ ଭାଗରେ ପାଦ ଦେଲା ପରେ ସେ ମାନସୁ ଜାଣିଲେ, ନା ମୋ ଦ୍ୱାରା କିଛି ହେବ ନାହିଁ, ସମିତି ଗଢ଼ିବାକୁ ହେବ ...... ।

ମିମି ତାଙ୍କର ଏକ ମାତ୍ର ବଂଶଧର । ବୟସ ବର୍ତ୍ତମାନ ନଅ ବର୍ଷ । ପ୍ରଥମ ଶ୍ରେଣୀରେ ପାଠ ପଢେ । ଜୀବନ ବାବୁ ଜୀବନପଣ କରି ତାକୁ ଗଢ଼ିବାରେ ଲାଗିଛନ୍ତି । ତାକୁ ଗଢ଼ିବାର ନାନା ଯୋଜନା ଅଛି ତାଙ୍କର ; କିନ୍ତୁ ସେ, ସେ ଯୋଜନା ସବୁ ସମ୍ଭାଳିବାରେ ମିମିର ବା ସାମର୍ଥ୍ୟ କେତେ ? ହେଲେ ଜୀବନ ବାବୁଙ୍କ ସେଥି-ପ୍ରତି ନଜର ନାହିଁ । ବ୍ୟର୍ଥତା ତାଙ୍କୁ କରିଛି ନିର୍ମମ ସ୍ୱପ୍ନବିଳାସୀ, ବ୍ୟର୍ଥତା ତାଙ୍କୁ କରିଛି ଅନ୍ଧ ଓ କ୍ରୁର ।

ସକାଳୁ ବ୍ୟାୟାମ, ତା' ପରେ ଦୁଇଟି ଅଣ୍ଡା ଓ ଗିଲାସେ ଲେମ୍ବୁ ସରବତ ପରେ ନାଚ ଓ ଗୀତ ଶିକ୍ଷା, ତା' ପରେ ପାଠ, ତା' ପରେ ଗଟିଆଏ ମାଂସ ସହ ଭାତ ଖାଇ ଇସ୍କୁଲ, ଇସ୍କୁଲରୁ ଫେରି ପୁଣି ଗୀତ, ତବଲା ଏମିତି ରାତି ଏଗାର ପର୍ଯ୍ୟନ୍ତ । ମିନିଟିଏ ବି ଫୁରୁସତ ନାହିଁ । ଗୃହିଣୀ, ଠାକୁର ଚାକର ସମସ୍ତେ ଲାଗିଛନ୍ତି ମିମି ପଛରେ । ଟଙ୍କା ପାଣି ପରି ଖର୍ଚ୍ଚ ହେଉଛି, ନ ଥିଲେ ଧାର ହେଉଛି, ଭ୍ରୂକ୍ଷେପ ନାହିଁ ସେଥିପ୍ରତି । ଠାକୁର ଚାକରଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଯାଇଛି, ବେଶ୍ ଦି ପଇସା ହାତପୈଠ ହେଉଛି ତାଙ୍କର ।

ହେଲେ ମିମିର ବା ଶକ୍ତି କେତେ ସେ ନିଆଁଗିଳା ଯୋଜନା ସବୁକୁ ସମ୍ଭାଳିବାକୁ । ସେ ଯୋଜନାରେ ମିମିର ମଙ୍ଗଳ ବା ଭବିଷ୍ୟତର ତ ସ୍ଥାନ ନାହିଁ, ଅଛି କେବଳ ଜୀବନ ବାବୁଙ୍କ

ପ୍ରତିଷ୍ଠା ପାଇବାର ନିର୍ମମ ଅତି ବ୍ୟଗ୍ରତା । ସେ ଯୋଜନା ଭାରରେ ମିମି ନିଷ୍ପେଷିତ ହୋଇ ଦିନକୁ ଦିନ ଆହୁରି ଦୁର୍ବଳ ହୋଇ ପଡ଼ୁଛି ।

ମିମି ପାଠରେ ଭୁଲ କଲେ ଜୀବନ ବାବୁ ଯେତେବେଳେ ଧୈର୍ଯ୍ୟ ହରାଇ ତାକୁ ନିର୍ମମ ଭାବରେ ପ୍ରହାର କରନ୍ତି ସେତେବେଳେ ତାଙ୍କ ବଡ଼ ଭାଇ ତାଙ୍କୁ କହନ୍ତି, ଶାନ୍ତ ହ, ଶାନ୍ତ ହ, କାହିଁକି ସେଥିରେ ମାତୁଛୁ, ଅସ୍ୱାଭାବିକ ଭାବରେ ଚେଷ୍ଟା କଲେ ଫଳ ଓଲଟା ହୁଏ । ଜୀବନ ବାବୁ ଥରେ ରାଗିଯାଇ କହିଲେ ତୁମର କଅଣ ଗଲା, ମୋ ଗାଈକୁ ମୁଁ ଲାଞ୍ଜିବାଟେ ଖୋଇବି । ତାଙ୍କ ବଡ଼ ଭାଇ ହୃଦୟ ବାବୁ ମ୍ଳାନ ହସି କହିଥିଲେ, ତୁ ବୁଝି ପାରୁନୁ ଜୀବ, କେତେ ନିର୍ମମ ତୁ ହୋଇ ଯାଉଛୁ । ଯୋଉଁ ମିମିକୁ ତୁ ...... । ସେ ଆଉ କିଛି ନ ପାରି ମୁହଁ ବୁଲାଇ ଦେଇଥିଲେ ।

ମିମିର ସତେ ସେ ଦିନ ଆଉ ନାହିଁ । ସବୁ ଯାଇଛି ସେ ଦିନ । ତାକୁ ଯେତେବେଳେ ୧ ବର୍ଷ ବୟସ ସେତେବେଳେ ଦିନେ ତା'ର ବାପା ଶୋଇଥିବା ବେଳେ ମିମି ବାପାର ନାକକୁ ଅନେକ ବେଳ ଯାଏ ଦେଖି ଶେଷରେ ସିଦ୍ଧାନ୍ତ କଲା ; ନାକଟା ନିଶ୍ଚିତ ଅଦୁଆ କରୁଥିବ ବାପାଙ୍କୁ ନିଶ୍ଚୟ । ନାକକୁ ସେ ନାଖୁଟି ଧରି ଉଠାଇ ଫିଙ୍ଗି ଦେବାକୁ ଚେଷ୍ଟା କଲା । ତାହାର ନଖରେ ବାପାଙ୍କ ନାକ ରକ୍ତ ହୋଇଗଲା । ରକ୍ତ ବୋହିଲା । ଜୀବନ ବାବୁଙ୍କ ନିଦ ଭାଙ୍ଗିଗଲା ଗୁଉଁକିନା ; କିନ୍ତୁ ସେ ଉଠି ପାରିଲେ ନାହିଁ କାଳେ ତାଙ୍କ ବକ୍ଷରେ ବସିଥିବା ମିମି ପଡ଼ିଯିବ ବୋଲି । ନିଜ ପଣତ କାନରେ ରକ୍ତ ପୋଛି ସେ ହସି ମିମିକୁ ଚୁମ୍ବନ ଦେଲେ । ତା'ପରେ ପାଣି ଲାଗି ସେ ଗଦ ଘା ହୋଇ ଶୁଖିବାକୁ ଲାଗିଲା ଅନେକ ଦିନ । କିଛି ଖର୍ଚ୍ଚ ମଧ୍ୟ ହେଲା ସେଥିପାଇଁ ।

ସେ ଚିହ୍ନ ଆଜି ପର୍ଯ୍ୟନ୍ତ ଅଛି । ସେତେବେଳେ କିନ୍ତୁ ଜୀବନ ବାବୁଙ୍କୁ କେହି ଦାଗ କଥା ପଚାରୁଥିଲେ ସେ ହସି ହସି ତା'ର ଇତିହାସ କହୁଥିଲେ ଗର୍ବର ସହିତ, ସତେ ଯେମିତି କେଉଁ ଯୁଦ୍ଧରେ ସେ ଖଡ୍ଗ-ଘାତର ଚିହ୍ନ । ସତ କହିଲେ, ଏ ବି ତ ଜୀବନସଂଗ୍ରାମର ଗୋଟାଏ ଦାଗ ।

ଜୀବନ ବାବୁଙ୍କ ବଡ଼ ଭାରି ଶାନ୍ତ ପ୍ରକୃତିର ଲୋକ । ସାମାନ୍ୟ ଗୋଟିଏ ଚାକିରି ତାଙ୍କର । ଯାହା ସଚ୍ଚୋଟ ଉପାୟରେ ରୋଜଗାର କରନ୍ତି, ଯେଉଁଥିରେ ଦୁଃଖରେ ଚଳୁଥିଲେ ମଧ୍ୟ କେବେହେଁ ତାଙ୍କୁ କେହି ଆପତ୍ତି କରିବାର ଶୁଣି ନାହାନ୍ତି । ସଦାବେଳେ ହସ ହସ ମୁହଁଟି । କଚେରୀ କାମ ସାରି ସିଆସଲଖ ଘରକୁ ଆସି ଗୁହାଳ ସଫା, ନର୍ଦ୍ଦମା ସଫା, କନ୍ଥା ସିଲେଇ, ଭାଗବତ ପାଠ, ପୂଜା ଆଦି କାମରେ ସେ ଲାଗି ଯାଆନ୍ତି । ତାଙ୍କର ସ୍ତ୍ରୀ ମଝିରେ ମଝିରେ ଦୁଃଖ କଷ୍ଟ କଥା କହି ବସିଲେ ସେ କହନ୍ତି, ଭଗବାନଙ୍କ ପ୍ରତ୍ୟେକ କଥାରେ ଆମେ ଯଦି ଆପତ୍ତି କରୁ ତେବେ ସୁଖ ମିଳିବ କେଉଁଠୁ ? ଲକ୍ଷେ ପାଇଲେ ବି ସୁଖ ପାଇବ ନାହିଁ । ସେ ଯାହା ଦେଉଛନ୍ତି ବୁଝି ସୁଝି ଦେଉଛନ୍ତି । ବେଶୀ ଦେଲେ ଆମେ ସମ୍ଭାଳି ପାରିବୁ ନାହିଁ ।

ସ୍ତ୍ରୀ କିନ୍ତୁ ଛାଡ଼ିବାର ନୁହେଁ । କହିଲେ, ଏସବୁ ଅପାରଗ ଲୋକର କଥା । ତୁମ ଭଳି ଯଦି ସମସ୍ତେ ହୁଅନ୍ତେ, ତାହାହେଲେ ଏ ଦେଶ କେବେଠୁଁ ଦରିଦ୍ର ହୁଅନ୍ତାଣି ।

ହୃଦଲୁ ବାବୁ ହସି କହିଲେ, ତା ହୁଏତ ସତ ; କିନ୍ତୁ ଅତି ଉଚ୍ଛୃଙ୍ଖଳ ଦେଶ ବା ଲୋକ ତାହାଠୁ ଆହୁରି ବିପଦ-ଜନକ । ଅନେକ ଲୋକର କଷ୍ଟ ଓ ମୃତ୍ୟୁର କାରଣ ହୁଏ ସେ ।

ସ୍ତ୍ରୀ ଦୀର୍ଘ ନିଶ୍ୱାସ ପକାଇ କହିଲେ, ତୁମର ସାଙ୍ଗର

କୁଡ଼ିଏ ଗ୍ରାମ ମିଶି ଗୋଟିଏ ଥାନା, କେତେଗୁଡ଼ିଏ ଥାନା ମିଶି ହୁଏ ସବ୍‌ଡିଭିଜନ । କେତେଗୁଡ଼ିଏ ସବ୍‌ଡିଭିଜନ ମିଶି ଗୋଟିଏ ଜିଲ୍ଲା । କେତେଗୁଡ଼ିଏ ଜିଲ୍ଲା ମିଶି ଗୋଟିଏ ପ୍ରଦେଶ । କେତେଗୁଡ଼ିଏ ପ୍ରଦେଶ ମିଶି ହୁଏ ଗୋଟିଏ ଦେଶ । କେତେଗୁଡ଼ିଏ ଦେଶ ମିଶି ହୁଏ ଏକ ମହାଦେଶ । ଏପରି କେତେଗୁଡ଼ିଏ ମହାଦେଶ ମିଶି ପୃଥିବୀର ସ୍ଥୂଳଭାଗ ।

ମିମି ମୁହଁରେ ପାଠ ଲାଗିଛି ସତ, ମନ କିନ୍ତୁ ତା'ର ବଡ଼ ବାପାଙ୍କଠି ଓ ଶଙ୍କି ବିଲେଇଠି । ରାତି ଏଗାର ବାଜିଲାଣି । ବୋଉ ରୋଷେଇଶାଳରେ ଚୁଲ୍ଲୀ ମୂଳରେ ଶୋଇ ପଡ଼ିଛି । ମିମିକୁ ଖାଇବାକୁ ଡାକିବାକୁ ତାଙ୍କର ସାହସ ନାହିଁ । ଜୀବନ ବାବୁ ଏ ପର୍ଯ୍ୟନ୍ତ ଫେରି ନାହାନ୍ତି, ସେ ସେତେବେଳେ ବେଦ ଉପନିଷଦରୁ ଶ୍ଳୋକ ସବୁ ଉଦ୍ଧାର କରି ବୁଦ୍ଧିଶାଳୀଙ୍କର ସମାଜରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାରେ ଲାଗିଛନ୍ତି । ଆରପଟ ଘରେ ହିଦଳୁ ବାବୁ ଅଭୁକ୍ତ ବସିଛନ୍ତି । ମିମିର ପାଠ ସରିଲେ ସେ ଓ ତା'ର ଶଙ୍କି ତାଙ୍କ ସଙ୍ଗେ ବସି ଖାଆନ୍ତି । ଶଙ୍କି ଏ ପର୍ଯ୍ୟନ୍ତ ଖାଇ ନାହିଁ, ମ୍ୟାଉଁ ମ୍ୟାଉଁ ରଡ଼ି ଛାଡ଼ୁଛି । ମିମି ଖାଇବାକୁ ନ ବସିଲେ ସେ ଖାଏ ନାହିଁ ।

ମିମିର ମନ ବଡ଼ ବାପାଙ୍କଠି ଆଉ ଶଙ୍କିଠି । ତଥାପି ସେ ବୁଲାଇ ବୁଲାଇ ପାଠ ଘୋଷୁଛି । ବାପାଙ୍କ କଡ଼ା ଆଦେଶ, ସେ ନ ଫେରିବା ପର୍ଯ୍ୟନ୍ତ ମିମି ଯେପରି ପାଠ ଜାଗାରୁ ନ ଉଠେ । ସେ ଆଦେଶ ଅମାନ୍ୟ କରିବାକୁ କାହାରି ସାହସ ନାହିଁ । କିନ୍ତୁ ପାଠରେ ମନ ନ ଥିବାରୁ ମିମିର ସବୁ ଗୋଳେଇ ଗଲାଣି । ସେ ଗୋଳେଇ ଗୋଳେଇ କହି ଘୋଷୁଛି, କେତେଗୁଡ଼ିଏ ଦେଶ ମିଶି ହୁଏ ଗୋଟିଏ ଘର । ଘରେ ବାପା ଥାଆନ୍ତି । ମୋହର ଘରେ ବାପା ଥାଆନ୍ତି ତାଙ୍କୁ କହନ୍ତି ମହାଦେଶ, ସେଠି ଶଙ୍କି ଅଛି, ମୋତେ ଡାକୁଛି । ତା' ପରେ

ତା'ର ହଠାତ୍ ଖିଆଲ ହେଲା କଅଣ ହୁଏ ସେ ଉମ୍ବାଦ୍ ସିମ୍ବାଦ୍ କହୁଛି । ମେଞ୍ଜି ପଢ଼ି ସେ ଆଖି ଉଗାଢ଼ି ପୁଣି ପାଠ ମୁଖସ୍ଥ ହୋଇଛି କି ନା ବୁଝିବାକୁ ଯାଇ ନିଜକୁ ନିଜେ ପ୍ରଶ୍ନ ପଚାରି ଉତ୍ତର ଦେବାକୁ ଲାଗିଲା .... ହଁ..... ହଁ ..... କେତେଗୁଡ଼ିଏ ପୃଥିବୀ ମିଶି କଅଣ ହୁଏ ଟି ? କଅଣ ହୁଏ ଟି ?

ଏହାର ଉତ୍ତର ସେ ଦେଇ ପାରିଲା ନାହିଁ । ବ୍ୟସ୍ତ ହୋଇ ସେ ବହିର ପତ୍ରରେ ଓଲଟାଇବାକୁ ଲାଗିଲା । କେଉଁଠି ତା'ର ଉତ୍ତର ପାଇଲା ନାହିଁ ।

ହୃଦନ୍ଦ ବାବୁ କାନ ପାରି ସବୁ ଶୁଣୁଥାନ୍ତି । ମୁରୁକି ମୁରୁକି ହସୁଥାଆନ୍ତି ; କିନ୍ତୁ ଆଖିରେ ତାଙ୍କର ଲୁହ ।

ଏହି ସମୟରେ ଶୁଭିଲା ଗର୍ଜନ, ମିମି ଏଇ ତୋର ପାଠ ? ଜୀବନ ବାବୁ କେତେବେଳୁ ଦ୍ୱାରରେ ଛିଡ଼ା ହୋଇ ମିମିକୁ ଲକ୍ଷ୍ୟ କରୁଛନ୍ତି, କାହାରିକୁ ଜଣା ନାହିଁ ।

ହୃଦନ୍ଦ ବାବୁ ଓ ମିମିର ଛାତିରୁ ଅଦଗ ଖସି ପଡ଼ିଲା । ହୃଦନ୍ଦ ବାବୁ ସବୁ ବାଧା ଏଡ଼ି ଦେଇ ଦୌଡ଼ି ଆସି ଛିଡ଼ା ହେଲେ ମିମି ପାଖେ ।

ଜୀବନ ବାବୁ ଥରେ ତରାଟି ତାଙ୍କୁ ଚାହିଁ ମିମି ପାଖରୁ ବହି ଛଡ଼ାଇ ଦେଇ ପଚାରିଲେ, କହ, ଗାଁ, ଥାନା, ସବ୍‌ଡିଭିଜନ, ଜିଲ୍ଲା, ପ୍ରଦେଶ, ଦେଶ, ମହାଦେଶ କାହାକୁ କହନ୍ତି ।

ମିମି କେବଳ ଜଳଜଳ କରି ଚାହିଁଲା । ମନେ ତା'ର କିଛି ନାହିଁ । ସେ ସବୁ କଅଣ ସେ ବୁଝି ବି ପାରିଲା ନାହିଁ । ମଝିରେ ମଝିରେ ସେ କଟେଇ କଟେଇ ବଡ଼ ବାପାଙ୍କ ଆଡ଼େ ଚାହିଁ ଥାଏ । ସେ ଚାହାଁଣି ଜୀବନ ବାବୁଙ୍କୁ ଉତ୍‌କ୍ଷିପ୍ତ କରି ଦେଲା । କ୍ରୋଧରେ ସେ ବହିଟି ଫୋପାଡ଼ିଲେ ମିମି ଉପରକୁ । ଆଖିପତାରେ ବହି ବାଜିଲା । ମିମି- ଯନ୍ତ୍ରଣାରେ ଚିତ୍କାର କରି ଉଠିଲା । ମିମି ବୋଉ ଧଡ଼ପଡ଼ କରି

ଉଠି ବସି ଦୀର୍ଘ ନିଃଶ୍ୱାସ ପକାଇଲେ । ହୃଦାନନ୍ଦ ବାବୁ ମିମିକୁ କୋଳକୁ ଉଠାଇ ନେଇ ଚାଲିଲେ ନିଜ ବଖରାପଟକୁ । ଜୀବନ ବାବୁ ତାଙ୍କ କୋଳରୁ ମିମିକୁ ଛଡ଼ାଇ ଆଣି ଉଚେଲ କାତୁଡ଼ି ଦେଇ ଦୁଇଗୋଡ଼ ଫାଙ୍କ କରି ତା ପାଖରେ ଛିଡ଼ା ହେଲେ ।

ହୃଦାନନ୍ଦ ବାବୁ ହୃଦୟଙ୍ଗମ କଲେ, ବର୍ତ୍ତମାନ ବାଧା ଦେଲେ ଜୀବନ ବାବୁଙ୍କ ମିମି ଉପରେ ଅତ୍ୟାଚାର ବଢ଼ିଯିବ ଏବଂ ରାଗ ଯାଇ ପଡ଼ିବ ମିମି ଉପରେ । ତେଣୁ ସେ ମିମିକୁ କୋଳକୁ ଆଉଜାଇ ନେଇ କହିଲେ, ଆଚ୍ଛା! ତୁ ଦେଖିବୁ ମୁଁ ତାକୁ ଦଶ ମିନିଟରେ ସବୁ ପାଠ କରାଇ ଦେଉଛି ।

ମିମି ସାହସ ପାଇ ବହିଟି ଖୋଲି ବଡ଼ ବାପାଙ୍କ କୋଳକୁ ଆଉଜି ବସିଲା । ଜୀବନ ବାବୁ ରାଗରେ ଗର ଗର ହୋଇ ସେମିତି ଛିଡ଼ା ହୋଇ ରହିଲେ ।

ହୃଦାନନ୍ଦ ବାବୁ ପଢ଼ାଇବାକୁ ଲାଗିଲେ; କିନ୍ତୁ ମିମିର ଲାଗିଗଲା ଗୋଟାଏ ଖେଳ, ପ୍ରଶ୍ନର ଖେଳ । ସେ ପଚାରିଲା, ଆଚ୍ଛା ଦେବେ, ବଡ଼ ବାପା କହିଲ କେତେଗୁଡ଼ିଏ ପୃଥିବୀ ମିଶି କଅଣ ହୁଏ ।

ହୃଦାନନ୍ଦ ବାବୁ ବଲ ବଲ କରି ଚାହିଁଲେ କିଛି କ୍ଷଣ । ତା'ପରେ କହିଲେ, ଏମିତି କେତେଗୁଡ଼ିଏ ପୃଥିବୀ ଭଳିଆ ଗ୍ରହ ମିଶି ହୁଏ ସୌର ଜଗତ । ଏମାନେ ସୂର୍ଯ୍ୟ ଚାରିପଟେ ଚକାଭଉଁରୀ ଖେଳି ଥାଆନ୍ତି ।

ମିମି ପୁଣି ପଚାରିଲା, କେତେଗୁଡ଼ିଏ ସୌର ଜଗତ ମିଶି କ'ଣ ହୁଏ ? ପ୍ରଶ୍ନ ପଚାରି ସେ, ବଡ଼ ବାପାଙ୍କ ମୁହଁ ସାମନାରେ ହାତ ହଲାଇ କହିଲା, କହ ତ ପା-ରି-ବ-ନା-ହିଁ ଆ-ଆ-ଆ-ଉ । କହି ସେ ବଡ଼ ବାପାଙ୍କ ଅପାରଗତାରେ ମୁଗ୍ଧ ହୋଇ ଆନନ୍ଦରେ ବଡ଼ ବାପାଙ୍କ କୋଳରେ ଗଡ଼ି ଗଲା ।

ହୃଦାନନ୍ଦ ବାବୁ ; କିନ୍ତୁ ଉତ୍ତର ଦେଲେ । ଆଖି ତାଙ୍କର ଢୁଳ

ଥିଲା । ସେ କହିଲେ, ମା, କୃଷ୍ଣ ଯେତେବେଳେ ସାନ ପିଲାଟିଏ, ଦିନେ ସେ ଗୁରୁଚ୍ଛି ଗୁରୁଚ୍ଛି ଧୂଳି ମାଟି ଖାଉଥିଲେ, ଯଶୋଦା କୃଷ୍ଣଙ୍କୁ ମାଟି ଖାଉଥିବାର ଦେଖି ତାଙ୍କୁ ଧରି କହିଲେ " ଆଁ କର ପାଟି, ଆଁ କର ।" ଭଗବାନ ଆଁ କରି ଦେଲେ । ଯଶୋଦା ତ ଦେଖି ବାଇ । କଅଣ ଦେଖିଲେ ? ତା'ର ଉତ୍ତରରେ ହୃଦୟ ବାବୁ ଗାଇଲେ "କୋଳରେ ଥାଇ ଯେ ମାରଇ ପୁତ୍ର ତୁଣ୍ଡ, ତୁଣ୍ଡରୁ ଦିଶିଲା ଅଯୁତ ବ୍ରହ୍ମାଣ୍ଡ, ଲୋ କୋଳରେ" । ପୁଣି ଗାଇଲେ " ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ତା ପ୍ରତି ଲୋମେ ବିରାଜଇ" ।

ଆଖି ପୋଛି ମିମିଙ୍କୁ ଚୁମ୍ବନ ଦେଇ କହିଲେ, ମା ତୁ ମୋର ପ୍ରଶ୍ନ କଲୁ ଏ ଭୂଗୋଳ ନୁହେଁ, ଖଗୋଳ । ଏ ଜଗତେ ସବୁ ସୃଷ୍ଟି ହୋଇଛି, ପରମାଣୁଠାରୁ ଆରମ୍ଭ କରି କୋଟି କୋଟି ମହା ମହା ସୂର୍ଯ୍ୟ ପର୍ଯ୍ୟନ୍ତ, ସବୁ ମିଶି ରହିଛନ୍ତି ସେ ।

ସୂକ୍ଷ୍ମଠାରୁ ସୂକ୍ଷ୍ମତର ଏବଂ ବିଶାଳଠାରୁ ବିଶାଳତର ସେ ପ୍ରତ୍ୟେକ ଜୀବ ଓ ବସ୍ତୁ ମଧ୍ୟରେ ଅଛନ୍ତି । ନିଷ୍କାମ ବ୍ୟକ୍ତି ତାଙ୍କୁ ଦର୍ଶନ କରି ଶୋକାତୀତ ହୁଅନ୍ତି । ମା, କେ କହି ପାରିବ ତା କଥା !

ଜୀବନ ବାବୁ ବାଧା ଦେଇ କହିଲେ, ଆପଣ ଯେ ଧର୍ମ ଧର୍ମ କଥା କହନ୍ତୁ ନାହିଁ । ସେ ସବୁ ଚୀଜ କଥାରେ ପାଦ ପ୍ରବେଶ କରାଇବା ମୋର ଯୋଜନା ନୁହେଁ । ଯୋଜନା-ଆ-ଆ । ପ୍ରତ୍ୟେକ କାମ ପାଇଁ ଦରକାର ଯୋଜନା ।

ହୃଦୟ ବାବୁ ହସିଲେ । କହିଲେ, ଆରେ ପ୍ରତ୍ୟେକ ଜୀବର ଏକମାତ୍ର ଉଦ୍ଦେଶ୍ୟ ସେଇ ବିରାଟ ପ୍ରତି ଆକୃଷ୍ଟ ହେବା । ଧର୍ମ ଈଶ୍ୱର ନୁହେଁରେ, ଈଶ୍ୱର ପ୍ରାପ୍ତିର ଗୋଟିଏ ପନ୍ଥା । ସେ ପନ୍ଥାରେ ଯେତେବେଳେ ଗ୍ଲାନି ଜାତ ହୁଏ ବା ସେ ପନ୍ଥା ଯେତେବେଳେ ଈଶ୍ୱର ଆଡ଼କୁ ନ ଯାଇ ଅନ୍ୟ ଆଡ଼କୁ ଗତି କରେ ସେତେବେଳେ ମଣିଷ ହୁଏ ମଣିଷଖିଆ ରାକ୍ଷସ । ସେତେବେଳେ ଭଗବାନ ନିଜେ

ଅବତୀର୍ଣ୍ଣ ହୁଅନ୍ତି ସେ ପାପୀଙ୍କୁ ସଜାଡ଼ିବାକୁ । ସେ ସଜାଡ଼ିବାର ପନ୍ଥା ହେଉଛି ଧ୍ୱଂସ । ଧ୍ୱଂସ ପରେ ପୁଣି ହୁଏ ସୃଷ୍ଟି । ସେ ପର ଏମିତି କେତେ ଯୋଜନା ଗଲାଣି, ଧର୍ମ ଚାଲୁଛି ତା ଗତିରେ, ସଦା ଜାଗ୍ରତ ଈଶ୍ୱର ।

ମିମି ଏବେ ସବୁ କିଛି ବୁଝିଲା ନାହିଁ । ସେ ତା'ର ବନ୍ଦ ଝାପାର ଫାଙ୍କରେ ମୁହଁ ଲୁଚାଇ ରଖିଲା ।

ଧରିତ୍ରୀ ଓ ଧରିତ୍ରୀ

କାମାଚରଣ ମିତ୍ର

ଏଇ ସେଇ ସର୍ବଂସହା ଧରିତ୍ରୀ । କବିମାନେ ଯାହାଙ୍କୁ ନାରୀରୂପରେ କଳ୍ପନା କରନ୍ତି । ଯାହାର ସ୍ତନ-ଯୁଗ ପର୍ବତଙ୍କ କୁଚ ସହିତ ତୁଳନା କରାଯାଇଛି । କୋଟି କୋଟି ବର୍ଷ ବୟସ ହେଲେ ବି ସେ ଚିରଯୌବନା । ସେ ନିରଳସ ଭାବରେ ଚରକି ଭଳି ବୁଲି ଚାଲିଛି । ପ୍ରସବ କରି ଚାଲିଛି କୋଟି କୋଟି ପ୍ରାଣୀ । କେତେ ଅଦ୍ଭୁତ ପ୍ରକାର ସନ୍ତାନ ! କୋଟି କୋଟି ସନ୍ତାନ ଯାହାଙ୍କ ଦିବାରାତ୍ର ଦୋହନ କରୁଛନ୍ତି ।

ପାଣ୍ଡବ ବଂଶାବତଂସ ରାଜା ପରୀକ୍ଷିତଙ୍କ ରାଜତ୍ୱ କାଳରେ ଏଇ ଧରିତ୍ରୀ ଏକଦା ହତପ୍ରଭା ଓ ଅଶ୍ରୁମୁଖୀ ହୋଇ ବିଚରଣ କରୁଥିବାର ଦେଖି ଧର୍ମ ପଚାରିଲେ, ଭଦ୍ରେ ! ତୁମର ମଳିନ-ପ୍ରଭା ଓ ବିବର୍ଣ୍ଣ ମୁଖଶ୍ରୀ ଦେଖି ବୋଧ ହେଉଛି ତୁମେ କୌଣସି ମହତୀ ମନଃପୀଡ଼ାରେ ନିପୀଡ଼ିତ । ଏହାପରେ ତୁମଙ୍କୁ କାମାନ୍ଧ ଉନ୍ମାଦ କ୍ଷମତାଲୋଭୀ ହିଂସ୍ରକମାନେ ଭୋଗ କରିବେ ଏବଂ ତଥାକଥିତ ପଣ୍ଡିତ ବୈଜ୍ଞାନିକମାନେ ସେ ଉନ୍ମାଦମାନଙ୍କର ଭୃତ୍ୟ ହୋଇ ତୁମର ବହୁ ସନ୍ତାନର ବାରମ୍ବାର ଦୁଃଖର ଓ ବିନାଶର କାରଣ ହେବେ, ସେଥିପାଇଁ କ'ଣ ତୁମେ ଶୋକ କରୁଛ ? ଆତ୍ମ-ସମ୍ମୋହିତ ଶାସକମାନେ ଜନମଙ୍ଗଳ, ଶାନ୍ତି, ଆଦର୍ଶର ଦୋହାଇ ଦେଇ ଅନ୍ୟମାନଙ୍କୁ ଶୋଷଣ କରି ନିଜର ପାଶବିକ ଲାଳସା ଚରିତାର୍ଥ କରିବେ, ସେଥିପାଇଁ କ'ଣ ତୁମେ ଉଦ୍‌ବିଗ୍ନ ? ସମସ୍ତେ ପରସ୍ପର ବିନାଶକୁ ହିଁ ପ୍ରାଧାନ୍ୟ ଦେଇ ଉତ୍ତମ କାର୍ଯ୍ୟ ବୋଲି ପ୍ରଚାର କରିବେ, ସେଥିପାଇଁ କ'ଣ ତୁମେ ଚିନ୍ତିତ ? ଯେଉଁ ମନୁଷ୍ୟ-ସନ୍ତାନମାନଙ୍କୁ ତୁମର ଶ୍ରେଷ୍ଠ ସୃଜନ ବୋଲି ଭାବି ତୁମେ ଗର୍ବ ଅନୁଭବ କରୁଥିଲ ସେମାନେ ଦିନକୁ ଦିନ ହୀନବୁଦ୍ଧି ହୋଇ

ଏବଂ ନିଜନିଜର ସ୍ୱାର୍ଥପରେ ମୁଗ୍ଧ ହୋଇ ପରସ୍ପରଙ୍କୁ ବିନାଶ କରି ଓ ତୁମ୍ଭ ପ୍ରତି ନାନା ଅତ୍ୟାଚାର କରି ଦିନେ ତୁମ୍ଭର କୋଳରୁ ନିଶ୍ଚିହ୍ନ ହୋଇଯିବେ , ସେଇଥି ପାଇଁ କ'ଣ ତୁମ୍ଭେ ଲଜ୍ଜିତା ଓ ଅପମାନିତା ? ତୁମ୍ଭେ ପ୍ରଚୁର ରତ୍ନ ଓ ଖାଦ୍ୟ ଉତ୍ପାଦନ କରୁଥିଲେହେଁ ଲୋଭୀମାନେ ସେ ସବୁକୁ ଲୁକ୍କାୟିତ କରି ଅଯଥା ନଷ୍ଟ କରି ତୁମ୍ଭର କୋଟି କୋଟି ସନ୍ତାନଙ୍କୁ ଅନାହାରରେ ରଖି ଦୁର୍ଭିକ୍ଷ ସୃଷ୍ଟି କରିବେ ଏବଂ ରାଜା ଓ ରାଜକର୍ମଚାରୀମାନେ ସେ ଲୋଭୀମାନଙ୍କୁ ସାହାଯ୍ୟ କରି ନିଜର ଘର ବଢାଇବାରେ ଲାଗିବେ ଓ ଶେଷରେ ସମୂଳ ବିପ୍ଳବରେ ନାଶ ଯିବେ ସେଇଥିପାଇଁ କଅଣ ତୁମ୍ଭେ ମର୍ମାହତା ? ଯେଉଁ ଜ୍ଞାନ ବିଜ୍ଞାନ ସାହାଯ୍ୟରେ ମନୁଷ୍ୟ ଦିନେ ପରମପୁରୁଷଙ୍କ ପ୍ରତି ଆକୃଷ୍ଟ ହୋଇ ଶାନ୍ତି ସାମ୍ୟ ଲାଭ କରିଥିଲା , ସେଇ ଜ୍ଞାନକୁ ଦିନେ ମନୁଷ୍ୟମାନେ ପରସ୍ପର ବିନାଶ ପାଇଁ ବିନିଯୋଗ କରିବେ ଓ ଭଗବାନଙ୍କୁ ଭୀତ ମାନବର କଳ୍ପନା ବୋଲି ଭାବିବେ ସେଇଥିପାଇଁ କଅଣ ତୁମ୍ଭେ ବ୍ୟଥିତା ? ଧରିତ୍ରୀ କୌଣସି ଉତ୍ତର ନ ଦେଇ ଅଧୋମୁଖୀ ହୋଇ ନୀରବରେ ଅଶ୍ରୁ ବିସର୍ଜନ କରିବାକୁ ଲାଗିଲେ !

ଆଜି ଏଇ ସେଇ ଧରିତ୍ରୀ । କାମଦେବଙ୍କ ସ୍ତ୍ରୀ । ତାହାଙ୍କୁ ଅନେକ ଧରିତ୍ରୀ ସହିତ ତୁଳନା କରନ୍ତି । ତାହାଙ୍କ କୁଚ - ଯୁଗଳକୁ ପର୍ବତ ସହିତ ତୁଳନା ମଧ୍ୟ କରନ୍ତି । ବୟସରେ ସିଏ ପ୍ରୌଢ଼ା ହେଲେ ବି ଏ ପର୍ଯ୍ୟନ୍ତ ଯୁବତୀ ଓ ସୃଜନକ୍ଷମା । ସିଏ ସକାଳୁ ରାତି ଦୁଇଟା ପର୍ଯ୍ୟନ୍ତ ନିରଳସ ଭାବରେ ଚରକି ଭଳି ବୁଲି କାମ କରୁଥାନ୍ତି । ତାହାଙ୍କର ଏ ପର୍ଯ୍ୟନ୍ତ ବି କୋଳରେ ଗୋଟିଏ ସନ୍ତାନ ସ୍ତନ୍ୟପାନ କରୁଛି , ଦୋହନ କରୁଛି । ସିଏ ବାରୋଟି ସନ୍ତାନର ଜନନୀ ହୋଇ ମଧ୍ୟ ପୁଣି ଗର୍ଭବତୀ ।

ରାତି ପ୍ରାୟ ଦୁଇଟା । ଧରିତ୍ରୀର କେତେକ ସନ୍ତାନ ଗୋଟିଏ ବିରାଟ ମାରଣାସ୍ତ୍ର ନେଇ ବୁଲୁଛନ୍ତି ନୀରବରେ । ମାରଣାସ୍ତ୍ରର ପରୀକ୍ଷା

ହେବ ପୃଥିବୀର ସମୁଦ୍ର-ବକ୍ଷରେ । ବ୍ୟୋମଯାନରୁ ମାରଣାସ୍ତ୍ର ନିକ୍ଷେପ କରାଗଲା । ଭୀଷଣ କଡ଼ କଡ଼ ଶବ୍ଦରେ ପୃଥିବୀର ବକ୍ଷ ଆଲୋଡ଼ିତ ହେବାକୁ ଲାଗିଲା । ଗଭୀର ବେଦନାରେ ପୃଥିବୀ କମ୍ପି ଉଠିଲେ । ନୀଳାକାଶ ସହସ୍ର, ସହସ୍ର ବିସ୍ଫାରିତ ନୟନରେ ଅନାଇ ରହିଲେ । ଏ ମାରଣାସ୍ତ୍ର ଏକ ଲହମାରେ କୋଟି କୋଟି ମନୁଷ୍ୟ ବିନାଶ କରି ପାରିବ । ଯୋଉଁ ଦେଶର ସେ ମାରଣାସ୍ତ୍ର ସେ ଦେଶର ରାଷ୍ଟ୍ରପତି ଆନନ୍ଦରେ, ଗର୍ବରେ ସାମ୍ବାଲନ ବକ୍ତୃତା ଦେବାକୁ ଲାଗିଲେ । ପୃଥିବୀର ଆଉ ଏକ ବୁକୁରେ ଦୁର୍ବଳ ସନ୍ତାନମାନଙ୍କ ଉପରେ ହିଂସ୍ର ପାଶବିକ ମନୁଷ୍ୟ - ସନ୍ତାନମାନେ ଆଦର୍ଶର ଦୋହି ଦେଇ ଶୋଷଣ ଓ ହତ୍ୟାରେ ବ୍ୟାପୃତ ହେଉଥିଲେ ।

ପୃଥିବୀର ଆଉ କେତେ ଗୁଡ଼ିଏ ସନ୍ତାନ କେଉଁଠି ଚିତ୍କାର କରି ଘୋଷଣା କରିବାକୁ ଲାଗିଲେ, ହୁଆ, ହୁଆ, ହତ୍ୟା ହୁଆ, ହତ୍ୟା ହୁଆ ....

ପୃଥିବୀ କଡ଼ ଲେଉଟାଇଲେ । ସେ ନିଜେ ଲେଉଟିଲେ ନାହିଁ, କାମଦେବ ତାଙ୍କୁ ଜବରଦସ୍ତ ଲେଉଟାଇ ଦେଲେ ନିଜ ଆଡ଼କୁ । ପୃଥିବୀଙ୍କ ଆର କଡ଼ରେ କୋଳ-ଛୁଆଟି ନିଘୋଡ଼ ନିଦରେ ଶୋଇଛି ; କିନ୍ତୁ ମୁହଁ ତା'ର ଲାଗି ରହିଛି ସ୍ତନାଗ୍ରରେ । ପୃଥିବୀ ସ୍ୱସ୍ତିରେ ଶୋଇବା ପାଇଁ ଟିକିଏ ହଲଚଲ ହେବା ମାତ୍ରକେ ସେ ଚେଇଁ ଉଠି ଜୋରରେ ସ୍ତନକୁ ଲାଖୁଟି ଧରି ସବେଗେ ଦୋହନ କରି ଯାଉଛି କିଛିକ୍ଷଣ ଧରି । କାମଦେବ ଅନେକ କ୍ଷଣ ଧରି ଅପେକ୍ଷା କରିଥିଲେ । ବିରକ୍ତ ହୋଇ ଶେଷରେ ସେ ନିଜ ବିତୃଷ୍ଣାକୁ ନେଇ ପୃଥିବୀର ଗୋଟିଏ କଡ଼ରେ ଶୋଇଲେ । ଅପେକ୍ଷା କରି ରହିଥିଲେ କେତେବେଳେ ଛୁଆଟା ସ୍ତନ୍ୟପାନ ଛାଡ଼ିଲେ ସେ ପୃଥିବୀକୁ ନେବେ । ଶୋଇ ଶୋଇ ସେ ପୃଥିବୀକୁ ଉପଭୋଗ କରିବାର ନାନା କଳ୍ପନା କରୁଛନ୍ତି । ପୃଥିବୀର ଗୋଟିଏ ପଟରେ ଛୁଆଟି ଦୋହନ କରି ଚାଲିଛି

ଓ ଅନ୍ୟପଟରେ ଚୁଆ ବସିଅଛନ୍ତି, କାମଦେବ ମଧ୍ୟ ଯୋଉଥି ପାଇଁ ।

କାମଦେବ କହିଲେ ରୋଗରେ, "ତୁମକୁ ସେ ଦୁହିଁ ଦୁହିଁ ଦୁର୍ବଳ କରିଦେବ, ସବୁ ରକ୍ତ ଶୋଷିଦେବ ସେ ତୁମର ।"

ପବିତ୍ରୀ ମ୍ଳାନ ଭାବରେ ହସି କହିଲେ, ଆଉ ତୁମେ କାହିଁକି ଅଛିଲ ମୋ ପିଲାଙ୍କୁ ! ଯେତିକ ହୋଉଛନ୍ତି ସେତିକ ତ ମଣିଷ ହେଉ ନାହାନ୍ତି ...

କାମଦେବ ରାଗିଯାଇ କହିଲେ, ସେ ନୀଚ କଥାଗୁଡାକ ଆଉ ଶୁଣାଅ ନାହିଁ ତମେ । କିଏ ପିଲା ଛୁଆ ହେଉଛନ୍ତି କିଏ ବଞ୍ଚିବେ ସେ କଥା ! ତୁମେ କିଏ ନା ମୁଁ କିଏ ? ସେଥିପାଇଁ ତୁମେ ଚିନ୍ତା କର ନା ।

ଚୁଆଟି ଶୋଇ ପଡ଼ିଲାଣି । କାମଦେବ ନିଜକୁ ଭାଗ୍ୟବାନ୍ ମନେ କଲେ, ଚୁଆଟା ଆଜି ସହଜରେ ପବିତ୍ରୀଙ୍କୁ ଛାଡ଼ି ଦେଇଛି ! କାମଦେବ ପବିତ୍ରୀଙ୍କୁ ଭିଡ଼ି ଆଣିଲେ ନିଜ ଆଡ଼କୁ । ପବିତ୍ରୀ ପ୍ରତିବାଦ ନ କରି ପଡ଼ି ରହିଲେ କାଠ ଖଣ୍ଡ ପରି ଦେହକୁ କାଠ କରି । ସେ ଜାଣନ୍ତି, କେତେ ଥର ଦେଖିଛନ୍ତି ଧାରଣା କଲେ କାମଦେବ ଉଦ୍‌କ୍ଷିପ୍ତ ହୋଇ ଉଠନ୍ତି । ଚୁଆଟି ଇତି ମଧ୍ୟରେ ଉଠି ପଡ଼ି କରୁଣାକ୍ଷ ନିର୍ବାକ୍ ଭାବରେ ଚାହିଁ ପବିତ୍ରୀର ବୁକୁ ଉପରକୁ କୁଦି ପଡ଼ିଲା । ଅଗତ୍ୟା କାମଦେବ ପୁଣି ଅପେକ୍ଷା କରିବାକୁ ଲାଗିଲେ । ଚୁଆଟି ବୁକୁ ଉପରୁ ଖସି ଯାଇ ପବିତ୍ରୀଙ୍କୁ ଟେଲିଦେଇ ଦେଲା ତା ପଟକୁ ଓ ସ୍ତନ୍ୟ ପାନ କରିବାକୁ ଲାଗିଲା ।

ପବିତ୍ରୀର ଏକ ସ୍ତନରୁ କୁଳୁ କୁଳୁ ନାଦରେ ଝରଣା ବୋହି ଯାଉଛି । ଚିତ୍ରିଚରମାନେ ଅଡ଼ି ଅଡ଼ି ହୋଇ ତାହାର କୂଳରେ ବସି ଆନନ୍ଦରେ ପାନ କରୁଛନ୍ତି । ଗୋଟାଏ ପଥରକଟା ଠିକାଦାର ସେ ସ୍ତନର ଅନ୍ୟ ପଟେ ବାରୁଦ ପୁରାଇ ଗୁଡ଼ୁମ ଗୁଡ଼ୁମ କରି ଫାଟାଉଛି, ଫଟାଉଛି ସେ ସ୍ତନକୁ । ପବିତ୍ରୀ କାନ୍ଦି ଉଠୁଛି

ବାରମ୍ବାର । ଠିକାଦାର ଏ ସ୍ତନଟିକୁ ଠିକା ଦେଇଛି । ଅଳ୍ପଦିନ ଭିତରେ ସେ ଏ ସ୍ତନକୁ ଧରିତ୍ରୀର ବକ୍ଷ ସହିତ ମିଶାଇ ଦେବ । ବହୁତ ଅର୍ଥ ଉପାର୍ଜନ କରିବ ସେ । ମହା ଉତ୍ସାହରେ ସେ ଦିନ ରାତି ଲାଗିଛି କାମରେ । ଆଉ ଏକ ଠିକାଦାର ପ୍ରକାଣ୍ଡ ଉଅଂର ଦ୍ୱାରା ଧରିତ୍ରୀର ବକ୍ଷର ନାନା ସ୍ଥାନରେ ଗାତମାନ ଖୋଳି ରସ ଅନ୍ୱେଷଣରେ ବ୍ୟସ୍ତ । ଧରିତ୍ରୀର ବକ୍ଷତଳେ ଗୋଟେ ରସ ଅଛି, ସେ ଶୋଷି ନେବ ।

ଝିଲ୍ଲୀମାନେ ପୁଣି ହୁଙ୍କାର କରି ଉଠିଲେ, ହତ୍ୟା ହତ୍ୟା...

କାମଦେବ ଆଉ ଅପେକ୍ଷା କରି ପାରିଲେ ନାହିଁ । ପୁଣି ସେ ଜବରଦସ୍ତି ଧରିତ୍ରୀଙ୍କୁ ଶୋଇଦେଲେ ନିଜ ପାଖକୁ । ଦୁଇଟି କିଛି କ୍ଷଣ ଦୋହନ କଲା ପରେ ତୃପ୍ତିର ସହିତ ଚାହାଁଇ ପଡ଼ିଲି । ଅଳ୍ପକ୍ଷଣ ଭିତରେ ତା'ର ତୃପ୍ତି ଗୁଲ୍ଲାଇ ପୁଣି ବୁଭୁକ୍ଷା ଜାତ ହେବ ! ଏଥର କାମଦେବ ଶୀଘ୍ର ଶୀଘ୍ର କ୍ରୀଡ଼ା କରିବାକୁ ଲାଗିଲେ । ଧରିତ୍ରୀଙ୍କୁ ପ୍ରଲୋଭନ ଦେବାକୁ ଲାଗିଲେ, ଗହଣା ଦେବେ, ଭଲ ଶାଢ଼ୀ ଦେବେ । ଧରିତ୍ରୀ ପଡ଼ି ରହିଲେ ସେମିତ ନିଶ୍ଚଳ ନିସ୍ପନ୍ଦିତ ନୟନରେ ଉପରକୁ ଚାହିଁ । କାମଦେବଙ୍କ ଗହଣା ଶାଢ଼ୀ ଦେବା କଥା ଶୁଣି ମ୍ଲାନ ଭାବରେ ଟିକିଏ ହସିଲେ କେବଳ । ନିଜ କ୍ରିୟାର ଅନୁରୂପ ପ୍ରତିକ୍ରିୟା ପାଇଁ ଧରିତ୍ରୀଙ୍କୁ ପ୍ରଲୋଭନ ଦେବା କାମଦେବଙ୍କର ବ୍ୟର୍ଥ ହେବାରୁ ସେ ମନେ ମନେ ରାଗି ଗଲେ ଓ ହିଂସ୍ର ଭାବରେ ଉପଭୋଗ କରିବାକୁ ଲାଗିଲେ ।

ଧରିତ୍ରୀର ବକ୍ଷରେ ଗୋଟାଏ ଭୂଗର୍ଭ ବୋମା ପୋତା ହେଉଛି । ଏକ ଜାମାନି ହିଂସ୍ର ଜନନାୟକ (?) ସେ ମାରଣାସ୍ତ୍ରର କ୍ଷମତା ପରୀକ୍ଷା କରୁଛି । ତଥାକଥିତ ବୈଜ୍ଞାନିକମାନେ ଉପସ୍ଥିତ ଥାଇ ନିର୍ଦ୍ଦେଶ ଦେଉଛନ୍ତି । ଧରିତ୍ରୀ ପୁଣି ଥରେ କମ୍ପି ଉଠିଲେ । କମ୍ପି ଉଠିଲେ ବସୁମତୀ ଜନନୀ ! ବୈଜ୍ଞାନିକମାନେ ପାରମାଣବିକ ଯନ୍ତ୍ରରେ

ସେ ଜୀବନର କ୍ରମ ଓ ପରିଣାମ ଦେଖି ଉଲ୍ଲସିତ ହୋଇ ନୃତ୍ୟ କରିବାକୁ ଲାଗିଲେ । ପୃଥିବୀର ଆଉ ଏକ କୋଣରେ ଘର୍ଷଣ ଚାଲିଛି ଖାଦ୍ୟ ପାଇଁ ।

ପୃଥିବୀର କୋଣର ଏକ ନିଭୃତ କନ୍ଦରରେ ଏକ ସନ୍ନ୍ୟାସୀ ବସିଛନ୍ତି ଚିନ୍ତାକୁଳ ଭାବରେ । ଏ ସନ୍ତାନଟି କଅଣ ଚାହେଁ ? ଏ ସନ୍ତାନଟି କବି ଦାର୍ଶନିକ । ବୈଜ୍ଞାନିକମାନେ ପୃଥିବୀକୁ ଜଡ଼ ବସ୍ତୁପିଣ୍ଡ ବୋଲି ପ୍ରମାଣ କରିବା ସତ୍ତ୍ୱେ ଏ ସନ୍ତାନଟି ପୃଥିବୀକୁ ପ୍ରାଣବନ୍ତ ରୂପେ ସ୍ପଷ୍ଟ ଦେଖି ପାରୁଛି । ତାଙ୍କ ମତରେ ଜଡ଼ରୁ କେବେହେଁ ଜୀବନ ସୃଷ୍ଟି ହୋଇ ପାରେ ନା, ଜୀବନରୁ ହିଁ ଜୀବନ ସୃଷ୍ଟି ହୁଏ । ପ୍ରତ୍ୟେକ ଧୂଳି କଣାରେ ମଧ୍ୟ ଜୀବନ ଅଛି । ପୃଥିବୀ ଓ ପୃଥିବୀର ସନ୍ତାନମାନଙ୍କ ଦୁଃଖରେ ଏ ସନ୍ତାନଟି କାତର । ସେ ଚିନ୍ତା କରୁଛି ଦୁଃଖ ମୋଚନର ପନ୍ଥା, ଧର୍ମ ଦର୍ଶନ ମତ ଆଦି ବର୍ତ୍ତମାନ ହିଂସାର ଅସ୍ତ୍ର ହୋଇଛନ୍ତି, ମନୁଷ୍ୟମାନେ ସେ ସବୁର ଦୁହାଇ ଦେଇ ପରସ୍ପରକୁ ହତ୍ୟା ଓ ଶୋଷଣ କରିବାରେ ଲାଗିଛନ୍ତି । ଏକ ମନୁଷ୍ୟ ବା ଦେଶ କେବଳ ନିଜର ସ୍ୱାର୍ଥ ଓ ପ୍ରତିଷ୍ଠା ଚିନ୍ତା କରୁଥିବାରୁ ସେ ସର୍ବଦା ଭୀତ ଏବଂ ସେହି ଭୟରୁ ଜାତ ହୋଇଛି ହିଂସା, ହିଂସ୍ରତା । ତେଣୁ ସାମାନ୍ୟ ସମସ୍ୟା ମଧ୍ୟ ଭୟାବହ ଆକାର ଧାରଣ କରୁଛି । ଯାହା ସହଜରେ ତୁଟିଯିବା କଥା ତାକୁ ବଢ଼ାଇ ଦେଉଛି । ସମସ୍ୟା ଗୁଡ଼ିକ ଭୟାବହ ଆକାର ଧାରଣ କରୁଛନ୍ତି ଏବଂ ଯୁଦ୍ଧ ଛଡ଼ା ସମାଧାନର ଅନ୍ୟ ପନ୍ଥା ନାହିଁ ମନେ ହେଉଛି । ଏ ଭୟ, କାମ, କ୍ରୋଧ, ଲୋଭ ସୃଷ୍ଟିକର୍ତ୍ତା ମନୁଷ୍ୟ ମନରେ ଦେଇଛନ୍ତି ସତ, କିନ୍ତୁ ସେ ସବୁକୁ ବିଶ୍ଳେଷଣ କରି ଆତ୍ମଜ୍ଞାନ ଲାଭ କରିବାର ଶକ୍ତି ମଧ୍ୟ ଦେଇଛନ୍ତି । ତେଣୁ ସେ ସବୁର ଦାୟିତ୍ୱ ମାନବିକତା । ବିରାଟ ପ୍ରତି ଆକୃଷ୍ଟ ହେଲେ ମନୁଷ୍ୟ କେବଳ ନିଜର ପ୍ରତିଷ୍ଠା ପାଇଁ ହିଂସ୍ର ହୁଅନ୍ତା ନାହିଁ,

ନିଜର ଅର୍ଥ, ଯଶ, ପ୍ରତିଷ୍ଠା ପ୍ରଭୃତି ପାଇଁ ଏତେ ଶାଠ୍ୟ, ଏତେ ନିର୍ମମ ହୃଦୟ, ନାହିଁ, ମାନବିକତାକୁ ବିସର୍ଜନ ଦେଇ ପାଶବିକତାକୁ ବରଣ କରିବା ନାହିଁ । କି ଉପାୟରେ ମନୁଷ୍ୟଙ୍କ ବିରାଟ ପ୍ରତି ଆକୃଷ୍ଟ କରାଯାଇ ବୁଦ୍ଧିର ବିକାଶ ଅଣାଯାଇ ପାରେ ? ଏପରି ଦେଶ କିଏ ଗଢି ହେବ ନାହିଁ ଯିଏ ହିଂସ୍ର ଯୁଦ୍ଧରେ ଜୟକୁ ହିଁ ଏକ ମାତ୍ର ଗୌରବର ବିଷୟ ମନେ ନ କରି ଶାନ୍ତିର ବିକାଶକୁ ହିଁ ଗୌରବ ମନେ କରିବ ।

ସନ୍ନ୍ୟାସୀ ବିରାଟ ବିପ୍ଳବୀ । ଯିଏ ମନୁଷ୍ୟର ସହଜାତ କାମ କ୍ରୋଧ ଲୋଭକୁ ଓ ଅହମିକାକୁ ଉତ୍ତେଜିତ କରି ଜନପ୍ରିୟ ହୋଇ ଅଶାନ୍ତି ସୃଷ୍ଟି କରେ ଏବଂ ବହୁର ଆଧ୍ୟାତ୍ମିକ ଓ ଶାରୀରିକ ବିନାଶର କାରଣ ହୁଏ ସେ ବିପ୍ଳବୀ ନୁହଁ, ସେ ମନୁଷ୍ୟସମାଜର କର୍କଟ ରୋଗ । ଯିଏ ଶାନ୍ତିକାମୀ ସେଇ କେବଳ ବିପ୍ଳବୀ ।

ଯୀଶୁଖ୍ରୀଷ୍ଟ, ବୁଦ୍ଧ, ଚୈତନ୍ୟ, ପରମହଂସ, ରାମମୋହନ, ଗାନ୍ଧି-ମାନେ ବିରାଟ ବିପ୍ଳବୀ ! କି ନିର୍ଭୀକ ସେମାନେ !! ତେଣୁ ସେମାନଙ୍କ କୂଟନୈତିକ ବା ରାଜନୈତିକ ଶାଠ୍ୟ ଚାଲବାଜି ନାହିଁ । ଧର୍ମ ସେମାନଙ୍କ ପାଖରେ ରାଜନୀତି କୂଟନୀତି ଠାରୁ ବଡ଼ ଶ୍ରେୟ !

ସନ୍ନ୍ୟାସୀ ପ୍ରାର୍ଥନା କଲେ, ହେ ବିରାଟ ! ଯେଉଁ ଅହମିକା ତୁମେ ଦେଇଛ, ଯାହାର ଅବିନିୟନ୍ତ୍ରଣରେ ବୁଦ୍ଧିର ବିକାଶ ଓ ପ୍ରବଳତାରେ ବିନାଶ, ସେ ଅହମିକାକୁ ତୁମେ ହିଁ ସମ୍ଭାଳ ! କେତେ ବିଚିତ୍ର ତୁମେ! ତୁମକୁ ଜାଣିବାର ଚେଷ୍ଟା ମଧ୍ୟ କେତେ ବିଚିତ୍ର ଏ ସଂସାରରେ !!

ସନ୍ନ୍ୟାସୀ କଳ୍ପନା କରୁଥାନ୍ତି ଭବିଷ୍ୟତର ଜାତିସଙ୍ଘ ବିଷୟରେ । ... ଜାତିସଙ୍ଘରେ ନାନା ଦେଶର ହିଂସ୍ର ନେତାର ପ୍ରତିନିଧି ନ ରହି ରହୁଥାନ୍ତି ସମଗ୍ର ପୃଥିବୀର ବଡ଼ ବଡ଼ ସ୍ୱାର୍ଥତ୍ୟାଗୀ ଦାର୍ଶନିକ, ଯେଉଁମାନେ କୌଣସି ଦେଶର ପ୍ରତିନିଧି ନୁହନ୍ତି, ମାନବିକତାର ପ୍ରତିନିଧି, ଧରିତ୍ରୀର ନିରବଚ୍ଛିନ୍ନ ବିରାଟ ବନ୍ଧୁଙ୍କ, ଯେଉଁମାନେ ନିଜର ହିଂସ୍ର ବୁଦ୍ଧିରେ ଖଣ୍ଡ ଖଣ୍ଡ ଛିନ୍ନ ଛିନ୍ନ ଦେଖି ପୃଥିବୀ ଭୂଗୋଳ ଓ ଇତିହାସ

ସୃଷ୍ଟି କରିବାରେ ଲାଗିଛନ୍ତି ପରସ୍ପରକୁ ହତ୍ୟା କରି ଓ ଶୋଷଣ କରି, ସେମାନଙ୍କର ପ୍ରତିନିଧି ନୁହନ୍ତି ସେମାନେ । ସେମାନେ ଗଢିବେ ଏକ ନୂତନ ସୈନ୍ୟ, ଯାହାର ସୈନ୍ୟମାନେ ଆନନ୍ଦରେ ବିରାଟର ଜୟଗାନ କରୁ କରୁ ଆଗେଇ ଯିବେ ନିର୍ଭୟରେ ତୋପ କମାଣ ମୁହଁକୁ ଯୁଦ୍ଧ ବନ୍ଦ କରିବାକୁ! କ୍ଷୁଦ୍ରତାର ଇତିହାସ ଅନ୍ୟ ଯାହାର ଜୟଗାନ କରୁ ନା କାହିଁକି ମାନବିକତାର ଇତିହାସ ଜୟଗାନ କରିଛି ଓ କରିବ କେବଳ ଏମାନଙ୍କର ଜୟଗାନ !

ଇତିମଧ୍ୟରେ ପବିତ୍ରୀର ଛୁଆଟି ଉଠିପଡ଼ି ଚିତ୍କାର କରି କାନ୍ଦିବାକୁ ଲାଗିଲା । ଆଉ ଚେଷ୍ଟା କଲା କାମଦେବଙ୍କୁ ପବିତ୍ରୀର ବୁକୁ ଉପରୁ ହଟାଇ ଦେବାକୁ । ଅନେକ କ୍ଷଣ ସେ ଶୋଇ ପଡ଼ିଥିଲା, ଲେଭାର୍ଡ ହୋଇ ଉଠିଛି ସେ ! ଏଥର ସେ ନଛୋଡ଼ବନ୍ଦା । କାମଦେବଙ୍କ ମଧ୍ୟ ସେଇ ଅବସ୍ଥା । ଦୁହେଁ ହିଁ ଲାଖି ରହିଲେ ପବିତ୍ରୀର ବୁକୁରେ । ପବିତ୍ରୀ ପଡ଼ିଛନ୍ତି ସେମିତି ମୌନ ନିଶ୍ଚଳ ଭାବରେ, ତାଙ୍କ ବୁକୁ ଉପରେ ଲାଗିଛି ନାନା ଲୀଳା !

ଭାଲୁଆମାନେ ଶୋଷ ସ୍ୱାହରକ ରାବିଲେ, ହୁଁୟା, ହୁଁୟା ! ଆଉ ଥରେ ଦୂରରୁ ପଚାରିଲେ, କ୍ୟା ହୁଆ, କ୍ୟା ହୁଆ ... । ତା' ପରେ ସମସ୍ତେ ନୀରବ ହେଲେ ।

ପବିତ୍ରୀ ଉଠିଲେ । ଅନାଇ ଦେଖିଲେ ସ୍ୱାମୀ ଓ ପୁତ୍ର ଦୁହେଁ ହିଁ ତାଙ୍କୁ ଦୋହନ କଲା ପରେ କ୍ଳାନ୍ତ ଭାବରେ ଶୋଇ ପଡ଼ିଛନ୍ତି । ଦୁହିଁଙ୍କୁ ହିଁ ତାଙ୍କର ଅବୋଧ ସନ୍ତାନ ଭଳି ମନେ ହେଲା । ଅଧରରେ ତାଙ୍କର ସ୍ମିତ ହାସ୍ୟ ଖେଳିଗଲା । ସେ ପ୍ରାର୍ଥନା କଲେ । ହେ ପରମ ପିତା, ଏମାନଙ୍କୁ ସଂଯମ ଦିଅ, ସୁସ୍ଥ ସବଳ କର ।

ଆକାଶରେ ଏକ ସ୍ତବ୍ଧ ଭାବ । ସନ୍ନ୍ୟାସୀ ଗାଉଛନ୍ତି ଡାକି ଡାକି, ହେ ଅମୃତର ସନ୍ତାନମାନେ, ଉଠ, ଜାଗ, ବିରାଟ ପ୍ରତି ଆକୃଷ୍ଟ ହୁଅ, ତାହା ହିଁ ସବୁଠାରୁ ଶ୍ରେଷ୍ଠ । ସନ୍ନ୍ୟାସୀଙ୍କ ଆହ୍ୱାନ ଶୁଣି ପବିତ୍ରୀ

ଆକାଶକୁ ସୃଷ୍ଟି ନମସ୍କାର କଲେ, ସୃଷ୍ଟି ତାଙ୍କର ଆଶାରେ ଉଜ୍ଜ୍ୱଳ ହୋଇ ଉଠିଲା । ତା'ପରେ ସେ ସୃଷ୍ଟିକାମ କରିବା ପାଇଁ ସବୁଜ କାଣ୍ଡି ଫିଟି ଉଠିଗଲେ ତରଙ୍ଗ ଭଳି ଖେଳିବାକୁ ।

ଧରିତ୍ରୀ ମଧ୍ୟ ଆକାଶକୁ ସୃଷ୍ଟି ବୁଝିଲେ । ସେ ମଧ୍ୟ ଆଶାର ଆଲୋକରେ ଉଜ୍ଜ୍ୱଳ ହୋଇ ଉଠିଲେ । ସେ ମଧ୍ୟ ପ୍ରାର୍ଥନା କଲେ, ହେ ଅନନ୍ତ ପୁରୁଷ, ମୋର ସନ୍ତାନମାନଙ୍କ ମନରୁ ଅବୋଧତା ଦୂର କର, ସେମାନଙ୍କୁ କ୍ଷମା କର, ସୁସ୍ଥ ସବଳ କର, ସଂଯମ ଦିଅ ! କୋଟି କୋଟି ସନ୍ତାନ କ୍ରୋଡ଼ରେ ଧରି ସେ ମଧ୍ୟ ତରଙ୍ଗ ଭଳି ବୁଲୁଛନ୍ତି । ତାଙ୍କର ସବୁଜ ଦୈନନ୍ଦିନ ବସନ ଆନନ୍ଦରେ ତରଙ୍ଗାୟିତ ହେବାକୁ ଲାଗିଲା ।

ସନ୍ୟାସୀ ଗୁଣୁଛନ୍ତି କହି କହି — (X X X)

ତାଙ୍କର ପ୍ରାର୍ଥନାରେ ସେ ପୃଥିବୀର ସବୁ ହିଂସ୍ରତା ଶୋଷଣ କରିବାକୁ ଲାଗିଲେ ନୀଳକଣ୍ଠ ଭଳି !



"ସର୍ବେ ଭବନ୍ତୁ ସୁଖିନଃ,
ସର୍ବେ ସନ୍ତୁ ନିରାମୟାଃ,
ସର୍ବେ ଭଦ୍ରାଣି ପଶ୍ୟନ୍ତୁ,
ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍"॥

ଦୁଇବନ୍ଧୁ

ସୁରେନ୍ଦ୍ର ମହାନ୍ତି

- ଏକ -

ନିର୍ମମ ନରହତ୍ୟା । ନିଷ୍ଠୁର ଶିଶୁହତ୍ୟା । ନିଷ୍କରୁଣ ନାରୀଧର୍ଷଣ । ଖବର କାଗଜରେ ସାତସ୍ତମ୍ଭବ୍ୟାପୀ ଶିରୋନାମା । ସକାଳର ଖବର କାଗଜ । ମାର୍ଚ୍ଚର ବସନ୍ତଚପଳ ସକାଳ ଝାପ୍ସା ହୋଇଗଲା । ଆନ୍‌ସାରମାନଙ୍କର ଢାକା ମୋଲ ଉପରେ ଚଢ଼ାଉ । ସକାଳୁଆ ଖବରକାଗଜର ହକର ଡାକି ଚାଲିଛି ରାସ୍ତାରେ । ରମେଶ ହାତରୁ କାଗଜଟା ଫିଙ୍ଗିଦେଲା ବିରକ୍ତିରେ ।

ଭଡ଼ାଟିଆ ଫ୍ଲାଟ୍‌ର ଦୋତାଲା ଉପରେ ଗୋଟିଏ କୋଠରୀ । ପାଖ ଖଟରେ ଇସମାଇଲ୍ - ଶୋଇଛି, ନିଦ ଭାଙ୍ଗିନାହିଁ । ହିନ୍ଦୁ ରମେଶ, ମୁସଲମାନ ଇସ୍‌ମାଇଲ - ଦୁଇବନ୍ଧୁ । ନିବିଡ଼ ସେମାନଙ୍କର ବନ୍ଧୁତ୍ୱ, ଅଚ୍ଛେଦ୍ୟ ସେମାନଙ୍କର ପ୍ରୀତି ।

ବାହାରେ ହିଂସ୍ର ମହାନଗରୀର ପ୍ରତିହିଂସା - ଜର୍ଜରିତ ଜନତା ।

ଖବର କାଗଜର ହକର ଡାକି ଚାଲିଛି - ପାକିସ୍ତାନୀ ବର୍ବରତାର ଶାସ୍ତି, ଚେଲାଯ ।

ରାସ୍ତା ସେପାଖ ଘରେ ରେଡ଼ିଓରେ ଚାଲିଛି ସକାଳୁଆ ଖବରର ଘୋଷଣା ।

ଢାକା ମୋଲ ଉପରେ ଆନ୍‌ସାର ମାନଙ୍କର ଚଢ଼ାଉ । ଶୀଘ୍ର ତଦନ୍ତ ପାଇଁ ଭାରତ ସରକାର ଦୃଢ଼ଭାବରେ ଦାବୀ କରୁଛନ୍ତି ।

ଇସମାଇଲ୍ ଉଠିଲା । ନିତ୍ୟ ଅଭ୍ୟାସ ରୀତିରେ ଷ୍ଟୋଭ ଜାଳିଲା । ରମେଶ କେଟ୍‌ଲୀରେ ପାଣି ଭରି ରଖିଦେଲା ଷ୍ଟୋଭ ଉପରେ । କେମିତି କିଛି ହୋଇ ନାହିଁ । କିନ୍ତୁ, ଇସ୍‌ମାଇଲ୍‌ର ଭୁରୁ

ଆଜିତରେ ଏ କି ମାନବତାର ଗ୍ଲାନି ? ଲଜ୍ଜା ? ଘୃଣା ? ଅବସାଦ ? ଶିରା ପ୍ରଶିରାରେ ମୁସଲମାନୀ ରକ୍ତର ଆହ୍ୱାନ ? ନା - ନା ପ୍ରତିବାଦ ! ନା, ପ୍ରତିବାଦ ନୁହେଁ, ଅଭିଯୋଗ, ନୀରବ ଅଥଚ ଦୃଢ଼ । ତମେ କଣ ଭାବୁଛ ରମେଶ, ବର୍ବରତା କେବଳ ପାକିସ୍ତାନୀର ସହଜାତ? ବର୍ବରତାର ଜାତି ନାହିଁ, ଧର୍ମ ନାହିଁ, ଦେଶ ନାହିଁ । ତା' ହେଲେ ଖାଲି ଏ ପାକିସ୍ତାନୀ ବର୍ବରତାର ଅନ୍ତରଂଗତ ଜିଲାବାଦ କାହିଁକି? ରମେଶର ହିନ୍ଦୁ ରକ୍ତରେ ରକ୍ତର ଆହ୍ୱାନ ! ନାରୀ ଧର୍ଷଣ, ଶିଶୁ-ହତ୍ୟା ନରହତ୍ୟା, ଢାକା ମେଲ ଉପରେ ଚଢ଼ାଉ ।

ବାଥ୍ ରୁମ୍, ଇସ୍‌ମାଇଲର ଏ ଦୃଷ୍ଟିରୁ ରକ୍ଷା ପାଇବାର ଏକମାତ୍ର ଆଶ୍ରୟ ! ରମେଶ୍ ବାଥରୁମ୍ ଭିତରକୁ ପଶିଗଲା ।

ତୋପର ଗର୍ଜୁଛି ।

ଇସମାଇଲର ଇସ୍‌ଲାମୀ ରକ୍ତ ଗର୍ଜୁଛି ।

ଲିଆକତ୍ ଅଲ୍ଲୀ ଗର୍ଜୁଛନ୍ତି, ଖବର କାଗଜର ସ୍ତମ୍ଭ କୋଣରେ !

ଦଶହଜାର ମୁସଲମାନ କଲିକତାରେ ବଳି ପଡ଼ିଛନ୍ତି । ବଙ୍ଗଳାର ମାଟି ମୁସଲମାନୀ ଖୁନ୍‌ରେ ଲାଲ୍ ହୋଇ ଉଠିଛି ।

ରକ୍ତ, ··· ରକ୍ତ, ··· ରକ୍ତ, !

ଉତ୍ତୁରା ପାଟିର ଜୋର ଚିଠା ପଡ଼ିଲା, ଇସମାଇଲ ଦେହରେ । ନା - ନା - ଏ କି ଦୁର୍ବଳତା ! ସେ ପାକିସ୍ତାନୀ ନୁହେଁ । ହିନ୍ଦୁସ୍ଥାନ ଜନ୍ମ ତାକୁ ସ୍ପର୍ଶ କରେ ନା । ଇସଲାମୀ ନୁହେଁ ସେ । ସେ ହିନ୍ଦୁ ହୋଇ ପାରେ ନା ! ସେ କେହି ନୁହେଁ । ମାଟିର ସନ୍ତାନ । ସର୍ବଂସହା ମାଟି ! ଲକ୍ଷ ରକ୍ତପାତରେ ମୂକ ଦର୍ଶିକା ମାଟି ।

ମୁହଁ ଧୁଆ ବେସିନ୍ ଭିତରେ ପାଣି ବୋହି ଚାଲିଛି । ରମେଶ ମୁହଁ ଧୋଇବା ପାଇଁ ଭୁଲି ଯାଇଛି । ଇସମାଇଲ, ମୁଁ ହିନ୍ଦୁ ହେବାକୁ ଚାହେଁ ନା । ହିନ୍ଦୁ ନୁହେଁ ମୁଁ ! ଅତୀତରେ ହିନ୍ଦୁ ସାମାନ୍ୟ ଉଦାରତା,

ସାମାନ୍ୟ ସହନଶୀଳତା ଦେଖାଇଥିଲେ ହୁଏତ ପୂର୍ବ ବଙ୍ଗଳାର ରକ୍ତ ଆଜି ସାର୍ଥକ ହୋଇ ନ ଥାନ୍ତା । ସେ ଦିନର ନେତାନେତୀ ବକ୍ତାମାନ, ତାନ୍ତ୍ରିକ, ବୌଦ୍ଧ ! ଜନ୍‌ କବର୍‌ ଦେଇ ଖାଇ, ଦକ୍ଷିଣାମୁହାଁ ପ୍ରାଣ ବିକଳରେ ପଳାଇ ଆସି, ଏଠି ସୁଦ୍ଧା ରକ୍ଷା ନାହିଁ । ଘୃଣା, ଲାଞ୍ଛନା, ଅତ୍ୟାଚାର ... ହାୟ ! ପଢ଼ିଲେ ସୁଦ୍ଧା ହିନ୍ଦୁର ଆଭିଜାତ୍ୟ ଲୁଣ୍ଠିତ ହୋଇଯାଏ । ସେ ଦିନର ସ୍ପର୍ଦ୍ଧାର ପ୍ରତିସ୍ପର୍ଦ୍ଧା ଆଜି ପ୍ରକାଶ ପାଉଛି ।

ପ୍ରତିସ୍ପର୍ଦ୍ଧାର ଶାସ୍ତି ଦେବା ।

କିନ୍ତୁ ସ୍ପର୍ଦ୍ଧାର ?

ଇସମାଇଲ୍ ଚା' କପ୍ ଓଠ ପାଖରେ ଧରି, କପ୍‌ରେ ଆସ୍ତେ ଚୁମୁକ ଦେଉଛି । ଦୃଷ୍ଟି ତାର ସୋହଦାର ମଳିନ ଅଥଚ ଭୀଷଣ ! ଭିତରେ ଭିତରେ କେମିତି ତାର ଗୋଟିଏ ଦ୍ୱନ୍ଦ୍ୱ ଚାଲିଛି । ଗୋଟାଏ ପଟାରେ ଇସମାଇଲ, ମାଟିର ସନ୍ତାନ ଏକା ! ଆଉ ଅନ୍ୟପଟାରେ ହିନ୍ଦୁସ୍ଥାନ ଓ ପାକିସ୍ଥାନର ମିଳିତ ଆବେଦନ, ଅତୀତର ସହସ୍ରବର୍ଷର ସୃଷ୍ଟି ଓ ସଂସ୍କୃତି ! ଖୋଲା ଝରକା ବାଟେ ଆଖିରେ ପଡ଼େ ପ୍ରଭାତର ଆଲୋକସ୍ନାତ ମସ୍‌ଜିଦ ମିନାର ! ଗମ୍ବୁଜ ଉପରେ ଗୋଟିଏ ପାରାବତ ଦମ୍ପତିର ଚାଲିଛି ଅଳସ ଚଞ୍ଚୁ-ଚୁମ୍ବନ !

ରମେଶ ଆସି ଇସମାଇଲ୍ ପାଖରେ ବସିପଡ଼ିଲା । ଇସମାଇଲ୍ ତା ପାଇଁ ଆଗରୁ ଚା' ତିଆରି କରି ରଖି ଯାଇଥିଲା । ରମେଶ, ଚା' କପ୍‌ଟି ନେଇ ଢୋକେ ଚା' ପିଇ ଖୋଲା ଝରକା ବାଟେ, ମସଜିଦର ଶୁଭ୍ର ମିନାର ଆଡେ ଚାହିଁ କହିଲା ... "ଇସ୍‌ଲାମୀ ସ୍ଥାପତ୍ୟ, ଗମ୍ବୁଜିକ ଅପୂର୍ବ ! ନାଁ, କଣ କହୁଚ ଇସ୍‌ମାଇଲ ?" ଇସ୍‌ମାଇଲର ସେଇ ମାର୍ବଲ ଆଖି ଭାଷା ନାହିଁ, ବ୍ୟଞ୍ଜନା ନାହିଁ ପଥର ଆଖି ! ପାଖରେ ଖୋଲା ହୋଇ ପଡ଼ିଚ ସକାଳର ଖବର କାଗଜ ! ସ୍ୱତନ୍ତ୍ର ସମ୍ବାଦଦାତାଙ୍କର ଗୋଟିଏ ବିଶେଷ ସମ୍ବାଦ ପଢ଼ିଥିଲା ସେ ! ଅପରାଧୀ ପରି ରମେଶ ତା ଉପରେ ଥରେ ଆଖି ବୁଲାଇ ନେଲା । ଧର୍ଷିତା ହିନ୍ଦୁ

ରୋଗୀମାନଙ୍କର ସଂଖ୍ୟା ପ୍ରକାଶ କରୁଅଛନ୍ତି, ସ୍ୱତନ୍ତ୍ର ସମ୍ବାଦଦାତା । ବର୍ବର ! ବୀଭତ୍ସ ! ହୁଙ୍କାର ! ଆର୍ତ୍ତନାଦ ! ପାଟିରେ ଲଗା ବନ୍ଧା ! କପାଳୁ ଟୁ' ମୁଳାଏ ରମେଶ ଦେହ ଉପରେ ଗଳି ହୋଇଗଲା ।

— ନାମ୍ରଭକ୍ତ ଇସ୍ମାଇଲ ଇସ୍‌ଲାମୀ ସ୍ଥାପତ୍ୟ ଅପୂର୍ବ । ଗୋଟୀକମାର ବାହୁଲ୍ୟ ନାହିଁ । କର୍ମୀତାର ସ୍ୱର୍ଦ୍ଦିତ ଘୋଷଣା ନାହିଁ । କଳାର ଅପବ୍ୟୟ ନାହିଁ । ମିନାର ଆଉ ଗମ୍ବୁଜ । ଅସୀମର ଅସୀମତାରେ ଲୀନ ହୋଇଯିବା ପାଇଁ ସସୀମର ସେ ଯେପରି ବ୍ୟାକୁଳ ଆତ୍ମୋତ୍ସର୍ଗ !

ଇସମାଇଲର ସେ ଦୁଇ ପଥର ଆଖି, ନୀରବ, ନିଷ୍ପଳ.ନିଷ୍ପଳ! ଇସମାଇଲ୍ !

ଇସ୍ମାଇଲ ଖାଲି ଟୁ' କପଟ ତଳେ ରଖିଦେଲା ।

"କଣ ଭାବୁଚ ଇସ୍ମାଇଲ," ରମେଶର ପ୍ରଶ୍ନ ।

"ଭାବୁଚି ଭବିଷ୍ୟତ । ଚାକିରୀ ଆଜିଠାରୁ ଖତମ୍ । ହିନ୍ଦୁ-ସ୍ଥାନରେ ସ୍ଥାନ ନାହିଁ । ପାକିସ୍ତାନ ପାଇଁ ପାଥେୟ ନାହିଁ !"

ଇସମାଇଲ ବାଥ୍‌ରୁମ ଆଡକୁ ଚାଲିଗଲା ।

ଇସମାଇଲ ଚାକିରୀ କରୁଥିଲା ଗୋଟିଏ ଖବର କାଗଜ ଅଫିସରେ !

- ଦୁଇ -

"ସୈନିକ" ଖବର କାଗଜ ଅଫିସ :

ରମେଶ ଟେବୁଲ୍ ଉପରେ ମୁହଂମଦ୍ ରଏଟର ଟେଲିଗ୍ରାମ ଅନୁବାଦ କରି ଚାଲିଛି । ହିନ୍ଦୁ ରଏଟର ! ସେଠେ ହୁଏତ କରାଚୀ କି ଢାକାର କୌଣସି ଖବର କାଗଜ ଅଫିସରେ କେହି ଅବସନ୍ନ ସବ୍-ଏଡିଟର୍ ଅନୁବାଦ କରୁଥିବ, ରଏଟର ଟେଲିଗ୍ରାମ —

କଲିକତାରେ ଦଶ ହଜାର ମୁସଲମାନଙ୍କ ମୁଣ୍ଡକାଟ ! ଏଣେ କଲିକତା କି ଦିଲ୍ଲୀରେ କେଉଁ ଖବର କାଗଜ ଅଫିସରେ, ଦଳ ଦଳ ସବ୍-ଏଡିଟର ଟେବୁଲ ଉପରେ. ଧାର୍ମିକ, ମୁଣ୍ଡମାଡ଼ି, ରୟଟର ଟେଲିଗ୍ରାମ ଅନୁବାଦ କରୁଥିବେ - ପାକିସ୍ତାନୀ ଅତ୍ୟାଚାରର । ଜଣେ ମାତ୍ର ମୁସଲମାନ ମାରିଛି । ଏକ ନମ୍ବର ନେତାଙ୍କର ବିବୃତି : ରୟଟରର ! ସମ୍ପାଦକଙ୍କ ସର୍କୁଲାର ! ପାଞ୍ଚଥର ଦସ୍ତଖତ ଦେବାକୁ ହେବ । ପରେ ଅନ୍ୟମାନେ ଦସ୍ତଖତ ଦେବେ । ଉପରେ ନାଲି ସ୍ୟାହିରେ "ଗୋପନୀୟ" । ସମ୍ଭବ, ଅସମ୍ଭବ ନୋଟିଙ୍ଗ ଚାଲିଛି, ପାକିସ୍ତାନୀ ବର୍ବରତାର ଖୋଦେ ସ୍ୱାଦ୍ୟ, ଅସ୍ୱାଦ୍ୟ କଳ୍ପନା, ସବୁ ଦିଅ । ମାତ୍ର ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ହରଫରେ ଗୁରୁକଥେ ବର୍ଡର ଦେଇ ଗୁପ···

"While feelings are running high, We appeal for peace." — ଉତ୍ତେଜନା

ଆଜି ସୀମା ସ୍ପର୍ଶ କଲା ବେଳେ, ଆମେ ଶାନ୍ତି ପାଇଁ ନିବେଦନ କରୁଛୁ ! ଫୋର୍ଥ ଏଷ୍ଟେଟ୍ ! ଚତୁର୍ଥ ଶକ୍ତି । ··· ଓଃ ଆଉରି ଦୁଇ ଘର କଲମ୍ ବାକୀ ! ଟେଲିଗ୍ରାମ ଗଦା ହୋଇ ଗଲାଣି । ନାରୀ ଧର୍ଷଣ, ହତ୍ୟା, ଲୁଣ୍ଠନ ! ଇସମାଇଲର ସେହି ପଥର ଆଖି । ରମେଶ କପାଳ ଉପରୁ ଝୋଇଥାର ଝାଳ ପୋଛିଲା ।

— ତିନି —

ନିର୍ଜନ ପାର୍କର ସିମେଣ୍ଟ ବେଞ୍ଚ । ଇସମାଇଲ ଚିତ୍ ହୋଇ ଶୋଇଛି ବେଞ୍ଚ ଉପରେ । ରେଡ଼ିଓର ସେଇ ଚିତ୍କାର । ଖବର କାଗଜ ହକରମାନଙ୍କର ସେଇ କୋଳାହଳ । ଚାକିରୀ ନାହିଁ । ରମେଶର ଆଖିରେ ସେ ଆତ୍ମ-ପ୍ରବଞ୍ଚନା ବାସ୍ତବିକ ଅସହ୍ୟ । ହିନ୍ଦୁ ସେ । ଶିରା, ପ୍ରଶିରାରେ ତାର ହିନ୍ଦୁ ରକ୍ତ । ମୁସଲମାନ ପ୍ରତି ଘୃଣାରେ ବିଷାକ୍ତ । ଅଥଚ ଇସମାଇଲ ପ୍ରତି ଦୟା, ଅନୁକମ୍ପା । ଦୟା କରି ସେ

ତୋପାର ଇସମାଇଲଙ୍କୁ ଘୃଣା କରୁନାହିଁ । ସକାଳେ, ଇସଲାମୀ ସ୍ୱାପନର ସେଇ ସ୍ତୁତିଗାନ, କାହିଁକି ? ଆମେ ହିନ୍ଦୁ କି ଉଦାର ! କି ମହାନ୍ !

"ଏଇ ତୋ ଇସମାଇଲ ।"

ରମେଶ ଆସି ଇସମାଇଲର ପାଖରେ ବସି ପଡ଼ିଲା । ସୁନ୍ଦର ଫାଲ୍‌ଗୁନ ସନ୍ଧ୍ୟା, ଜୋସ୍ନାଉଜ୍ଜ୍ୱଳ । ତଳେ ହିଂସ୍ର ମହାନଗରୀର ପ୍ରତିହିଂସାଜର୍ଜରିତ କୋଳାହଳ । ଗୋଟିଏ ବିରାଟ ପଟୁଆର ବହୁ ଉତ୍ତେଜକ ସ୍ଲୋଗାନ ଦେଇ ଚାଲିଗଲା । ବନ୍ଦେ ମାତରମ୍ ।

ରମେଶ କହିଲା — "ଦଶ ହଜାର ଶରଣାର୍ଥୀ ଆଜି ପହଞ୍ଚିଛନ୍ତି ଆସି । ସେହିମାନେ ପ୍ରଚାର କରୁଛନ୍ତି ପାକିସ୍ତାନୀ ବର୍ବରତାର ଲୋମହର୍ଷକ କାହାଣୀ । କିନ୍ତୁ ସେଥିରେ ଆମର କଣ ଯାଏ ଆସେ ଇସମାଇଲ ? ମୁଁ ହିନ୍ଦୁ ନୁହେଁ । ତୁମେ ମୁସଲମାନ ନୁହଁ ମଣିଷ ଆମେ ଇସମାଇଲ୍ ।"

ଇସମାଇଲ୍ ରମେଶର ଗୋଟିଏ ହାତ ତାର ଦୁଇ ମୁଠି ଭିତରେ ଚାପି ଧରି କହିଲା ··· ରମେଶ୍ !

ଆଉ କିଛି କହି ପାରିଲା ନାହିଁ । ପଥର ଆଖି ଦୁଇଟାରେ ନିଆଁ ତୋପାର ଦପ ଦପ ହୋଇ ଉଠିଲା । ଏ ଆତ୍ମପ୍ରବଞ୍ଚନା କାହିଁକି ?

ବନ୍ଦେ ମାତରମ । ଜୟ ହିନ୍ଦ । ସ୍ଲୋଗାନ ଶୁଭୁଛି ସେପଟ ରାସ୍ତାରେ । ଗୋଟିଏ ଦେଶମାତୃକାର ପାଦ ବନ୍ଦନା ହେବ, ଅନ୍ୟ ଗୋଟିଏ ଦେଶମାତୃକାର ଅସହାୟ, ଅରକ୍ଷ ସନ୍ତାନମାନଙ୍କ ରକ୍ତର ଅଳକ୍ତକରେ ! ଦେଶପ୍ରେମ ! ଦେଶ ! ଆଗାମୀ ନଶିପର ଅଭିଯାନରୁ ଏ ଦୁଇଟା ଶବ୍ଦ ଲୋପ ପାଇବା ଉଚିତ ! "ଆନସାର ଚାଚାଙ୍କ ଶାନ୍ତି ଲୋଡ଼ା ।" ସ୍ଲୋଗାନ୍ ଚାଲିଛି । ସୀମାନ୍ତ ଏ ପାଖର ଚାଚା, ସେ ପାଖର ସେ ମହା ପୁଣ୍ୟବାନ୍ ଦେଶବତ୍ସଳ, ପାଣ୍ଡୁଗମ୍ଭୀର!

ରମେଶ ଇସମାଇଲ୍‌ର ଗୋଟିଏ ହାତ ଟାଣି କହିଲା ... ଉଠ ଇସମାଇଲ୍ !

"କ, ଆଉ ?" ଇସମାଇଲ୍‌ର ସଂକ୍ଷିପ୍ତ ପ୍ରଶ୍ନ !

"ଆସ" — ରମେଶର ଆହୁରି ସଂକ୍ଷିପ୍ତ ଉତ୍ତର ! ଭିତରର ଝଡ଼, ତାର କଣ୍ଠର ଭାଷା ଛଡ଼ାଇ ନେଇଛି ।

— ଚାରି —

ହ୍ୱାଇଟ୍ ହର୍ସ କ୍ଲବ୍ ।

ରମେଶ ଆଉ ଇସମାଇଲ୍ ଗୋଟିଏ ନିଭୃତ କୋଣରେ ବସିଛନ୍ତି, ଦୁଇଟି ବିଅର୍ ଗ୍ଲାସ ଧରି । ଇସମାଇଲ୍‌ର ପଥର ଆଖି ନରମ ହୋଇ ଆସିଛି । କଣ୍ଠ ତାର ହୋଇ ଉଠିଛି ଗଳନ୍ମୁଖରା । ଇସମାଇଲ୍ କହିଲା ... ଆର୍ଯ୍ୟମାନେ ଯଥାର୍ଥରେ ଆର୍ଯ୍ୟ । ଅସ୍ତ୍ରୀକ୍-ମାନଙ୍କର ସଭ୍ୟତା, ଆର୍ଯ୍ୟମାନଙ୍କ ଠାରୁ ଉନ୍ନତତର ହୋଇପାରେ, ମାତ୍ର ସେମାନଙ୍କର କୌଣସି ସୂକ୍ଷ୍ମ ଅନୁଭୂତି ନ ଥିଲା, ଭିତରେ କୌଣସି ଦ୍ୱନ୍ଦ୍ୱ ନ ଥିଲା, ସଂଘର୍ଷ ନ ଥିଲା । ସେଇଥିପାଇଁ ସୋମରସ ଆର୍ଯ୍ୟମାନଙ୍କର ଉଦ୍ଭାବନ ! ... ସୋମରସ, ମହେଞ୍ଜୋଦାରୋ ଚନ୍ହୁଦାରୋ, ହରପ୍ପା ସବୁ କୀର୍ତ୍ତି ଏଇ ସୋମରସ ପାଖରେ ପରାଜିତ, ମଳିନ !" .... ଫେନଚୂଡ଼ ବିୟର୍ ଗ୍ଲାସ !

"ଲେଡୀଜ୍ ଏଣ୍ଡ୍ ଜେଣ୍ଟଲ୍‌ମେନ୍", ହୁଙ୍କାର କରି ଜଣେ ମଳିନ-ଦର୍ଶନ ରୁକ୍ଷ-କେଶ ଯୁବକ କ୍ଲବର ପାନଶାଳା ଭିତରକୁ ପଶି ଆସି, ନାଟକୀୟଭଙ୍ଗୀରେ ପକେଟରୁ ଖଣ୍ଡେ କାଗଜ କାଢି ପଢିଲେ ... "ଶୃଣ୍ୱନ୍ତୁ ସର୍ବେ, ଅମୃତସ୍ୟ ପୁତ୍ରାଃ, ପାକିସ୍ଥାନରୁ ମୋର ସ୍ତ୍ରୀର ଚିଠି ... "କାଲି ମୋର ଆମ ବସ୍ତିର ରମ୍‌ଜାନ୍ ସଙ୍ଗେ ନିକା ହୋଇଗଲା । ତମ ଭାଇ —" ତା ପରେ

ସେନ୍‌ସର୍‌ର କାଳାବାଗ । ହାଃ - ହାଃ - ହାଃ - ରମ୍ ଏଣ୍ଡ୍ ପାଇଜନ୍ !"

ଫିଫ୍‌ଟି ମେନ୍ ଅନ୍ ଡେଡ୍ ମେନ୍‌ସ୍ ଚେଷ୍ଟ୍

ୟୋହୋ — ହୋ — ଏ ବଟ୍‌ଲ୍ ଅଫ୍ ରମ୍ ।

ଭଦ୍ରଲୋକ ଗୋଟାଏ ଚଉକୀ ଉପରେ ବସିପଡ଼ି ରମ୍ ପିଇବାକୁ ଲାଗିଲେ । କ୍ଲବ୍ ଭିତର ଉତ୍ତେଜନାରେ ଥରି ଥରି ଉଠିଲା । କ୍ଲବ୍‌ର ବେୟରର୍ ହାତରୁ ଗୋଟାଏ ଟ୍ରେ ଖସି ପଡ଼ିଲା । ଘରର ଚଟାଣ ସାରା ଭଙ୍ଗା କାଚ । "ଦନ୍ତୁ ହୁଇସ୍କି" ଲୁଇମାଇଲ୍‌ର କ୍ଷୁବ୍ଧ ଚିତ୍କାର ।

ପାଖ ଟେବୁଲ ପାଖରେ ଚାରିଜଣ ଘେରି ବସିଗଲେ । ଉନ୍ମେଶ ସହିତ , ସେମାନଙ୍କ ମଧ୍ୟରୁ କାହାରି କାହାରି ପାଇଚନ୍ଦୁ ଥିଲା । "ଏଇ ସେ ମୂର୍ତ୍ତିମାନ ଗାନ୍ଧୀ ନା ବୁଦ୍ଧ ? ହୁଇସ୍କି , କାନାଡ଼ିଆନ୍ ।" ବନ୍ଧୁ ଅଭ୍ୟସ୍ତ ହାତରେ ଦୁଇଟି ଗ୍ଲାସରେ ହୁଇସ୍କି ଗଳି ଦେଇଗଲା । ସୋଡାର ବୁଦ୍‌ବୁଦ୍ । ଉନ୍ମେଶ ଗ୍ଲାସ ଉଠାଇ ଟୋଷ୍ଟ୍ କଲା ....

(ପୃଥିବୀର ଶାନ୍ତି ପାଇଁ)

କମଳ ଟେବୁଲ ଉପରେ ହାତ ବାଡ଼େଇ ପ୍ରତିବାଦ କଲା

(ନାଁ ଭାରତର ସୈନ୍ୟବାହିନୀ ପାଇଁ)

ଅସମ୍ଭବ । ଏ ବାତୁଳତା । ଏ ଅସମ୍ଭବ । ଆଉ ଜଣେ ଗ୍ଲାସ ଉଠାଇ ଟୋଷ୍ଟ୍ କଲେ ... (ହିନ୍ଦୁ ଭାରତ . ପାଇଁ)

ଲୁଇମାଇଲ୍ ଅନ୍ୟ ଗୋଟିଏ କୋଣକୁ ଉଠିଗଲା । କେହି ଲକ୍ଷ୍ୟ କରି ନାହାନ୍ତି । ହିନ୍ଦୁ ସେ ହୋଇ ପାରେନା । ମୁସଲମାନ ନୁହେଁ ସେ । ହିନ୍ଦୁସ୍ଥାନରେ ସ୍ଥାନ ନାହିଁ । ପାକିସ୍ଥାନ ପାଇଁ ପାଉଥନ୍ତୁ ନାହିଁ ।

କମଳ , ମୁକ୍ତି, ଆମ୍ଭେ କରୁଛି ... ସଂଘର୍ଷହିଁ ଜୀବନ । ମରିବା ସହିତ ବଞ୍ଚିବାର ସଂଘର୍ଷ , ଅନ୍ଧକାର ସହିତ ଆଲୋକର ସଂଘର୍ଷ, ଅନ୍ଧରୁ

ସାହୁତ ପ୍ରତ୍ୟନ୍ତଲ୍ୟର ସଂଘର୍ଷ । ପୃଥିବୀରେ ଗୋଟିଏ ମୁସଲମାନ ଥିବା ପର୍ଯ୍ୟନ୍ତ ଭାରତରେ ଶାନ୍ତି ଅସମ୍ଭବ !

"ଲେଡୀଜ ଏଣ୍ଡ ଜେଣ୍ଟଲ୍‌ମେନ" ହୁଙ୍କାର କରି ମୋଟ ଭଦ୍ରଲୋକ ଆସିଥିଲେ , ଖାଲି ରମ୍ ବୋତଲ ମୁଣ୍ଡତଳେ ଦେଇ ଶୋଇ ପଡ଼ିଛନ୍ତି । କମଳର ସାଙ୍ଗ ଜଣକ କାନ୍ଦୁଛନ୍ତି ··· ଭାରତର ମୁକ୍ତି ସଂଗ୍ରାମର କଳଙ୍କୀ ସନ୍ତାନ , ପାକିସ୍ତାନ ! ଖତମ୍ କର ।

ହୁଇସ୍କି ଗ୍ଲାସ ଉପରେ ଇଣ୍ଡୋ-ପାକିସ୍ତାନୀ ଯୁଦ୍ଧର ଘୋଷଣା ହୋଇ ଯାଇଛି ।

"ଇସ୍‌ମାଇଲ" ରମେଶ , ଇସ୍‌ମାଇଲର ହାତ ଧରି ଉଠାଇଲା। "ଆସ ଇସମାଇଲ" । ନିର୍ଜନ ଫୁଟପାଥ୍ । ଇସ୍‌ମାଇଲ ଆଉ ରମେଶ । ଦୁହେଁ ଦୁହିଁଙ୍କ କାନ୍ଧ ଉପରେ ହାତ ରଖି ଚାଲୁଛନ୍ତି।

ସେହି ପାର୍କ , ନିର୍ଜନ ଓ ନିସ୍ତବ୍ଧ । ଦଳେ ଲୋକ ଭୀତତ୍ରସ୍ତ କୋଳାହଳ କରି ପାଖ ଗଳି ଭିତରେ ଦଉଡ଼ି ପଳାଇଲେ । ପଳାଅ – ପଳାଅ – ହଟ। ମୁସଲମାନ ଅବକା ଖୁନ୍ ହୋଇଗଲେ । ପାଖ ମୁସଲମାନ ବସ୍ତୀ ପୋଡ଼ି ଯାଉଛି ହୁଏତ । ରାତ୍ରିର ଶାନ୍ତ ଆକାଶରେ ଅଗ୍ନିର ଲେଲିହାନ ଶିଖା ।

ଇସମାଇଲ ପାଗଳ ପରି ହୁଙ୍କାର କରି ଉଠିଲା ···· ପାକିସ୍ତାନ ଜିନ୍ଦାବାଦ୍ ।

ରମେଶ , ଇସମାଇଲର ଗାଲରେ ଗୋଟାଏ ଥାପି ମାରି ଅସଂଯତ ସ୍ଖଳିତ କଣ୍ଠରେ କହିଲା ··· ବିଶ୍ୱାସଘାତକ , ଶଳା , ଶୁଅର ।

ଇସମାଇଲ ଓ ରମେଶ ଭିତରେ ତାପରେ ଚାଲିଲା ଧସ୍ତାଧସ୍ତି ଓ ମୁଷ୍ଟିଯୁଦ୍ଧ । ଦୁହେଁ ଦୁହିଁଙ୍କୁ ଦାନ୍ତ ଲଗାଇ କାମୁଡ଼ି ପକାଇଲେ । ତାପରେ ଯନ୍ତ୍ରଣାରେ ଦୁହେଁ ଚିତ୍କାର କରି ଉଠିଲେ , ଆହତ ବନ୍ୟ ପଶୁପରି ! ଦୁହିଙ୍କର ଦାନ୍ତରୁ ରକ୍ତର ସ୍ରୋତ ଝରୁଛି ।

"ଏ କଣ ଇସ୍‌ମାଇଲ" ? ରମେଶ ପଚାରିଲା ।

"ରକ୍ତ", ଇସ୍‌ମାଇଲର ଜବାବ ।

ସ୍ଖଳିତ କଣ୍ଠ, ଅନୁଶୋଚନାରେ ଗଭୀର, ଗମ୍ଭୀର, ଅଶ୍ରୁ-ଉଦ୍‌ବେଳିତ ।

"ଆମାଙ୍କର ଇସ୍‌ମାଇଲ ମୋର ବାହ୍ୟଜ୍ଞାନ ନ ଥିଲା । ପାଗଲ ।"

"ଉ - ହୁଇସ୍କି । ଖୁବ୍ ଅଛିଚି । ମୋତେ ଧର ରମେଶ ।"

ରମେଶ ଉପରେ ଦେହଭାର ଛାଡି ଠିଆ ହେଲା ଇସମାଇଲ!

ତା ପରେ ପାର୍କରୁ ବାହାରି ଦୁହେଁ ସ୍ଖଳିତ ପାଦରେ ଗୁଲି ଗୁଲି ଆସିଲେ ବନ୍ଦିତ ମହାନଗରୀର ରାଜପଥରେ । ବନ୍ଦେ ମା । ମାଟିରେ ଶୋଇଚନ୍ତି ଦଳ ଦଳ ଶରଣାର୍ଥୀ - ଦେଶପ୍ରେମର ଶୀକାର ! ମୁସଲମାନ ବସ୍ତୀରେ ନିଆଁ ତଥାପି ନିଭିନାହିଁ । ମାତୃପୂଜାର ମହାମଞ୍ଚରେ ଶେଷ ଆହୁତି, ତଥାପି ବାକୀ ଅଛି ହୁଏତ !

ଆଗ ମୋଡ଼ରେ ବୁଲିଗଲେ ପ୍ଲାଟ୍ ଫର୍ମ । ହିନ୍ଦୁ ରମେଶ ମୁସଲମାନ ଇସ୍‌ମାଇଲ୍ ! ପାଗଲ ! ଦୁଇଜଣ୍ଯ !

B 72

ସୁଗମାମାଳତୀ

ଶ୍ରୀମତୀ ଅପର୍ଣ୍ଣା ଦେବୀ

ଏକ ରାଜ୍ୟରେ ଜଣେ ରଜା ଥିଲେ । ସେ ବଡ଼ ଭଲ ରଜା, ତାଙ୍କ ରାଣୀଟି ଭାରୀ ସୁନ୍ଦରୀ, ଭାରୀ ଗର୍ବିତା । ତା ଲେଖାରେ ତାଙ୍କଠୁଁ ବଳି ସୁନ୍ଦରୀ ଆଉ ସଂସାରରେ ନାହାନ୍ତି ।

ରାଣୀ ନିତି ରାତିରେ ରଜାଙ୍କୁ ପଚାରନ୍ତି — ଆଜ୍ଞା ! କହିଲ ଭଲା, ମୋଠୁଁ ବଳି ସୁନ୍ଦରୀ କିଏ ?

ରଜା ଆଉ କଅଣ କହିବେ । ମନକୁ ମନ ବିରକ୍ତ ହୁଅନ୍ତି ସିନା, ହେଲେ ମୁହଁ ଫିଟାଇ ରାଣୀର ମୁହଁ ଉପରେ କିଛି କହି ପାରନ୍ତି ନାହିଁ ; ଖାଲି କହନ୍ତି, ତମଠୁଁ ବଳି ସୁନ୍ଦରୀ ତିନି ତ୍ରିଲୋକରେ କେହି ନାହିଁ ।

ଦିନେ ସିଂହଦୁଆରକୁ ଗୋଟିଏ ଶୁଆବିକା ଆସିଲା । ଶୁଆର ମୂଲ କେତେ ବୋଲି ରଜା ପଚାରିଲାରୁ ଶୁଆବାଲା କହିଲା — ହଜାରେ ଟଙ୍କା ।

ରଜା କହିଲେ — "କଅଣ ! ଶୁଆଟାର ମୂଲ ହଜାରେ ଟଙ୍କା ।"

ଶୁଆବାଲା କହିଲା — "ଆଜ୍ଞା ହଁ । ଏ ହେଉଛି ଗର୍ବଗଞ୍ଜନ ଶୁଆ ; ଯେତେ ବଡ଼ ଗର୍ବିତ ଲୋକ ହୁଅ ପଛକେ ଏ ଶୁଆ ଖାଲି କଥାରେ କଥାରେ ତା ଗରବ ଭାଙ୍ଗିଦେବ ।" ଏକଥା ଶୁଣି ରଜା ବିଚାରିଲେ — ଯାହା ହେଉ, ଏଇ ଶୁଆ ହାତରେ ରାଣୀର ଗରବ ଭାଙ୍ଗିବ । ଏକଥା ବିଚାରି, ହଜାରେ ଟଙ୍କା ଦେଇ ଶୁଆଟିକି କିଣିଲେ ତାକୁ ଭାରୀ ଆଦର ଯତନରେ କରି ସୁନା ପଞ୍ଜୁରୀରେ ରଖିଲେ । ଶୁଆଟିକି ରଜା ତାଙ୍କ ପାହୁଡ଼ ଘରେ ରଖିଥାଆନ୍ତି ।

ରାଣୀ ନିତି ଦିନ ଆସି ରଜାଙ୍କୁ ସେମିତି ପଚାରନ୍ତି, ସେ ଦିନ ବି ସେଇଆ ପଚାରିଲା । ରଜା କହିଲେ — ତମଠୁଁ ବଳି

ସୁନ୍ଦରୀ କେହି ନାହିଁ ; ହେଲେ ଶୁଆକୁ ପଚାରିଲେ ସବୁ ଜଣାପଡ଼ିବ । ତେବେ ଶୁଆକୁ ପଚାର । ଏହା ଶୁଣି ରାଣୀ ଶୁଆକୁ ପଚାରିଲେ— "କହ ରେ ଶୁଆ ! କହିଲୁ ଦେଖି ମୋଠୁଁ ବଳି ସୁନ୍ଦରୀ କିଏ ?"

ଶୁଆ ଆଗ ଟିକିଏ ଘୁମ୍ ଖାଇଲା, ଶେଷକୁ କହିଲା— ମାଣିମା ! ସତ୍ୟ ରଖିଲେ ତଥ୍ୟ କହିବ ।

ରାଣୀ କହିଲା — "ଆଚ୍ଛା, କଣ କହୁଛୁ, କହ ।"

ଶୁଆ କହିଲା — କଅଣ ଆଉ କହିବି ? ଏ ସଂସାରଟା ତହୁଁ ବଡ ତହୁଁ ବଡ । ଏଥିରେ ତହୁଁ ବଡ଼ ତହୁଁ ବଡ଼ କେତେ ଅଛନ୍ତି । ତା କିଏ ଠିକ୍ କରି କହିପାରିବ ନାହିଁ, ହେଲେ ମୁଁ ଜାଣିବାରେ ଏ ସଂସାରରେ ସୁଷମାମାଲତୀ ଠୁଁ ବଳି ସୁନ୍ଦରୀ କେହି ନାହିଁ । ଏହା ଶୁଣି ରାଣୀ ମୁହଁଟି ଲାଜରେ ଏଡ଼କି । ଆଉ କଅଣ କହିବ ? ରାଗରେ ଗରଗର ହୋଇ ମୁହଁଟା ମାଡ଼ି ଥି'ରି ହୋଇ ଶୋଇଲା ।

ରଜା ଶୁଆକୁ ପଚାରିଲେ — "ସୁଷମାମାଲତୀ କିଏ ?"

ଶୁଆ କହିଲା —

ଏହା ଶୁଣି ରଜା ଭୋଳ । ରଜା କହିଲେ — ମୁଁ ସୁଷମାମାଲତୀଙ୍କ ମତେ ଦେଖେଇ ଦେ, ନହେଲେ ମୁଁ ଏ ପ୍ରାଣ ରଖିବି ନାହିଁ ।

ଶୁଆ କହିଲା — ମହାରାଜ ! ତାଙ୍କୁ ଦେଖିବା କଅଣ ସହଜ କଥା ?

ରଜା ପଚାରିଲେ — କାହିଁକି ?

ଶୁଆ କହିଲା — କାଉଁରୀ କାମାକ୍ଷ୍ୟା ଦେଶକୁ ଡେଇଁ, ପଡ଼ିବ ସାତ ସମୁଦ୍ର ତେ'ର ନଈ, ତାକୁ ପାରିହେଲେ ଯାଇ ସୁଷମାମାଲତୀଙ୍କ ଦେଖିବ । ତେବେ ତ ଯାଉ ଯାଉ ବାଟରେ କାଉଁରୀ କାମାକ୍ଷ୍ୟା ଦେଶର ରାଣୀ ଯାଦୁମନ୍ତ୍ରରେ ତୁମଙ୍କୁ ରଖିବ । ତେବେ ଆଉ ଯିବ କିମିତି ଯେ, ସୁଷମାମାଲତୀଙ୍କ ଦେଖିବ !

ରଜା କହିଲେ – ଯାହାପାଇଁ ପଚରା ହୁଏ, ମୁଁ ନିଶ୍ଚେ ତାକୁ ଦେଖିବାକୁ ଯିବି । କିନ୍ତୁ କିମିତି ଗଲେ ବାଟବଣା ହେବି ନାହିଁ, ତା ଉପାୟ ମତେ କହି ଦେ ।

ଶୁଆ କହିଲା – ହଉ ତେବେ, ମୋ ଗୋଡ଼ରେ ଚିତ୍ତିର ମାଳେ ବାନ୍ଧି ଦିଅ ; ମୁଁ ଉପରେ ଝୁମ୍ପ ଝୁମ୍ପ ହୋଇ ଉଡ଼ଉଡ଼ିକା ଯାଉଥିବି । ତମେ ସେଇ ଝୁମ୍ପ ଝୁମ୍ପ ଶବଦକୁ ବାରି ବାରିକା ତଳେ ତଳେ ଯାଉଥିବ । ହେଲେ, ଜାଣିଥାଅ ; ବାଟରେ ଯେଡ଼େ ଛଟା ସେଡ଼େ ଅପୁରୁବ ଦରବ ଦେଖିଲେ ମଧ୍ୟ କେବେ ସେଥିରେ ଲୋଭ କରିବ ନାହିଁ । ତା' କଲେ ସେଇ ଦରବର ମାୟାରେ ପଡ଼ିଯିବ, ଆଉ ମୃଗମାମାଲତୀଙ୍କି ଦେଖିବାକୁ ଯାଇ ପାରିବ ନାହିଁ ।

ଶୁଆ ଗୋଡ଼ରେ ଚିତ୍ତିର ଫେଣ୍ଟାଏ ବନ୍ଧା ହେଲା । ସେ ଉପରେ ଉଡ଼ିଉଡ଼ିକା ଯାଉଥାଏ ; ଆଉ ରଜା ମନ୍ତ୍ରୀ ଦୁହେଁ ଘୋଡ଼ାରେ ବସି ଭୂଇଁରେ ଯାଉଥାନ୍ତି । ଯାଉଁ ଯାଉଁ ବାଟରେ କାଞ୍ଚିରୀ ଦେଶ ପଡ଼ିଲା । ସେଉଁକିବେଳକୁ କଅଣ ହେଉଛି ନା, କାଞ୍ଚିରୀ ରାଣୀ ମାୟା ଘୋଡାରେ ଚଢ଼ି କାମଚଣ୍ଡୀ ଠାକୁରାଣୀଙ୍କି ପୂଜା କରିବାକୁ ଯାଉଛି । ଯିମିତି ତା' ନଜର ଏ ରଜା ଉପରେ ପଡ଼ିଛି, ସିମିତି ସେ ମାୟାରେ ଟୋକିଏ ଚିତ୍ର ମିରିଗ କରି ରଜା ମନ୍ତ୍ରୀଙ୍କ ଆଗକୁ ଛାଡ଼ି ଦେଲା ।

ଅପୂର୍ବ ସୁନ୍ଦର ଚିତ୍ର-ମୃଗ ଦେଖି ମିରିଗ ଲୋଭରେ ଆଉ ଶୁଆର କଥା କି ରଜା, କି ମନ୍ତ୍ରୀ, କାହା ହେଜ ରହିଲା ନାହିଁ । ଦୁହେଁ ସେଇ ମିରିଗ ଯୋଡ଼ାକ ପଛରେ ଗୋଡ଼େଇଲେ । ଗୋଡ଼େଇଁ ଗୋଡ଼େଇଁ ଏକ ମିରିଗ ପଛେ ପଛେ ମନ୍ତ୍ରୀ କୁଆଡ଼େ ଗଲା, ତା'ର ଚିହ୍ନବର୍ଣ୍ଣ ନାହିଁ, ରଜାଙ୍କ ମିରିଗଟି ଗୋଟେ ପୋଖରୀରେ ପଶିଗଲା ; ପୋଖରୀର ପଦ୍ମବନ ଭିତରେ ପଶି କୁଆଡ଼େ ଛପିଗଲା ।

ଅପୂର୍ବ ସୁନ୍ଦର ପଦ୍ମବନ ; ଭାରୀ ବଡ଼ ବଡ଼ ପଦ୍ମଫୁଲମାନ ଫୁଟିଛି , ଛତି ଟେକିଲା ଭଳି ପତ୍ରକୁ ପତ୍ର ଲଗାଲଗି ହୋଇ ପଦ୍ମମାନ ଫୁଟିଛି । ସେ ପୋଖରୀ ଭିତରେ ଅକାତକାତ ପାଣି ଅଛି ବୋଲି ପଦାରୁ ଜମାରୁ ଜଣା ପଡୁ ନାହିଁ । ରଜା ତୃଷ୍ଣାକୁ ନା ସହି ପୋଖରୀପାଣିକି ଡେଇଁ ପଡ଼ିଲେ , ଡେଇଁ ପଡ଼ିବା ମାତ୍ରେ ବୁଡ଼ିଗଲେ । ଆଉ ତାଙ୍କର ଚେତ ଚଇତନ ନାହିଁ ।

ଯେତେବେଳ ଗଲାରୁ ରଜାଙ୍କର ଚେତ ହେଲା । ଚାହିଁ ଦିଅନ୍ତି ତ ଗୋଟାଏ ଅପୂର୍ବ ପୁର , ଘରଦୁଆର , ହାଟବାଟହେଉଣା ସବୁ ଅଛି , ଯୋଉ ଦରବ ଖୋଜିବ , ସେ ଦରବ ଅଛି , ହେଲେ ଜୀଅନ୍ତା ଜୀବ ଗୋଟିଏ ନାହିଁ , ସମସ୍ତେ ପଥର 'ସତେ ଯିମିତି ତୁମ ଆଡ଼କୁ ଜଳ ଜଳ କରି ଅନେଇଛନ୍ତି ! ଯାହା ଦେଖି ରଜାର ହୃଦକମ୍ପ । "ଏ କୋଉ ଦେଶ ? ମୁଁ ଏଠାକୁ କିମିତି ଆଇଲି ? କାଅଣ କରିବି ? ଏବେ ମୋ ଶୁଆ ଗଲା କୁଆଡ଼େ ? ମନ୍ତ୍ରୀ ଗଲା କୁଆଡ଼େ ? ମାହାକାଳିଆ ଏ ମିଛ ଲୋଭରେ ପଡ଼ିଲି । ଶୁଆ କଥା ନ ମାନି ଏତେ ଦୁଃଖ ପାଇଲି ।" ରଜା ଏମିତି ମନଦୁଃଖ କରି ଏଣେ ତେଣେ ବୁଲି ବାଟ ନ ପାଇ ଦୁଃଖ ଭୁଆଁ ବୁଲୁଛନ୍ତି । ଏଇଥି ଭିତରେ କାଉଁରୀରାଣୀ କାମଚଣ୍ଡୀଙ୍କ ପୂଜା ସାରି ସେହିବାଟେ ବାହୁଡ଼ିଲା । ରଜା ସେହି ରାଣୀର ହାତକୁ ପଡ଼ିଗଲେ । ରାଣୀ ରଜାଙ୍କ ଉପରକୁ ଟିକିଏ ମନ୍ତ୍ରଧୂଳି ପକାଇଦେଇ ଗାରଡ଼ କରିଦେଲା । ମେଣ୍ଢାଟିକି ନେଇ ଆପଣା ଶୋଇଲାଘର ପଲଙ୍କ ଖୁରାରେ ବାନ୍ଧି ରଖିଲା । ଦିନଯାକ ତାକୁ ମେଣ୍ଢା କରିଥାଏ , ରାତି ହେଲେ ଭେଣ୍ଢା କରିଦିଏ ; ତାଙ୍କ ସାଙ୍ଗରେ ବସିଉଠି କରେ , ଖାଏପିଏ , ଖେଳ କଉତୁକ ହସ ରହସ ସବୁ ହୁଏ ; ପୁଣି ସକାଳୁ ତାକୁ ରାଣୀଙ୍କ ପୂଜା କରି ଗଲାବେଳକୁ ରଜାକୁ ମେଣ୍ଢା କରି

ପାଲଙ୍କଖୁରାରେ ଝଟେଇ ହେଉଥାଏ । ଏଇପରି ନିତିପ୍ରତି କରୁଥାଏ । ରଜାଙ୍କର ଆଉ ଗୁରା କଅଣ ? ଲାଗିପାଇ ରାଣୀର ମନ କଥାରେ ଲାଗି ଥାଆନ୍ତି । ଦିନେ ରଜା ସେ ରାଣୀଙ୍କି ପଚାରିଲେ— "ହଇଏ ! ତମେ କଅଣ ଏକା କାଉଁରୀ ବିଦ୍ୟା ଜାଣ ?"

ରାଣୀ କହିଲା — "ତହୁଁ ବଡ ତହୁଁ ବଡ ଏ ସଂସାର । ମୁଁ କିଆଁ ଏକା ଜାଣିବି ? ମୋ'ଠୁଁ ବଳି ବଡ଼ ଗୁଣିଆ ଗାରଡ଼ିଆ ଥିବେ ଅଛନ୍ତି । ତେବେ ଆମ ସମସ୍ତଙ୍କ ଉପରେ ମୁଖିଆ ହଉଛି 'ତ୍ରିଶାଙ୍କୁଜ ଅସୁର' । ସେ ହେଲା କାଉଁରୀ କାମାଖ୍ୟା ଦେଶର ଏକାଙ୍ଗ ଚକ୍ରବର୍ତ୍ତୀ । ମୋ ପରି ଲୋକଙ୍କ ମାନେଇ ପାରୁଛି, ସେ ତା'ଠୁଁ ଲୋକଙ୍କ ଗୁଣିବିଦ୍ୟା ପାଇଛି ।"

ରଜା ପଚାରିଲେ — "ସେ ଅସୁର କୋଉଠି ଅଛି ?"

ରାଣୀ କହିଲା — "ସେ କଅଣ ଠାଏ ହୋଇ ରହେ କି ? ସେ ତ ମାୟାରେ ଚଉଦ ବ୍ରହ୍ମାଣ୍ଡ ଖେଳୁଥାଏ । ହେଲେ ଜନ୍ମଦିନ କାମଚଣ୍ଡୀ ଠାକୁରାଣୀଙ୍କୁ ପୂଜା କରିବାକୁ କାମାଖ୍ୟା ପାହାଡ଼କୁ ଆସେ ।"

ରଜା କହିଲେ — "ମୁଁ ଟିକିଏ କେମିତି କାମଚଣ୍ଡୀ ଠାକୁରାଣୀଙ୍କି ଦର୍ଶନ କରନ୍ତି ।"

ରାଣୀ କହିଲା — "କେମିତି ଦର୍ଶନ କରିବ ? ତ୍ରିଶାଙ୍କୁଜ ଅସୁର ତୁମକୁ ଦେଖିଲେ ତୁମକୁ ଲଙ୍କାର ହାଲ କରିବ, ହେଲେ ମୋର ବାପଗୋତ୍ର ରହିବ ନାହିଁ ।"

ରଜା ସେ ରାଣୀଙ୍କି କେତେ ନିକଟିହିକଟି ହେଲେ, କହିଲେ ମୁଁ ତମ ଆଶ୍ରାରେ ପଡ଼ିଛି । ତମେ ମନ କଲେ ସେ ଅସୁର ମୋର ଆଉ ତୁମର ଲୋମଟିଏ ବି ବଙ୍କା କରି ପାରିବ ନାହିଁ । ରଜାଙ୍କ ନେହୁରା ଆଉ ଅଳି ଦେଖି ରାଣୀର ଟିକିଏ ଦୟା ହେଲା । ସେ କହିଲା — "ଆଚ୍ଛା ! କାଲି

ତମଙ୍କୁ ମୁଁ ସାଙ୍ଗରେ ନେଇଯିବି । ଯା' ଶୁଣି — ରଜାଙ୍କ ବଡ଼ କଷ୍ଟ ମୋଟ । ସେ ଖାଲି ରାଣୀଙ୍କି ଗୁଡ଼ାଏ ଟେକାଟେକି କରି କହୁଥାଆନ୍ତି, ଆଉ ମନକୁ ମନ ବିଚାରୁଥାଆ'ନ୍ତି "କେମିତି ଏ ରାକ୍ଷ-ସୁଣୀ ହାତରୁ ଖସିଗଲେ ମୁକ୍ତି ଗତି ପାଇବି ।"

ଆରଦିନ ରାଣୀ କଅଣ କଲା ନା, — ଖଣ୍ଡିଏ ମନ୍ତ୍ରା କାଠି ରଜାଙ୍କ କାନରେ ଖୋସି ଦେଇ ତାଙ୍କୁ ଗୋଟିଏ ଶୁଆ କରିଦେଲା । ତା' ପରେ ସବୁ ପୂଜା ଦରବ ଘେନି ଶୁଆଟିକି ହାତରେ ବସେଇ ଆଉ ଗୋଟେ ଘରକୁ ଗଲା । ସେ ଘରକୁ ଦେଖି ରଜାଙ୍କର ଆଖି ବୁଜି ହୋଇଗଲା । ସେ ଘରେ ଗୋଟେ ଜବର ବଡ଼ ଘୋଡ଼ା ଠିଆ ହୋଇଛି । ତା'ର ଗୋଡ଼େ ହନୁମନ୍ତ ପକ୍ଷୀ । ଘୋଡ଼ାଟା ସତେ ଅବା ଜଳ ଜଳ କରି ଚାହୁଁଛି । ନହେଲେ ତ ଦିହରେ ଜୀବନ ଥିଲା ପରି ଦିଶୁ ନାହିଁ ।

ରାଣୀ ଶୁଆଟିକି ଘୋଡ଼ା ଲାଞ୍ଜ ଉପରେ ବସେଇ ଦେଇ ସବୁ ପୂଜା ଦରବଯାକ ଘୋଡ଼ାରେ ଲଦି ଆପେ ବସି କାହିଁରି ପଦମାନ ବୋଲିଲା ; ବୋଲିସାରି ଯିମିତି ଘୋଡ଼ାକୁ ଚାଟେ ପିଟି ଦେଇଛି, ସିମିତି ଘୋଡ଼ାଟା ଶୂନ୍ୟରେ ଉଡ଼ିଲା ।

ରଜା ସବୁ ଉଶୁପାଣ୍ତ କରୁଥାଆନ୍ତି ; ଘୋଡ଼ା ଉଡ଼ି ଉଡ଼ି ସାତ ସମୁଦ୍ର ତେ'ର ନଈ ଡେଇଁଲା । କନକଦ୍ୱୀପର କନକ ପର୍ବତ ଡେଇଁଲା, ଯାଇ କାମାକ୍ଷୀ ପର୍ବତ ଉପରେ ହେଲା ବେଳକୁ ରାଣୀ ତାକୁ ହଟ୍‌କାଳି ମାରିଲା । ଘୋଡ଼ା ଥିର ଥିର ହୋଇ ତଳକୁ ଖସି ପର୍ବତ ଉପରେ ଠିଆ ହେଲା ।

ରଜା ଚାହାଁନ୍ତି ତ, ପର୍ବତର ଚାରିପଟଯାକ ନିଆଁର ପାଚେରୀ ବୁଲିଛି, ଆଉ ପର୍ବତ ଉପରେ ଖୁବ୍ ବଡ଼ ଦେଉଳ । ନିଆଁ ଆଉ ଖରାପାଣିରେ ସେ ଦେଉଳ ଖାଲି

ଚଢ଼ ନିଆଁ ପଇ ଦାଉ ଦାଉ ଜଳୁଛି, ସତେ ଅବା ପର୍ବତ ଗୋଟିଏ ମଣି-ମୁକୁଟ ପିନ୍ଧିଛି । ଦେଉଳ ଭିତରେ ଅପୂର୍ବ ସିଂହାସନ, ତା' ଉପରେ କାମଚଣ୍ଡୀ ଠାକୁରାଣୀ । ତାଙ୍କର ପାଦତଳକୁ ଗୋଟେ ଜୀମୂତଜିମାକାର ବିକଟ ରାକ୍ଷସ ବସି ହୋମ କରୁଛି, ତା'ର ନାଆଁ 'ତ୍ରିବାଙ୍କୁଡ଼ା ଅସୁର' । ରାଣୀ ପୂଜା ଦରବସବୁ ଅସୁର ପାଖରେ ଥୋଇଦେଇ ହାତଯୋଡ଼ି ଠିଆ ହେଲା । ରଜା ଘୋଡା ପିଠିରୁ ଉଢ଼ି ଯାଇ ପାଦୁକ ନଳାରେ ଲୁଚି କରି ସବୁ ଦେଖୁଥାଆନ୍ତି ।

ହୋମ ସରିଲା, ଅସୁର ରାଣୀଙ୍କି କହିଲା– "ରୁଧିର ଆଣ ।" ସି'ଇଲାଏ ରାଣୀ ଗୋଟେ ଲୁହା କଣ୍ଟା ଖୁଣ୍ଟ ଉପର ମାଳୁ-ଘୋଡାକୁ ଗୋଗରୁବାଢ଼ିଆ କରି ପିଟିଲା । ଘୋଡାଟା ହଲଚଲ ହେଉ ନ ଥାଏ । ଖାଲି ଗାଁ ଗାଁ ହେଉଥାଏ । ଆଉ ତା' ପିଠିରୁ ଝର ଝର ହୋଇ ରକତ ବୋହି ପଡୁଥାଏ । ରାଣୀ ଆଞ୍ଜୁଳା ଆଞ୍ଜୁଳା କରି ରକତ ତୋଳିନେଇ ଅସୁରକୁ ଦଉଥାଏ । ସେଇ ରକତରେ ଅସୁର ହୋମ କରୁଥାଏ । ରାଣୀ ଇମିତ ଶହେ ଆଠ ଆଞ୍ଜୁଳା ରକତ ଦେଲା । ଅସୁର ଶଏ ଆଠଥର ଆହୁତି ଦେଲା । ଏଥୁ ସବୁ ଦେଖି ରଜାଙ୍କର ହାଲୁକ ଶୁଖି ଗଲାଣି । ସେ ବିଚାରିଲେ – "ଯାହା ହେଉ, ଇମିତ ଘୁଆ ହେଇ ବଣ ଜଙ୍ଗଲରେ ବୁଲିଲେ ବୁଲିବ ପଛକେ, ଆଉ ଏ ମାଲୁ କୁହୁକୁଣୀ ସାଙ୍ଗରେ ମିଶିବ ନାହିଁ ।" ଏଥୁ ବିଚାରି – ଥି'ର ହୋଇ ପାଦୁକ ନଳାରୁ ଉଢ଼ି ଯାଇ ଗୋଟିଏ ବରଗଛ କୋରଡ଼ରେ ଲୁଚି ଗଲେ ।

ପୂଜା ସରିଲାରୁ ରାଣୀ ପାଦୁକ ନଳାକୁ ଗୁହାଳି ଦିଏ ତ, ଘୁଆ ନାହିଁ, କିଅଣ କରିବ । ଖୋଜିବାକୁ ତ ଘୁରା ନାହିଁ, କାହିଁକି ନା ଅସୁର ତ ସାଙ୍ଗେ ସାଙ୍ଗେ ଅଛି । ରାଣୀ ମନେ

ମାନେ ରଜାଙ୍କ ଉପରେ ଶକତଶେଲ ଫେଟୁବେଇ କରି ମାଲୁ-ଘୋଡାରେ ବସି ଆପଣା ଦେଶକୁ ଗଲା । ଘ' ପଟ୍ଟେ ପଟ୍ଟେ ଅସୁର ମଧ୍ୟ କୁଆଡେ ଗଲା ।

ରଜା ବରଗଛର କୋରଡ଼ରେ ଲୁଚି ସବୁ ଦେଖୁଥାଆନ୍ତି । ମାଲୁ-ଘୋଡା ଅଦୃଶ୍ୟ ହେଲାରୁ ରଜା କୋରଡ଼ରୁ ବାହାରି ଗୋଟେ ଜଙ୍ଗଲ ବାଟରେ ଉଡ଼ି ଉଡ଼ିକା ଗଲେ, ଯାଉଁ ଯାଉଁ ଗୋଟେ ଅଗ୍ନାଗ୍ନି ବନସ୍ତ ମଝିରେ ହୋଇଛନ୍ତି, କାନରୁ ମନ୍ତ୍ରା କାଠିଟା ଖସି ପଡ଼ିଲା । ରଜା ତ ଭୁଷ୍‌କିନା ତଳେ କଚୁଡ଼ି ହୋଇ ପଡ଼ି ଗଲେ, ଆଉ ଜ୍ଞାନ ନାହିଁ ।

ସେ ବଣର ନାଆଁ ହେଉଛି ଗହୃଳିଆ ବନସ୍ତ,

ସେଥିରେ —

ସେ ବଣରେ ଗୋଟେ ଯୋଗୀ ଥାଏ । ଦଇବଯୋଗକୁ ସେ ସେଇ ବାଟରେ ଯାଉଁ ଯାଉଁ ରଜାଙ୍କୁ ଦେଖିଲା । ଝଟପଟ ହୋଇ ପାଖକୁ ଯାଇକରି ଦେଖେ ତ, — ଲୋକଟାର ଚେତା ଚଇତନ ନାହିଁ । ସେ ସେଇଲାଗେ ଗୋଟେ ଗଛର ପତର ଗୋଟାକେତେ ଆଣି ତାକୁ ମନ୍ତ୍ରଦେଇ ରସକୁ ରଜାଙ୍କ ନାକରେ ଚେଷ୍ଟିଦେଲା । ରଜା ତ ଥାଙ୍ଗେ ଥାଙ୍ଗେ ଖାଜ । ଯୋଗୀ ତାଙ୍କୁ ସାଙ୍ଗରେ ନେଇ ଆପଣା ମଠକୁ ଗଲା । ରଜାଙ୍କୁ ଚେଲା କରି ରଖିଲା । ରଜା ମଠରେ ବାସନ କୁସନ ମାଜାମାଜି, ଫୁଲ ତୋଳା, ଘରଦ୍ୱାର ଓଳାପୋଛା ସବୁ କରୁଥାଆନ୍ତି । ଯୋଗୀ ରଜାଙ୍କୁ ସବୁଆଡ଼ ଛୁଡ଼ି କରି ଦେଇଥାଏ, ମାତ୍ର ଗୋଟିଏ ଘରକୁ ଯିବାକୁ ବାରମ୍ବାର ନାହିଁ କରିଥାଏ ।

ରଜା ଭାବୁଛନ୍ତି — "ସବୁ ଘର ତ ଦେଖେଇଲା, ଏ ଘରଟା କିଆଁ ଦେଖଉ ନାହିଁ ?" ହେଲେ ଭୟରେ ଯୋଗୀଙ୍କୁ କିଛି ପଚାରି ପାରନ୍ତି ନାହିଁ ।

ଏବେ ଯୋଗୀ ରଜାଙ୍କୁ କହିଲା – "କାଲି ସଙ୍କରାନ୍ତି ହେବ ବୋଲି ମୁଁ କାଳିପୂଜା ଉପରବ ସବୁ ଆଣିବାକୁ ଯାଉଛି, ତୁ ଥାଆ; କିନ୍ତୁ ଦେଖ ସେ ଘରକୁ କେବେ ଯିବୁ ନାହିଁ ଟି !" ଏହା କହି କାଳୀପୂଜା ଉପରବ ଆଣିବ ବୋଲି ଗଲା । ସେହି ଘରଟି ଦେଖିବାକୁ ତ ରଜାଙ୍କର ଏକ ଲୋଭ ଲାଗିଚି । ସେ ଅଧୀର ହେଉଛନ୍ତି କେତେବେଳେ ? ଯୋଗୀ ଗଲାକ୍ଷଣି ସେ କଣ କଲେ ନା, ମଠର ପାଞ୍ଚ ଦୁଆର, ବାଡ଼ ଦୁଆର ଡିଙ୍ଗି ଦେଇ ସେଇ ଘରର ଦୁଆରଟି ଫିଟେଇ ଦେଲେ । ଯାହା ଦେଖିଲେ, ସେଥିରେ ରଜାଙ୍କର ହୃତ୍କମ୍ପ ! ସେ ଘରେ କଅଣ ହେଉଛି ନା, ସାତୋଟି ନରମୁଣ୍ଡ, ମଥାନରେ ଝୁଲନ୍ତ ହୋଇଚି । ଯେତେ ଅଧା ଜୀଅନ୍ତା ମଣିଷ ସବୁଙ୍କର ଆଖିରୁ ଲୁହ ବୋହୁଚି, ଯାହା ଦେଖି – ରଜାଙ୍କର ପିଳେହି ପାଣି । ରଜା କାଠଭୂତ ହୋଇ ରହିଗଲେ । ସେଇଲାଗେ କଟା ମୁଣ୍ଡଗୁଡାକ କର କର ହୋଇ ହସି ଉଠିଲେ ; କହିଲେ – "ଆମଙ୍କୁ ଦେଖି କଅଣ ଡରକା ହେଉଛୁ ? କାଲିକି ତୋର କଣ ହବ ସେ କଥା ଆଗେ ବୁଝ୍ ।"

ରଜା ପଚାରିଲେ – କଅଣ ?

ଏ ମୁଣ୍ଡ ଭିତରୁ ଗୋଟାଏ ମୁଣ୍ଡ କହିଲା – " ଏ ଗୋଟେ ଦେବୀ ପୂଜା କଲାବାଲା ଯୋଗୀ । ଆମ ସାତଜଣଙ୍କୁ ଆଗ ଆଗ ଇମିତି ଚେଲା କରି ରଖି ଶେଷକୁ ଦେବୀଙ୍କ ଆଗରେ ବଳି ଦେଲା । ତତେ ବି ସେୟା କରିବ । ଆଠୋଟି ବଳିପରେ ତାର ଅଗ୍ନିବେତାଳ ସାଧନା ପୂର୍ଣ୍ଣ ହବ । ତୁ ଯେବେ ଗୋଟାଏ କଥା କରନ୍ତୁ, ତେବେ ଆପେ ରକ୍ଷା ପାଆନ୍ତୁ, ଆମକୁ ବି ବଞ୍ଚାନ୍ତୁ ।"

ରଜା କହିଲା – କଅଣ କରିବି, କହ ।

ମୁଣ୍ଡ କହିଲା – " କାଲି ଯୋଗୀ ତତେ କାଳୀଙ୍କ ପାଖକୁ

ନେଇକରି ଜିବ ବଳି ଦବାକୁ । ସେ ଦେବୀଙ୍କି ପ୍ରଣାମ କରିବାକୁ ଯେତେ କହିଲାରୁ ତୁ କହିବୁ — "ମତେ ତ ପ୍ରଣାମ କରି ଆସେ ନାହିଁ, ତମେ ଟିକିଏ ବତେଇ ଦିଅ ।" ମନ୍ତ୍ର ଶୁଣିଲେ ସେ ଯେତେ ପ୍ରଣାମ ବତେଇ ଦବାକୁ ଆପେ ପ୍ରଣାମ କରିବ । ସେ ପ୍ରଣାମ କରିବାକୁ ମୁଣ୍ଡ ନୁଆଁଇବାବେଳେ କାଳୀଙ୍କ ହାତର ଖଣ୍ଡାରେ ଗୋଟେ ହାଣିଦବୁ ।" ମୁଣ୍ଡ ରଜାଙ୍କୁ ମନ୍ତ୍ର କହୁଛି, ଯୋଗୀ ଆସି ଦୁଆରେ ଡାକିଲା । ରଜା ଅଜାଡ଼ି କରି ମୁଣ୍ଡ ଘରର ଦୁଆରଟାକୁ ପକେଇ ଦେଇ ପଳେଇ ଗଲେ । ସେ ମୁଣ୍ଡଗୁଡ଼ାକ କମିତି କହୁଥିବେ ସେ କଥାଟି ଆଉ ପଗୁରିବାକୁ ରଜାଙ୍କୁ ଡର ସହିଲା ନାହିଁ ।

ରଜା ସେ ଘରକୁ ଆଉ ଥରେ ଯିବାକୁ ଯେତେ ଚୁଙ୍ଗିପାଙ୍ଗି ହେଲେ, କିଛି ଓର ପଟିଲା ନାହିଁ । ମନେ ମନେ ଭାବୁଥିଲେ — "ଯୋଗୀ ଶୋଇ ପଡ଼ିଲେ ଯିବି ।" ହେଲେ ସନ୍ଧ୍ୟା ବେଳଠୁଁ ଯୋଗୀ ତାଙ୍କୁ ହାତ ଗୋଡ଼ ବାନ୍ଧି ଗୋଟେ ଘରେ ପକେଇ ଦେଲା ।

ଆରଦିନ ଯୋଗୀ ରଜାଙ୍କୁ ଗାଧୋଇ ପାଧୋଇ ଦେଇ କାଳୀପୂଜା ଘରକୁ ନେଇଗଲା । ଯୋଗୀ କାଳୀପୂଜା କରି ବସିଲା, ରଜା ହାତ ଯୋଡ଼ି ମନେ ମନେ ମାଆ କାଳୀଙ୍କି ଡାକି କାକୁତି ମିନତି ହୋଇ ଠିଆ ହୋଇଥାଆନ୍ତି ।

ପୂଜା ସରିଲା, ଯୋଗୀ ରଜାଙ୍କୁ କହିଲା — "ଠାକୁରାଣୀଙ୍କି ଦଣ୍ଡ ପ୍ରଣାମ କର ।" ରଜା କହିଲେ, "ପ୍ରଣାମ କିଅଣ ମୁଁ ତ ଜାଣେ ନାହିଁ, ମତେ ଟିକିଏ ବତେଇ ଦିଅ ।"

"ହଉଟି ଏମିତି" ବୋଲି ଯୋଗୀ ଲ-ମ୍ବ ହୋଇ କାଳୀଙ୍କ ଆଗରେ ଦଣ୍ଡ ପ୍ରଣାମ କରି ପଡ଼ିଗଲାବେଳକୁ ରଜା ଚଟ୍‌କନା କାଳୀଙ୍କ ହାତରୁ ଖଣ୍ଡାଟାକୁ ଝିଙ୍କି ଆଣି ସେ ଅଲକ୍ଷଣା ଯୋଗୀକୁ ଗୋଟେ ଦେଲେ ଯେ, ଏକା ଗୋଟକେ ଯୋଗୀ

ଧି ଗଡ଼ ।

ସେଇଲାଗେ ମାଆ କାଳୀ ପ୍ରସନ୍ନ ହୋଇ ସେଠାରେ ଉଭା ହେଲେ, ରଜାଙ୍କୁ ବର ଲାଢ଼ିଲେ, କହିଲେ —

" ଅଗମ ବଳୀ କଲୁ ମୋର ପୂର୍ତ୍ତି
ଯେ ଇଚ୍ଛା ବର ଦେବି ମାଗି ଘେନ ।"

ଏହା ଶୁଣି ରଜା ସାତୋଟିଯାକ କଟାମୁଣ୍ଡ, ସେ ଘରୁ ଆଣି ଠାକୁରାଣୀଙ୍କ ଆଗରେ ଥୋଇଦେଇ କହିଲେ — "ମା ! ଏମାନଙ୍କୁ ବଞ୍ଚେଇ ଦେ ।"

କାଳୀ କହିଲେ — "ଧନ୍ୟ ତୋ ଧର୍ମବୁଦ୍ଧି ! ଇନ୍ଦ୍ର, ସମ୍ପଦ ମାଗିଥିଲେ ସୁଦ୍ଧା ମୁଁ ଦେଇଥାନ୍ତି । ହଉ, ମୋ ପାଦୁକ ପାଣି ତାଙ୍କ ଉପରେ ଛିଞ୍ଚି ଦେ, ସେମାନେ ବଞ୍ଚିବେ ।" ଏହା ବୋଲି — କାଳୀ ଅନ୍ତର୍ଦ୍ଧାନ ହୋଇଗଲେ ।

ରଜା ତ କାଳୀଙ୍କ ପାଦୁକ ପାଣି ସେ ସାତୋଟି ମୁଣ୍ଡ ଉପରେ ଛିଞ୍ଚି ଦେଲାକ୍ଷଣି ସାତ ଜଣଯାକ ଚେଇଁ ଶୋଇଲା ପରି ଉଠି ଠିଆ ହେଲେ । ସେଇଲାଗେ ସମସ୍ତେ ଧାଡ଼ି ହୋଇ ରଜାଙ୍କ ଗୋଡ଼ତଳେ ପଡ଼ିଗଲେ ।

ରଜା ପଚାରିଲେ — "ତମେ ସବୁ କିଏ ? ଘନସ୍ତୁଙ୍କ କମିତି ଅଇଲ ?"

ସେ ସାତ ଜଣଯାକ କହିଲେ, "ମହାରାଜ, ଆମେ ସାତ ଭାଇ କନକଦ୍ୱୀପର ରାଜକୁମାର, ଆମ ଭଉଣୀ ସୁଷମା ମାଲତୀ ଇଚ୍ଛାବର କରିବାକୁ କନକ ପର୍ବତରେ ସିଦ୍ଧେଶ୍ୱରୀ ପୂଜା କରୁଥିଲା, ତାକୁ ତ୍ରିବାଙ୍କୁଜ ଅସୁର ହରଣ କରି ନେଲା । ତାକୁ ଖୋଜିବାକୁ ଆସି ଆମର ଏ ଦଶା ।" ଏହା ଶୁଣି — ରଜାଙ୍କ ମୁଣ୍ଡରେ ବଜ୍ରପାତ ହେଲା । ସେ କିଛି ନ କହି ମୁଣ୍ଡରେ ହାତ ଦେଇ ଲଥକିନା ବସି ପଡ଼ିଲେ । କୁମାରମାନେ ତାଙ୍କୁ

ସେତେ ପ୍ରକାରେ ବୁଝାଇଲେ ସେତେ କୁହାକୁହି କଲେ, 'ଆମ ସାଙ୍ଗରେ ଆସ' ବୋଲି ସେତେ ଆଦର କରି ଡାକିଲେ, ରଜା କିଛି ଶୁଣିଲେ ନାହିଁ । ସେ ସେଇଠୁଁ ବାପାଙ୍କ ଘର ଛାଡ଼ି ସୁପମାମାଳତୀଙ୍କୁ ଖୋଜିବାକୁ ଗଲେ ।

କୁମାରମାନେ ଆଉ କ'ଣ କରିବେ ? ଆପଣା ଦେଶକୁ ବାହୁଡ଼ିଗଲେ । ସେ ଦେଶ ରଜା ଭା'ରି ଧର୍ମିଷ୍ଠ, ଭାରି ଭଲ, ତାଙ୍କର ସାତ ପୁଅରେ ଗୋଟିଏ ବୋଲି ଝିଅ 'ସୁପମା ମାଳତୀ' ଭାରି ସୁନ୍ଦରୀ, ସବୁ ପାଠରେ ଜିତା, ସବୁ ଗୁଣରେ ପଣ୍ଡିତା, ସାତ ଭାଇରେ ଭଉଣୀ, ସମସ୍ତଙ୍କର ଆଦରର ଧନ । ସେ ରଜା ଜେମାସମାନେ ବର ଖୋଜି ଖୋଜି ଥକି ଗଲେ, ଜେମାଲାଏକ ବର କେଉଁଠି ମିଳିଲା ନାହିଁ । ଶେଷକୁ ସୁପମାମାଳତୀର ଚିତ୍ରପଟଟି ରାଇଜକୁ ରାଇଜ ହୋଇ ବୁଲେଇଲା ମାତ୍ର ତା ସୁନ୍ଦରପଣ ଦେଖି ଆଉ ସବୁ ରଜାମାନେ ଲାଜରେ ମୁହଁ ତଳକୁ ପୋତି ରହିଲେ, ବିଭା ହେବେ କ'ଣ ?

ରଜାଙ୍କର ଭାବନା ପଡ଼ିଲା — "କ'ଣ କରିବା ? ସୁପମାମାଳତୀଙ୍କୁ କାହାକୁ ଦେବି ?" ଲୁ ବୋଲି ବିଗୁଣ୍ଡି — ଝିଅକୁ କହିଲେ, "ଜେମା !

'ଜନ୍ମ ଦିଅନ୍ତି, ପିତାମାତା
କରମ ଦିଅଇ ବିଧାତା ।'

ମୁଁ କିନା ତୋତେ ଜନ୍ମ ଦେଇଥିଲି, କିନ୍ତୁ ଦଇବ ତୋ ପାଇଁ କେଉଁଠି ବରପାତ୍ର ସୃଷ୍ଟିଛି ମୁଁ ଖୋଜି ଖୋଜି ଥକିଗଲିଣି, ତୁ ଏଥର ମନକୁ ଗୁହିଁ ଇଚ୍ଛାବର କର । ବର ବରଣ କରି ମୋତେ କହିଲେ ମୁଁ ସେଇ ଇଚ୍ଛାବର ସାଙ୍ଗେ ତୋର ବିଭା କରିଦେବି ।"

ସୁପମାମାଳତୀ କହିଲା — ହଉ, ବାବା ! ମତେ କିଛିକ

ପର୍ବତରେ ସିଦ୍ଧେଶ୍ୱରୀଙ୍କ ପାଖରେ ରଖେଇ ଦିଅ, ମୁଁ ତାଙ୍କୁ ପୂଜା କରି ଯେଉଁଠି ଥିବି, ସେଠିକି ଦେବୀଙ୍କର ଯାହା ଦୟା ହେବ ।

ରଜା ସିଦ୍ଧେଶ୍ୱରୀଙ୍କ ପାଖେ ଯେମା ପାଇଁ ଉଆସ ତୋଳେଇ ଦେଲେ, ଆଉ ଯେମା ଚଳିବା ଭଳି ସବୁ ସୁବିଧା କରିଦେଲେ । ପାଇକ, ପିଆଦା, ଧାଈ, ପୋଇଲୀ ସବୁ ପାଖରେ ଦେଲେ । ସୁଷମାମାଳତୀ ମନ ଲାଖି ବର ପାଇବା କାମନାରେ ସିଦ୍ଧେଶ୍ୱରୀଙ୍କ ଠାରେ ଲାଗୁ ରହି ସେହି କନକ ପର୍ବତରେ ଥାଏ ।

ଏ କଥା ତ୍ରିବାଙ୍କୁଡ ଅସୁର କେମିତି ଶୁଣି ପାରିଲା । ସେ ଦିନେ ଅନ୍ଧାରାତରେ କନକପର୍ବତକୁ ଆସି ମାୟାରେ ସବୁ ରକ୍ଷୁଆଳମାନଙ୍କୁ ମୂର୍ଚ୍ଛା କରି ଦେଇ ସୁଷମାମାଳତୀଙ୍କୁ ନେଇଗଲା ।

ଏ ଖବର ରାଇଜକୁ ରାଇଜ ବାଜିଗଲା, ସଂସାରଯାକ ହୁଲିଆ ହୋଇ ସୁଷମାମାଳତୀ ଖୋଜାରେ ତଳେ ମାଟି ପାଣି ଉଠିଗଲା ; କିନ୍ତୁ କେଉଁଠି ତାର ଚିହ୍ନବର୍ଣ୍ଣ ମିଳିଲା ନାହିଁ । ସାତକୁ ଭାଇମାନେ ଜଣ ଜଣ ହୋଇ ଭଉଣୀକି ଖୋଜିଗଲେ । ସମସ୍ତେ ସେହି ଯୋଗୀ ହାବୁଡ଼ରେ ପଡ଼ିଲେ । ସେ ତ ଗୋଟି ଗୋଟି କରି ସମସ୍ତଙ୍କୁ ବନ୍ଦୀ ଦେଲା । ଝିଅ ଯାଇଥିଲା, ସାତୁଟାଯାକ ଭେଣ୍ଡାପୁଅ ଗଲେ ।

ରଜା ରାଣୀ ଦୁହେଁ ପୁଅ ଝିଅଙ୍କ ଚିନ୍ତାରେ ବାଇଆ ବାତୁଳ ହୋଇଯାଇଥିଲେ । ଯାହା ହେଉ, ପୁଅମାନଙ୍କୁ ଦେଖିଲାରୁ କିଛିଏ ଦମ୍ଭ ପାଇଲେ ସିନା, ହେଲେ ସୁଷମାମାଳତୀ ଚିନ୍ତାରେ ଯୋଗଜାଳ ଅନ୍ନ ପାଣି ଛାଡ଼ି କାତରାଲଗା ହୋଇ ପଡ଼ିଆଛନ୍ତି । ଏବେ ଆଉ ରଜା ସୁଷମାମାଳତୀକି ଖୋଜି ରାଇଜକୁ ରାଇଜ ବୁ-ଲୁ-ଆ-ଆ-ନ୍ତି ।

କେତେ ରାଇଜ ବୁଲିଲେ, କେତେ ବଣ ଜଙ୍ଗଲ ବୁଲିଲେ,

B 105

ଖିଆ ନାହିଁ, ନା ପିଆ ନାହିଁ, ନା ଶୁଆ ନାହିଁ । ରାତିଦିନ ଖାଲି ମୃଗମାମାଳତୀ ଚିନ୍ତା, ବୁଲି ବୁଲି ଯାଇ ଗୋଟେ ଅଗମ୍ୟ ବନସ୍ତ ଭିତରେ ପହଞ୍ଚିଲେ ।

କାହାରି କାହାଠାରେ ହୁଁ ଆ ନାହିଁ, ହେଲେ ରଜାଙ୍କୁ କଅଣ ତ ଦିଶୁଛି, ସେ ସିମିତ ମୃଗୁଟି ଗୋଡ଼ ଯାଉଛନ୍ତି, ଯାଉଁ ଯାଉଁ ଆଗରେ ଗୋଟେ ପର୍ବତ ପଡ଼ିଲା । ରଜା ଥକ୍କା ମରା ହୋଇ ଠାଏ ବସିଗଲେ । ଉପରକୁ ଚାହିଁ ଦିଅନ୍ତି ତ, ପର୍ବତ ଉପରେ ଗୋଟିଏ ଋଷିଙ୍କ ମଠ ଆ ଦିଶୁଛି । ରଜା ଭାବିଲେ "ନିଶ୍ଚୟ ଭିତରେ କିଏ କେହି ସିଦ୍ଧ ପୁରୁଷ ଅଛନ୍ତି, ତାଙ୍କରି ତପସ୍ୟା ପ୍ରଭାବରେ ଏ ବଣରେ ଏପରି ମାହାତ୍ମ୍ୟ ।" ଯା ବସିରୁ ପର୍ବତ ଉପରକୁ ଉଠିଲେ । ଉପରକୁ ଯାଇ ଚାହିଁ ଦିଅନ୍ତି ତ — ଋଷିଙ୍କ ପତ୍ରକୁଡ଼ିଆ, ତା' ଆଗରେ ଯାଗକୁଣ୍ଡ, କୁଣ୍ଡରେ ହୁତ୍ ହୁତ୍ ହୋଇ ନିଆଁ ଜଳୁଛି, ଆଉ ତା' ମଝିରେ ଜଣେ ସିଦ୍ଧପୁରୁଷ ଉପରକୁ ଗୋଡ଼ ଯୋଡ଼ିକି କରି, ତଳକୁ ମୁଣ୍ଡ କରି, ଆଖି ବୁଜି, ତପସ୍ୟା କରୁଛନ୍ତି ।

ରଜା ସେ ଋଷିଙ୍କ ପାଖରେ ଅଧିଆ ଦେଇ ପଡ଼ି ରହିଲେ । ସାତ ଦିନ ସାତ ରାତି ବିତିଗଲା, ତେବେ ମୃଗା ଅଖିଆ ଅପିଆରେ ମୁହଁମାଡ଼ି ପଡ଼ିଥାନ୍ତି ।

ସାତଦିନ ଉତାରୁ ସିଦ୍ଧପୁରୁଷଙ୍କ ଧ୍ୟାନ ଭାଙ୍ଗିଲା । ସେ ନିଆଁ ଭିତରୁ ବାହାରକୁ ଆସିଲେ । ରଜା ଦେଖନ୍ତି ତ, ନିଆଁରେ ପଡ଼ି ପଡ଼ି ସୁଦ୍ଧା ତାଙ୍କ ଦେହ ଟିକିଏ ମଇଳା ଦିଶୁନାହିଁ । ଅଧିକେ ତାତିଲା ସୁନା ପରି ଦାଉ ଦାଉ ଝଟକୁଛି ।

ସିଦ୍ଧପୁରୁଷ ରଜାଙ୍କୁ କହିଲେ — "ଆରେ ବାବା ! ଉଠ୍ ଉଠ୍, ତୁ ମୃଗମାମାଳତୀଙ୍କ ପାଇଁକି ବୋଲି ଏତେ ଭ୍ରମି ହେଉଛୁ ଯେ, ସେ କଅଣ ଏ ଲୋକରେ ଅଛି ଯେ, ତୁ

ତାକୁ ପାଇବୁ ? ତାକୁ ତ ତ୍ରିବାଙ୍କୁଶ ଅସୁର ନେଇ ପାତାଳପୁରୀରେ ଲୁଚେଇ କରି ରଖିଛି ।"

ରଜା କହିଲେ – "ମୁଁ ସୁନାମାମାଲତୀଙ୍କି ପାଏ ଅବା ନ ପାଏଁ ତାର ଚେଷ୍ଟାରେ ଏ ପ୍ରାଣ ଦେବି ବୋଲି ସଂକଳ୍ପ କରିଛି । ଆପଣ ତ ମହାପୁରୁଷ । ଦୟାକରି ମତେ କହ, ସୁନାମାମାଲତୀଙ୍କି ମୁଁ କେମିତି ପାଇବି ; ନହେଲେ ଏଇ ଯାଗକୁଣ୍ଡରେ ଝାସ ଦେଇ ପ୍ରାଣ ଦେବି । ଏହା ଶୁଣି ସିଦ୍ଧପୁରୁଷଙ୍କର ଦୟା ହେଲା । ସେ ରଜାଙ୍କୁ ଗୋଟିଏ କଳା ବାଦୁଡ଼ି ଆ ମିରଗଛାଲ ଦେଲେ, କହିଲେ – "ଏଇ ପର୍ବତ ତଳେ ତଳେ ପାତାଳ କନ୍ଦରକୁ ବାଟ ଅଛି । ତୁ ଏଇ ଛାଲରେ ବସି ସେଇ ବାଟରେ ଯା, ମାୟାପୁରରେ ସୁନାମାମାଲତୀଙ୍କି ଦେଖିବୁ ।" ଏହା ବୋଲି ସିଦ୍ଧ ପୁରୁଷ ସେଇଠାରେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ । ଆଉ ରଜା ସେ ମିରଗଛାଲରେ ବସି ପାତାଳ କନ୍ଦରରେ ପଶିଲେ ।

ପାତାଳକନ୍ଦର ବାଟ ଖାଲି ଅନ୍ଧାର କିଟିକିଟି । କିଛି ଦିଶୁ ନାହିଁ, ଗୁହାପଟରୁ ବିକଟାଳ ଶବଦ ଆସି ଖାଲି କାନ ଅତଡ଼ା ଫାଡ଼ି ଯାଉଛି । ସେ ଶବଦ ଶୁଣି ରଜାଙ୍କର ଛାତି ଶୁଖି ଯାଉଥାଏ, ତେବେ ସୁଦ୍ଧା ସେ ଅନ୍ଧାରରେ କିମିତି ଦରାଣ୍ଡି ଦରାଣ୍ଡି ହୋଇ ଯାଉଥାଆନ୍ତି ।

ଯାଉଁ ଯାଉଁ ଆଗରେ ମାୟାପୁର ପଡ଼ିଲା । ଅପୂର୍ବ ସୁନ୍ଦର ପୁର ହୋଇଛି । ମାୟାରେ ଖାଲି ଗୁହଆଳ ଝଟ ଝଟ ଚହଟ, ମହ ମହ ବାସନା, ଗହ ଗହ ଶବଦ, ହେ ହେ ହସ, ଚହ ଚହ ଠାସ, ହେଲେ ଜନପ୍ରାଣୀର ଚିହ୍ନ ନାହିଁ ।

ସେ ପୁର ମଝିରେ ମସ୍ତବଡ଼ ଏକ ପୋଖରୀ । ପାଣି ଗୁଡ଼ାକ ଖାଲି କଳାଭଅଁର ପରି ଦିଶୁଛି, ଆଉ ଝକମକ ହୋଇ ଫୁଟୁଛି । ପୋଖରୀ ମଝିରେ ଦୀପଦଣ୍ଡି । ତା' ଭିତରେ

ଅପୂର୍ବ ସୁନ୍ଦରୀ କନ୍ୟାଟିଏ କରପତ୍ର ଯୋଡ଼ି ଆଣ୍ଠୁମାଡ଼ି ବସିଛି । ରଜାଙ୍କୁ ସେ ନିଶଟଟାଲ ନେଇ ସେଇ କନ୍ୟା ପାଖରେ ଛାଡ଼ିଦେଲା ।

ରଜା ଦୀପଦଣ୍ଡିକି ନେଇ ଦେଖନ୍ତି ତ, ସେ ଗୋଟିଏ ପଥର ପିତୁଳା । ସାକ୍ଷାତେ ମଣିଷ ପରି ଶୁହୁଁଛି । ତା ତାଳୁରୁ ତଳପାଯାଏ ଅଙ୍ଗ ଅଳଙ୍କାର ଖଞ୍ଜା ହୋଇଛି । ଆଉ ହାତରେ ଗୋଟିଏ ହୀରାର ଛାପ ମୁଦି ଜକ ଜକ ହୋଇ ଝଟକୁଛି, ସେ ମୁଦିରେ ଲେଖା ହୋଇଛି 'ସୁଷମାମାଳତୀ' । ଏହା ଦେଖି ରଜାଙ୍କ ନିଆଁ ଖୁଣ୍ଟା ଗୁଞ୍ଜିଲା ପରି ଲାଗିଲା । ସେ କହିଲେ- "ଆହା ପାପିଷ୍ଠ କି କଲା ! ତରପରା ସୁନା ପିତୁଳାକୁ ଆଣି ପଥର କରିଦେଲା ।" ଏହା ବୋଲି ଦୁଃଖିନା କାନ୍ଦୁଡ଼ି ହୋଇ ପଡ଼ିଗଲା ବେଳକୁ ତାଙ୍କ ହାତଟା ସେଇ ପଥର ପିତୁଳା ଦେହରେ ବାଜିଗଲା । ସେ ଝେଇଁଲାଗେ ଜୀଇ ଉଠି ବସିଲା । ଏହା ଦେଖି ରଜା ତ ଆଚମ୍ବିତ ! କହିଲେ, "ଏଁ ! ଏଁ ! ଏ କଅଣ ? ତୁମେ କିଏ ? ଇମିତ ପଥର ପାଲଟି ଯାଇଥିଲ କାହିଁକି ? ପୁଣି ଜୀଅନ୍ତା ଦେହ ପାଇଲ କିମିତ ?" ରଜା ଏହା ବୋଲି ପଚାରିଲାରୁ କନ୍ୟା କହିଲା — ଅସୁର ମୋର ସେଇ ପାଷାଣ ରୂପକୁ ସୁଆ ଲୋଭ କରି ଆଣି ରଖିଛି ।" ଏହା କହି ସୁଷମା ମାଳତୀ ରଜାଙ୍କୁ ଦଣ୍ଡପ୍ରଣାମ କରି କାନ୍ଦ କାନ୍ଦ ହୋଇ ଠିଆ ହେଲା ।

ରଜା କହିଲେ - ଅସୁର ଭଲା ଏଠେଇଁକି କେବେ ଆସେ ? ସୁଷମାମାଳତୀ କହିଲା — "ହଁ, ଜଣେ ଆସୁଛି, ମତେ ଶୁଭୁଛି, ମୁହଁଟି ଝୁମ୍ପେଇ ଦେଇ ପୁଣି ଯାଉଛି । ମୁଁ ସିନା ପାଷାଣ ପାଲଟିଥାଏ, ମତେ ସବୁ ଜଣା ପଡ଼ୁଥାଏ ଯେ । ଏବେ ତ ଅସୁର ଅସିଲାବେଳ ହେଲାଣି, କଅଣ କରିବା ?"

ରଜା କହିଲେ — "କିଛି ଚିନ୍ତା ନାହିଁ, ମୋ ସଙ୍ଗରେ

ଆସ ।" ଏହା ବୋଲି ରଜା ସୁପମାମାଳତୀଙ୍କି ଘେନି ସେହି ମିରଗ ଛାଲରେ ବସିଲେ, କହିଲେ - "ହେ ମିରଗଛାଲ ! ଆମଙ୍କୁ ନେଇ କନକଦ୍ୱୀପର କନକ ପର୍ବତରେ ଥୁଆଇ ଦେ ।"

ସେଇଲାଗେ ସେ ମିରଗଛାଲ ତାଙ୍କୁ ନେଇ କନକଦ୍ୱୀପର କନକ ପର୍ବତରେ ଥୁଆଇଦେଲା । ସେଇ ପର୍ବତରେ ସୁପମାମାଳତୀ ସିଦ୍ଧେଶ୍ୱରୀ ପୂଜା କରି ତାଙ୍କଠୁ ଆଙ୍କାମାଳ ଆଣି ରଜାଙ୍କୁ ସେହି ମାଳ ଦେଲା । ଦେଇ ରଜାଙ୍କୁ ଇଚ୍ଛାବର ବରିଲା ।

ଗୁହ୍ଣ ଗୁହ୍ଣ ଏ କଥା ରଜାଙ୍କ କାନକୁ ଗଲା । ଝିଅ ଦୁଃଖରେ ତ ମା ବାପ ମୋଟେ କନ୍ଦାଳିଆ ହୋଇ ଯାଇଥିଲେ । ଏହା ଶୁଣିବା ମାତ୍ରେ ତାଙ୍କର ସବୁ ରୋଗ ବଇରାଗ କୁଆଡ଼େ ଥୁଆଇ ପଳେଇଲା । ରଜା ସେଇଲାଗେ ସାତପୁଅଙ୍କୁ ଘେନି ପାତ୍ର ମନ୍ତ୍ରୀ, ଯାନବାହନ ନେଇ ଝିଅ ଜୋଇଁଙ୍କି ପାଛୋଟି ଆଣିବାକୁ ଗଲେ ।

ଦେଖିଲା ବେଳକୁ ଝିଅର ସୁନ୍ଦରପଣକୁ ବଳି ଜୋଇଁର ସୁନ୍ଦରପଣ । ତା' ଦେଖି ରଜାଙ୍କ ବୁକୁ କୁଣ୍ଢେ ମୋଟ ।

ସୁପମାମାଳତୀ ବାପାଙ୍କ ଉଆସକୁ ଗଲା ; ବାପ ରଜା ଜୋଇଁ ରଜାକୁ ଅଲଗା ନଅରରେ ରଖି ଦୁଇଶାଳମୋଗ ଲୋକ ସବୁ ଖଞ୍ଜି ଦେଲେ । ତା' ଉତାରୁ ଦିନବାର ବୁଝି ବିଭାଘର କଲେ । କେତେ ଆନନ୍ଦ ଉତ୍ସବ ହେଲା, କେତେ ଗୀତ ନାଟ ହେଲା, କେତେ ବାଣ ଫୁଟିଲା, ଖିଆପିଆ ଦିଆ ନିଆରେ ଧୂଳା ଉଡ଼ିଗଲା । ବାଇଦ ବାଜଣାରେ ରାଇଜ ଦୁଲୁ ଦୁଲୁ କମ୍ପିଲା । ଚଉଠି ସାତମଙ୍ଗଳା ସରିଲା ; ଜୋଇଁ ରଜା ଆପଣା ରାଇଜକୁ ଯିବାକୁ କହିଲେ । ଶାଶୁ ଶଶୁର କେତେ ଦରବ ଯାଉତୁକ ଦେଲେ, ଚତୁରଙ୍ଗ ବଳ ସାଙ୍ଗରେ ଦେଲେ । ରଜା ସୁପମାମାଳତୀଙ୍କି ଘେନି ବୋଇତରେ ବସି ଆପଣା

ଦେଶଙ୍କୁ ଅନୁକୂଳ କଲେ ।

ଯାଉଁ ଯାଉଁ ବାଟରେ ତ୍ରିବାଙ୍କୁଜ ଅସୁର ବିରଜକନ୍ୟା ଦହୁଛି ଦେଖିଲା, ଦେଖି କରି ତ ରାଗରେ ନିଆଁବାଣ । ସେଇଲାଗେ ମାଣ୍ଡୁବଗାନ କଲା ସେ, ସେ ବଡ଼ାଣ ବାହାରେ ସମୁଦ୍ର ପାଣି ଖାଲି ପକାଉଣା ହୋଇ ନାଚିଲା । ଗର୍ଜନରେ କାହାରି କଥା କାହାରିକି ଶୁଭିଲା ନାହିଁ । ଗୁମ୍ଫ ଗୁମ୍ଫ ବୋଇତଟା ବୁଡ଼ୁ, କିଏ କୁଆଡ଼େ ଭାସିଗଲେ, ତା'ର ଠିକଣା ନାହିଁ । ଅସୁର ସେବ ନିରଗହ୍ବାଲରେ ସୁଷମାମାଳତୀଙ୍କି ବସେଇ ଦେଲା ।

ଏଣେ ରଜା ଭାସି ଭାସି ଯାଇ ଗୋଟିଏ ନଈମୁହାଣରେ ଲାଗିଲେ । ଆସ୍ତେ, ଆସ୍ତେ, କୂଳକୁ ଉଠିଯାଇ ଦେଖନ୍ତି ତ — ନଈରେ ହୀରାଫୁଲ ଗୁଡ଼େ ଭାସି ଭାସି ଆସି ସମୁଦ୍ର ପାଣିରେ ପଡ଼ଲାଗଣି ଉଭେଇ ଯାଉଛି । ଯା ଦେଖି — ରଜା ତ ଆଚମ୍ବିତ । ବିଗୁଡ଼ିଲେ — "ଯାହାଲାଗି ଏତେ ଦୁଃଖ ସହି, ସାତ ସମୁଦ୍ର ତେର ନଈ ଡେଇଁ ଅଇଲି, ସେ'ତ ଗଲା, ଆଉ ଏ ଜୀବନରେ କାର୍ଯ୍ୟ କଅଣ ! ଯାହାହେଉ, ଯାଉଛି ଏ ହୀରାଫୁଲ କୋଉଠୁ ଭାସି ଆସୁଛି ଦେଖିବି ।" ଯା ବିଗୁଡ଼ି ନଈ କୂଳ କୂଳ ଯାଉଥାଆନ୍ତି ।

ଯାଉଁ ଯାଉଁ ଆଗରେ ଗୋଟେ ପର୍ବତ ପଡ଼ିଲା — ସେଇ ପର୍ବତ ଉପରୁ ଝରି ଝରି ଏ ନଈ ବୋହି ଆସୁଛି । ସେଇ ଝରଣା ପାଖରେ ଅଟକିଲେ ହୀରାଫୁଲ ।

ରଜା ପର୍ବତ ଉପରକୁ ଉଠିଲେ, ଉଠିକରି ତ ଝରଣା ବାଟ ଯାଉଛନ୍ତି କି ନାହିଁ, ହାଉକିନା ପାଟିଟେ କାନଦେଇ ଶୁଣୁଁକା ଚମକି ପଡ଼ିଲେ ।

ସେଠେଇ କଅଣ ହେଉଛି ନାଁ, ଗୋଟେ ଜବର ବଡ଼ ଗୁମ୍ଫା, ସେଇ ଗୁମ୍ଫା ଦୁଆରେ ଗୋଟେ ମସ୍ତବଡ଼ ଅସୁର ଆଁ

କରି ବସିଛି, ତା ଆରି ପାଟିରୁ ନଈଧାର ଜୋହ୍ନ ଆସୁଛି, ଆଉ ସେଇ ଅସୁର ମୁଣ୍ଡ ଉପରକୁ ଟାଙ୍ଗ ପଲଙ୍କ ପଡ଼ିଛି, ସେଥିରେ ସୁଷମାମାଳତୀ ଶୋଇଛି । ତା ଦେହକୁ, ହ' ଗଢ଼ । କଣ୍ଠା ଥାନରୁ ଝର ଝର ହୋଇ ରକତ ଜୋହ୍ନପରି ନଈରେ ପଡୁଛି । ପଡ଼ୁଲାକ୍ଷଣି ରକତ ଟୋପାମାନ ହୀରାଫୁଲ ପାଲଟି ଯାଉଛି, ଆଉ ସେ ସୁଅରେ ଭାସି ଯାଉଛି । ଏହା ଦେଖି ରଜାଙ୍କର ମନ ଥରି ଉଠିଲା । ସେ ପିଲାଙ୍କ ପରି ଭୋ ଭୋ ହୋଇ ଆଗ ବହେ କାନ୍ଦିଲେ । ଶେଷକୁ ପୁଣି ମନକୁ ଦମ୍ଭ କରି ପଚାରିଲେ — "ଯାଉଛି ସୁଷମାମାଳତୀର ଶବକୁ ମୁଣ୍ଡେଇ ଭାଇଜ ଭାଇଜ ହୋଇବ । ଯେବେ ଯାକୁ ବଞ୍ଚେଇ ପାରିବ, ତେବେ ତ ଦେଶକୁ ନିବ, ନଇଲେ ଯାକୁ କାନ୍ଧରେ ପକେଇ ନେଇ ସମୁଦ୍ରରେ ଝାସ ଦେବ, ଯା ବିଗୁଣ ପଲଙ୍କ ଉପରକୁ ଉଠି ଚାହିଁ ଦିଅନ୍ତି ତ ପଲଙ୍କ ବାହାରେ କଳା-ଧଳା-ଫୁଲମାଳ ଯୋଡ଼ିଏ ଟଙ୍ଗା ହୋଇଛି, ତା ଆରି ଉପରକୁ ଧାଙ୍କ ନିଉଗଚ୍ଛାଳଟି ଝୁଲୁଛି । ନିଉଗଚ୍ଛାଳକୁ ଦେଖି ରଜାଙ୍କର ଟିକିଏ ସାହସ ବଢିଲା । ସେ ପଚାରିଲେ — "ଏ ମାଳ ଯୋଡ଼ିକ କଅଣ ?" ଯା ଉତ୍ତର କଳାଫୁଲ ମାଳଟି ସୁଷମାମାଳତୀ ଦେହରେ ପକେଇ ଦିଅନ୍ତି ତ ଅଧିକ ଝର ଝର ହୋଇ ରକତ ବୋହିଲା । ରଜା ଚଟ୍ କିନା ସେ ମାଳଟି କାଢି ପକେଇ ଧଳାଫୁଲ ମାଳଟି ପକେଇ ଦେଲେ । ପକେଇ ଦେଲାକ୍ଷଣି ତ ରକତଧାର ବନ୍ଦ । ସେଇଲାଗେ ସୁଷମାମାଳତୀର ଗଣ୍ଡିମୁଣ୍ଡ ମାନକୁ ଯୋଡ଼ି ହୋଇ ଯାଇ ସୁଷମାମାଳତୀ ଠିଆ ହେଲା ।

ରଜାଙ୍କୁ ଦେଖି ସୁଷମାମାଳତୀ କଇଁ କଇଁ ହୋଇ କାନ୍ଦି ଉଠିଲା, କହିଲା — "ମୋ ଲାଗି ତୁମେ କେତେ ଦୁଃଖ ପାଇଲ, କିନ୍ତୁ ତମ ଶ୍ରମଯାକ ଅକାରଣ, ଆଉ ମୋ

ଦେବୀପୂଜା ବି ଅକାରଣ । ଏଥର ଆଉ ତ୍ରିବାଙ୍କୁଡ଼ ଅସୁର ହାତରୁ ରକ୍ଷା ନାହିଁ ।

ରଜା ସୁଗମାମାଳତୀଙ୍କ ଦମ୍ଭ ଦେଇ କହିଲେ - କିଛି ଡରେଇ ନାହିଁ । ମୁଁ ଅଇଲିଣି, ତୁମର ଚିନ୍ତା କ'ଅଣ ? ତୁମେ ଆଗ କହିଲ, "ସେ ଅସୁର କୁଆଡେ଼ ଯାଇଛି, କେତେବେଳେ ଆସିବ, ତୁମକୁ କ'ଅଣ କହୁଛି ।"

ସୁଗମାମାଳତୀ କହିଲା — "ସେ କୁଆଡେ଼ ଯାଇଛି କେଜାଣି ? ସେ ଛଅ ଦିନ ସକାଳୁ ଉଠାକୁ ଆସୁଛି ମତେ ବନ୍ଧାଇଛି, ବାହା ହେବାକୁ କହୁଛି, ମୁଁ ନ ମାନିବାରୁ ନାନାଦି ନାନା ପ୍ରକାର ଡରୁ ଦେଖାଇ ଘୁଷି ମୋ ବେକରେ ଏ କଳା ମାଳଟି ଲଗାଇ ମାଇଦେଇ ଯାଇଛି । ଆଜି କହୁଛି — "କାଲି ଯୋବେ ମୋ କଥାରେ ରାଜି ନ ହବୁ ତେବେ ତତେ କାମାକ୍ଷୀଙ୍କ ଆଗରେ ଚେହେଦ ଦେବଇବି ।"

ରଜା କହିଲେ — ହଉ, "ସେ କାଲି ସକାଳେ ଆସିଲେ ତୁମେ ତା କଥାରେ ରାଜି ହୋଇଯିବ, କହିବ ତୁମକୁ ବାହା ହବା ତ ମହାଭାଗ୍ୟର କଥା ; ହେଲେ ତୁମେ ତ ଦେବତେଲ ତିନି ତ୍ରିଲୋକ ବୁଲୁଥିବ, କେତେବେଳେ କୋଉଠି ତୁମର ଭଲମନ୍ଦ ହୋଇଯିବ ବୋଇଲେ ମୁଁ କ'ଅଣ କରିବି ? ଇମିତି ବାଆଁରା ବାଆଁରେ କରି କହି ତା' ଜୀବନନାଡ଼ିକା କୋଉଠି ଅଛି, ଖଣ୍ଡାଖଣ୍ଡିରେ ଜାଣେଇଁ ନେବ । ଯା ବୋଲି କଥାବାର୍ତ୍ତା ହୋଇ ରଜା ସେଠିକି ଗୋଟାଏ ଗୁମ୍ଫାରେ ଲୁଚିଲେ । ଦିହେଁ ସେଇ ପର୍ବତରେ ଥାଆନ୍ତି ।

ଦିନ ଗଲା, ରାତି ହେଲା, ରାତି ପାହିଲା ବେଳକୁ ରଜା ସୁଗମାମାଳତୀଙ୍କି ମାଇ ଦେଇ ଗୋଟେ ଗୁମ୍ଫାରେ ଲୁଚି ରହିଲେ ।

ସକାଳ ହେଲାରୁ ତ୍ରିବାଙ୍କୁଡ଼ ଅସୁର ଆସିଲା । ସୁଷମାମାଳତୀଙ୍କି ଜୀଆଇଲା, କହିଲା — "କଅଣ କହୁଛୁ, କହ ? ମରିବୁ, ନାଁ ମତେ ଘେନି ଘର କରିବୁ ?"

ସୁଷମାମାଳତୀ କହିଲା — "ନାହିଁ, ତୁମ ଭଳି ଲୋକକୁ ଛାଡ଼ି ନ ହୋଇ ମରିବି କିଆଁ ?" ଏତୁ କହି ରଜା ଯାହା ଯିମିତି ଶିଖେଇଥିଲେ, ତା ସବୁ ଅସୁରକୁ ସିମିତି ପହିଲା ପାହିଲ କରି କହିଲା ।" ତା' କଥା ଶୁଣି ଅସୁର ତ ମହା ଆନନ୍ଦ ! ଅସୁର କହିଲା — "ହଇଲୋ, ମୁଁ ମରିବା କଣ ସହଜ କଥା ଯେ, ତୁ ସେଥିକି ଏତେ ଭାବଲେଣି କରୁଛୁ । ମୋ ଜୀବନଟିକ ଯାଇଁ କାହିଁ ବୋଲି କାହିଁ ଭିତରେ ଅଛି । ମୋ ମରଣ କଅଣ ସହଜରେ ଅଛି କି ?"

ସୁଷମା କହିଲା — "ମଲା ! ମରଣ ତ ସମସ୍ତଙ୍କର ଏକା । ଅଉ ପୁଣି ସଜ ଅସଜ କଅଣ ମ ।"

ଅସୁର କହିଲା — "ଆଲୋ ! ଶୁଣ୍ ତେବେ । ଏଇ ଗାଁମାଂ ଭିତରେ ଅଛି ସାତ ତାଳ ପାଣି । ସେ ପାଣି ଭିତରେ ଚଉଦ ତାଳ ପଙ୍କ । ସେ ପଙ୍କ ଭିତରେ ବସା କରିଛି ମାଛିଚୁଲ ତମ୍ବ । ସେଇ ମଛିଚୁଲର ପେଟରେ ଅଛନ୍ତି ହଂ-ହଂସୀ ଦୁଇଗୋଟି, ସେ ଦୁଇ ହେଲେ ମୋର ପ୍ରାଣ ହଂସ । ମୋର ଜୀବନ ନାଟିକା ସେଇ ସାପର ମଣିଟି । କାମାକ୍ଷ୍ୟା କାମରତ୍ନୀ ଦେବୀଙ୍କ ଖଣ୍ଡାରେ ଯେବେ କିଏ ସେ ସାପକୁ ମାରିବ, ତେବେ ତା ପେଟରେ ସେ ହଂସ ହଂସୀ ମରିବେ, ତେବେ ଯାଇ ମୁଁ ମରିବି । ଅନଳ ପାଚେରୀ କିଏ ଡେଇଁବ, ନା, କାମାକ୍ଷ୍ୟା ଦେବୀଙ୍କ ଖଣ୍ଡା ଆଣିବ, ନାଁ ସାତ ତାଳ ପାଣି ଚଉଦ ତାଳ ପଙ୍କ ଭିତରକୁ ଯିବ, ନା, ମତେ ମାରିବ ?"

ସୁଷମା କହିଲା, "ହେ । ଛମିତ କଥା ! ହଉ ତେଜ

ତୁମେ କିଛି ବ୍ୟସ୍ତ ହୁଅ ନାହିଁ ; ମୁଁ ଜଣେ ତମକୁ ଉଭା ହେବି, ହେଲେ ମୁଁ ତ ଜଣକୁ ଉଭା ହୋଇଥିଲି, ସେ ଯେବେ ତୁମେ ନ ଥିଲାବେଳେ ଉଡ଼ି ଯାଇ ପୁଣି ଏଠେଇ ଆସି ପହଞ୍ଚିଯାଏ, ତେବେ ତ ମହାନ୍ ବ୍ୟସ୍ତ ପଡ଼ିବ ।"

ଅସୁର ମୁରୁକି ମୁରୁକି ହସି କହିଲା, "ହୁଁ, ସେ ଆଉ ଜୀବନରେ ଅଛି ଯେ, ଆସିବ । ସମୁଦ୍ରରେ ପଡ଼ି ଜଳଜନ୍ତୁଙ୍କ ଜଳଖିଆ ହୋଇ ସାରିବଣି ।"

ସୁଷମା କହିଲା, "ତା ହୋଇଥିଲେ ତ ରକ୍ଷା ; ନଇଲେ ତ ମୁଁ ମରି ମରି ଆରେ ମରିବି ସିନା, ତୁମେ ତା ମଲା ମସ୍ତକ ମୋତେ ଆଣି ଦିଅ ; ତେଣିକି ମୁଁ ନିଶ୍ଚିନ୍ତ, ତମେ ବି ନିଶ୍ଚିନ୍ତ।"

ଅସୁର କହିଲା, "ଆଚ୍ଛା ! ମୁଁ କାଲିକି ତାର ମଲା ମସ୍ତକ ଆଣି ଦେଉଛି । ଯୁ! କହି ସୁଷମାମାଳତୀକି ବୋଧଶୋଧ ଦେଇ ଅସୁର ଗଲା ରଜାଙ୍କ ମଲା ମସ୍ତକ ଆଣିବାକୁ । ସେ ଦିନ ଆଉ ସୁଷମାମାଳତୀକୁ ମାଇଦେଇ ଗଲା ନାହିଁ ।"

ଏଣେ ରଜା ସୁଷମାମାଳତୀଠୁ ସବୁ କଥାଯାକ ବୁଝି ସେହି ମୃଗଛାଲରେ ବସି ଯାଇ କାମାଖ୍ୟା ପର୍ବତରେ ହାଜର। ସେତେବେଳକୁ ଅସୁର କାମଚଣ୍ଡୀଙ୍କ ପୂଜା ସାରି ବାହାରି ଗଲାଣି।

ରଜା କାମଚଣ୍ଡୀ ଠାକୁରାଣୀଙ୍କ ପୂଜା କରି ଆପଣା କାଣି ଆଙ୍ଗୁଠି କାଟି ବଳି ଦେଲେ । ରଜାର ରକ୍ତ ବଳି ପାଇ ଦେବୀଙ୍କର ମନ ସନ୍ତୋଷ, ସେଇଲାଏ ପ୍ରସନ୍ନ ହୋଇ ଉଭା ହେଲେ, ରଜାଙ୍କୁ ବର ଯାଚିଲେ ।

ରଜା ହାତ ଯୋଡ଼ି କହିଲେ, – "ମା !

ବାଞ୍ଛା ଅସୁର ପାଇ ତୋହ ବର ଉନପୁର କାଲା ଜୁର ।
ଦିଅ ମୋତେ ବର ମାରି ସେ ଅସୁର ସବୁ ବିଦ୍ୟା ନେବି ତାର ।"

ଦେବୀ କହିଲେ, 'ତଥାସ୍ତୁ', ଖଣ୍ଡା ନେ ଏଥିରେ ତୋ

ଜମା ହାସଲ ହେବ ।

ରଜା ଦେବୀଙ୍କୁ ଦଣ୍ଡପ୍ରଣାମ କରି ତାଙ୍କ ହାତରୁ ଖଣ୍ଡାଟି ଆଣି ସୁଗମାମାଳତୀ ପାଖକୁ ଆସିଲେ । ତା' ଆଗରେ ସବୁ କଥାଯାକ କହି ମିହ୍ନଗତାଳରେ ବସି ରାକ୍ଷସ କୁମ୍ଭୀଂ ହ୍ରଦରେ ପଶିଲେ ।

ଯାଉଁ ଯାଉଁ ସାତ ତାଳ ପାଣି ପଡ଼ିଲା । କଅଣ କରିବେ ? ଯାହାହେଉ ମନରେ ଦେବୀଙ୍କୁ ସ୍ମରଣ କରି ଖଣ୍ଡାଟି ମୁଣ୍ଡରେ ଲଗେଇ ଜୀବନମୂର୍ଚ୍ଛା ହୋଇ ପାଣିରେ ପଶିଗଲେ ।

ସାତ ତାଳ ପାଣି ବାଦେ ଚଉଦ ତାଳ ପଙ୍କ ପଡ଼ିଲା । ତାକୁ ଭେଦିଲା ବେଳକୁ ଦେଖନ୍ତି ତ ଜବର ବଡ଼ ମଣ୍ଡପ । ତା' ଉପରେ ମଣିଚୂଳ ଡମ୍ଭ ଜଳ ଲହଲହ କରି ଫୋଂଷା ଟେକି ଗର୍ଜୁଛି । ତା' ବିଷଜାଳାରେ ଝେରେଇଂ ଖାଲି ଅଗ୍ନି ବର୍ଷଂ ହଉଛି । ତା ମଣି ତେଜରେ ଚଉଆଡ଼ ଧାଉ ଧାଉ ଦିଶୁଛି । ସାପଟା ରଜାଙ୍କୁ ଦେଖିଲାକ୍ଷଣି ଫଁ ଫଁ ହୋଇ ଗୋଡ଼େଇ ଆସିଲା । ରଜା ଚଟ୍‌କିନା କୁଦାମାରି ତା' ମୁଣ୍ଡ ଉପରକୁ ଉଠିଯାଇ ତା ବେକରେ ଗୋଟେ ମାରିଦେଲାରୁ ସାଙ୍ଗେ ସାଙ୍ଗେ ସାପଟା ଦି'ଖଣ୍ଡ । ହଂସହଂସୀ ଯୋଡ଼ାକ ତା ପେଟରୁ ଫର୍‌କିନା ବାହାରିପଡ଼ି ଫାଂର୍‌କିନା ଉଡ଼ିଯିବା ବେଳକୁ ରଜା ପୁଣି ଗୋଟେ ମାରିଲେ । ଏକା ଗୋଟିକେ ଯୋଡ଼ିକଯାକ ହଂସ ହଂସୀ ପଙ୍କରେ ଲଟ୍‌ପଟ୍ ହୋଇ ଛଟ୍‌ଛଟ୍ ହୋଇ ଟଟ୍ ଗୁଟ୍ ମରିଗଲେ ।

ସେଇଲାଗେ ତ୍ରିବାଙ୍କୁଡା ଅସୁର ଗର୍ଜି ଗର୍ଜି ଧାଇଁ ଆସିଲା । ତା' ଗର୍ଜନ ଶୁଣି ସୁଗମାମାଳତୀ ଯାଇ କୁଆଡ଼େ ବୋଇଲେ କୁଆଡ଼େ ଲୁଚି ଗଲାଣି, ହେଲେ ଅସୁରକୁ କଅଣ ତା' ଦିଶୁଛି କି ? ତାର ତ ସେତେବେଳେ ପ୍ରାଣ ଉପରେ ପଡ଼ିଛି । ସେ ଆଉ କାହାକୁ ଚାହିଁବ କଅଣ ? ଧଡ଼ ପଡ଼ ହୋଇ ରାକ୍ଷସ କୁମ୍ଭାଂରେ ପଶିଗଲା ବେଳକୁ ବେକରୁ ଜି ଖଡ଼ ହୋଇ ଛିଣ୍ଡିଗଲା,

ଗଣ୍ଡିଟା ନଈ ସୁଅରେ ଭାସିଗଲା, ଖାଲି ମୁଣ୍ଡଟା ସେ ଗୁମ୍ଫାର ରାକ୍ଷସପୁରର ପାଟିରେ ଅଟକି ଥାଏ।

ରଜା ସାପ ମୁଣ୍ଡରୁ ମଣିଟି ଆଣି ଫେରି ଆସିଲାବେଳକୁ ଦେଖନ୍ତି ତ, ଗୁମ୍ଫା ଦୁଆରେ ଅସୁରର କଟାମୁଣ୍ଡଟା ହାତେ ଲମ୍ବର ଜିଭଟେ କାଢ଼ି ଦେଇ ଅଟକିଚି। ତାକୁ ଖଣ୍ଡାମୁନରେ ଠେଲି ଦେଲାକ୍ଷଣି ସେ ପର୍ବତରୁ ଗଡ଼ି ଆସି ନଈ ସୁଅରେ ଭାସିଗଲା! ରଜା ମିରଗଛାଲରେ ସୁପମାମାନତୀଙ୍କି ଘେନି ଆପଣା ଦେଶକୁ ଅଇଲେ।

ବାଟରେ ତ କାଉଂରୀ ଦେଶ। ଲାଉଂ ଲାଉଂ କାଉଂରିରାଣୀ ହାବୁଡ଼ରେ ପଡ଼ିଲେ। ତାଙ୍କୁ ଦେଖି ରାଣୀ ଦେହଟା ତ ରାଗରେ ଜଳି ଉଠିଲା। ସେ ରଜାଙ୍କୁ ବାନ୍ଧି ଆଣି ମାୟା ପାଂଶ ପକେଇ ଦବାକୁ ଉଦ୍ୟମ କଲାରୁ ରଜା ସେଇ କଳାଫୁଲ ମାଳଟା ଟିଂକିନା ତା' ବେକରେ ପକେଇ ଦେଲେ। ରାଣୀ ତ ମାୟା ଘୋଡ଼ାରେ ବସିଥିଲା। ଫୁଲମାଳଟା ଯିମିତି ତା' ବେକରେ ପଡ଼ିଚି, ସେ ଦି'ଗଡ଼। ଘୋଡ଼ାଟା ଦୁମ୍‌କିନା ତଳେ କଚୁଡ଼ି ହୋଇ ପଡ଼ିଲା। ରଜା ଚାହିଁ ରହନ୍ତି ତ, ରାଣୀର ଗଣ୍ଡିମୁଣ୍ଡ ଦି'ଭାଗ ହୋଇ ତଳେ ପଡ଼ିଚି, ଝର ଝର ହୋଇ ରକତ ବୋହି ଯାଉଚି, ହେଲେ ମାୟା ଘୋଡ଼ାର ଚିହ୍ନବର୍ଣ୍ଣ ନାହିଁ। ଗୋଟିଏ ଅପୁର୍ବ ସୁନ୍ଦର ମଣିଷ ଠିଆ ହୋଇ ରଜାଙ୍କୁ ଡାକୁଚି।

ରଜା ମିରଗଛାଲରୁ ଓହ୍ଲେଇ ଆସିବା କ୍ଷଣି ସେ ଲୋକଟି ରଜାଙ୍କ ଗୋଡ଼ ଯୋଡ଼ାକ ଧରି ପକେଇଲା, କହିଲା — "ତୁମେ ଆଜି ମୋର ଯୋଉ ଉପକାର କଲ, ମୁଁ ପ୍ରାଣ ଦେଲେ ସୁଝା ତା' ସୁଝି ପାରିବି ନାହିଁ।" ଏୟା ଶୁଣି, ରଜା କାବା! କହିଲେ, — "ମୁଁ ତ ତୁମକୁ ଜମାରୁ ଚିହ୍ନି ନାହିଁ।"

ସେ ମଣିଷ କହିଲା — "ମହାରାଜ! ମୁଁ ଏ ଦେଶର ରଜା। ଏ ମୋର ରାଣୀ। ଏ ପାପିଷ୍ଠୀ ତ୍ରିବାଙ୍କୁଜ ଅସୁରକୁ ସହାୟ କରି

ସମସ୍ତଙ୍କୁ ପଥର କଲା । ମତେ ଘୋଡା କରି ରଖି ଯୋଉଁ ଘର ଅବସ୍ଥା ହୋଇଥିଲା ତା ସବୁ ତ ତୁମେ ନିଜେ ଆଖିରେ ଦେଖିଛ । ଆଜି ତୁମେ ତାକୁ ମାରିଲାରୁ ତା' ରକତ ଲାଗି ସିନା ମୋ ନିଜ ଦେହ ପାଇଲି ; ମୋ ରାଇଜ ରକ୍ଷା ହେଲା ।"

ରଜା କହିଲେ —

"ରାଇଜ ଲୋକେ ପୁଣି କେମିତି ବଞ୍ଚିବେ ?"

ସେ ଲୋକ କହିଲା— "ମୁଣ୍ଡର ରକତ ଲାଗିଲେ ।" ଯା ପୁଣି, ରଜା ରାଣୀର କଟା ମୁଣ୍ଡଟିକି ମିରଗଛାଲରେ ଝୁଲେଇ ଦେଲେ ; କହିଲେ — "ହେ ମିରଗଛାଲ ! ତୁ ଏ କାଉଁରୀ ଦେଶ ଯାକ ସବୁଆଡ଼େ କେନ୍ଦ୍ରେଇ କରି ହେଜାଏ ବୁଲିଆ ।"

ସେ ଛାଲ ଶୂନ୍ୟରେ ଯାଉଁଷାଇ ରାଇଜର ଚାରିଆଡ଼ ଯାକ ବୁଲିଲା । ରାଣୀର କଟାମୁଣ୍ଡରୁ ଅପ ଅପ ହୋଇ ରକତ ଝୋହି ପଡୁଥାଏ । ଆଉ ଯାହାଙ୍କ ଯାହି ମଲା ମଣିଷ, ଗାଈଗୋରୁ, ପଶୁପକ୍ଷୀ, ଜୀବ ଜନ୍ତୁସବୁ ଜୀବନ୍ୟାସ ପାଇ ଉଠୁଥାନ୍ତି ।

ଦଣ୍ଡକ ଭିତରେ ରାଇଜତମାମ ଗହଗହ ଶବଦରେ ପୂରି ଉଠିଲା । ଜେଜେକାର ନାଦରେ ଆକାଶ କମ୍ପି ଯାଉଥାଏ । ରଜା ଦେଖନ୍ତି ତ ଜୀଇଲା ଜୀବଙ୍କ ଭିତରେ ତାଙ୍କ ମନ୍ତ୍ରୀ ଆଉ ସୁଆ ଅଛନ୍ତି । ଏତେ କାଳକତରେ ଦେଖାଦେଖି ହେବାରୁ ସମସ୍ତେ ଆନନ୍ଦରେ ଭୋଳ ।

କାଉଁରୀ ଦେଶର ରଜା ଏ ରଜାଙ୍କୁ ଖୁସି କରିବାକୁ ଆପଣା ଦେଶରେ କେତେ ଆନନ୍ଦ ଉଛବ କଲେ, କେତେ ସନମାନ କଲେ । ତା' ପରେ ଭଲ ଭଲ ହୀରା, ନୀଳା, ମୋତି, ମାଣିକ ସବୁ ଭେଟି ଦେଇ ଚତୁରଙ୍ଗ ବଳ ସାଙ୍ଗରେ ବିଦା କଲେ ।

ଯାଉଁ ଯାଉଁ ରଜା ଆଉ ଗୋଟେ ଦେଶରେ ପହଞ୍ଚିଲେ । ସେ ଦେଶ ରଜା ଏ ରଜାଙ୍କର ସିଙ୍ଗାତ ବନ୍ଧୁ । ସଙ୍ଗାତ

ଆସୁଛନ୍ତି ଖୁସି ହେ ରଜା ମହାଆନନ୍ଦ ।

ସେଇଲାଗେ ପାତ୍ର ମନ୍ତ୍ରୀ , ସୈନ୍ୟସାମନ୍ତ , କାଇଦ ବଡ଼କାଠ, ଆଲଟ ଚାମର ଛିନ୍ନ ଗାଟ ଅପଙ୍କ ପାଛୋଟି ଅଇଲେ । କେତେ ଆଦର ସାଦର କଲେ, ଅଲଗା ନଅରରେ ରଖେଇ ଖୁବ-ଚଗଚ୍ଚ କଲେ ।

ରଜା ଆଉ କଅଣ କରିବେ ? ସଙ୍ଗାତ ତ ଏବେ ଆଦର କରି ରଖିଲେଣି, ମନ୍ତ୍ରୀଙ୍କ କହିଲେ,

"ଏ ଦେଶରେ ଦିନାକେତେ ରହିବା , ତା' ପରେ ଯିବା ।"

ସମସ୍ତେ, ସେଇ ଦେଶରେ ଥାଆନ୍ତି । ଦିନେ ମନ୍ତ୍ରୀ ରଜାଙ୍କୁ କହିଲେ- "ମହିମା ! ତ୍ରିବାଙ୍କୁଜ ଅସୁରର ସବୁ ବିଦ୍ୟା ତ ତୁମ୍ଭ ଜାଣିଛ । ମୁଁ ତୁମ୍ଭଙ୍କର ଅନୁସରଣିଆ ଲୋକ । ମତେ ଗୋଟିଏ ହେଲେ ବିଦ୍ୟା ଶିଖେଇ ଦିଅ ।"

ରଜା କହିଲେ , "ଆଛା ହଉ । ତମେ ମୋ ଲାଗି କେତେ ଦୁଃଖ . ସହିଛ ; ତମକୁ 'କାୟାପ୍ରବେଶ' ବିଦ୍ୟାଟି ଶିଖେଇ ଦବା ।" ସିଆ କହି କାୟାପ୍ରବେଶ ବିଦ୍ୟାଟି ମନ୍ତ୍ରୀଙ୍କ ଶିଖେଇ ଦେଲେ ।

ମନ୍ତ୍ରୀ ମହାଖୁସି । ସେ ତ ସ୍ୱପମାମାଲତୀର ସୁନ୍ଦରପଣ ଦେଖି କରି ଝୁରି ହେଉଥିଲା । 'କାୟା ପ୍ରବେଶ' ବିଦ୍ୟାଟି ପାଇଲାରୁ ତାର ବଳ ପାଇଲା । ସେ ଦିନେ ରଜାଙ୍କୁ ଶିକାର କରିବା ଆଳରେ ଗୋଟେ ଜଙ୍ଗଲ ଭିତରକୁ ନେଇକରି ଗଲା । ଦିହେଁ ଅନ୍ଧାର ଘର ଶିକାର ଖୋଜି ବୁଲୁଥାନ୍ତି, ବୁଲୁ ବୁଲୁ ଗୋଟେ ମଲା ମାଙ୍କଡ଼ ଦେଖିଲେ । ମନ୍ତ୍ରୀ କହିଲା, "ମହାରାଜ, ଶିକ୍ଷା, ଦୀକ୍ଷା ଯୋଉ ତୁମ୍ଭ ବିନା ମତେ 'କାୟାପ୍ରବେଶ' ବିଦ୍ୟାଟି ଖାଲି ଶିଖେଇ ଦେଇଛନ୍ତି, କିନ୍ତୁ ଥରେ ଅହେ ଦେଖେଇ ନ ଦେଲେ, ମତେ ତ ଆସିବ ନାହିଁ । ଏଇ ମଲା ମାଙ୍କଡ଼ଟାରେ

ପରୀକ୍ଷା କରନ୍ତୁ ତ ଭଲା ।”

ରଜା ତ ଏତେ ଛନ୍ଦମନ୍ଦ ଜାଣି ନାହାନ୍ତି, ସେ 'ହଉ ଦେଖେଁ' ବୋଲି କହି ମାଙ୍କଡ଼ ଦେହରେ ପଶିଯାଇ ମାଙ୍କଡ଼ ହୋଇଗଲେ ।

ଏଥର ମନ୍ତ୍ରୀର ପାଳିକି ପଡ଼ିଲା । ସେ ଝଟପଟ ହୋଇ ରଜାଙ୍କ ଦେହରେ ପଶିଯାଇ ଅନ୍ତଃପୁର ପରି ମାଙ୍କଡ଼କୁ ମାରିବାକୁ ଗୋଡ଼ାଇଲା ।

ରଜା ତ ଡରରେ ଥରୁ ଅଛନ୍ତି, ଆଉ ଉପାୟ କ'ଣ? ସେ ପ୍ରାଣ ବିକଳରେ ଡେଇଁ ଡେଇଁ ଯାଇ ଗୋଟେ ଜବର ବଡ଼ କଣ୍ଟା ଲଟା ଭିତରେ ଲୁଚିଗଲେ । ମନ୍ତ୍ରୀ ଯେତେ ଚେଷ୍ଟା କଲା, ତାଙ୍କୁ ଆଉ ମାରି ପାରିଲା ନାହିଁ ।

ଗର୍ବଗଞ୍ଜନ ଶୁଆ ତ ସବୁବେଳେ ରଜାଙ୍କ ପାଖେ ପାଖେ ଥାଏ । ସେ ଯି'ଲେ ଯାଇ ସୁଷମାମାଳତୀ ଆଗରେ ସବୁ କଥା କହି ଦେଲା । ତେବେଲେ ମନ୍ତ୍ରୀ କିଆଁ ସେ କଥା ଜାଣିବ ? ସେ ଆପଣା ଦେହଟାକୁ କୁଆଡ଼େ ଯୋଡ଼ି ଯୋଡ଼ି ଦେଇ ରଜାଙ୍କ ରୂପ ଧରି ନଅରକୁ ଗଲା — କହିଲା, “ଆଜି ମନ୍ତ୍ରୀକି ଗୋଟେ ବାଘ ମାରି ପକାଇଲା ।” ଏଥା ଶୁଣି ସୁଷମାମାଳତୀ ନ ଶୁଣିଲା ପରି ହୋଇ ମନ୍ତ୍ରୀ ପାଖକୁ କହି ପଠେଇଲା, “ମୁଁ ଆଜିଠୁଁ ଗୋଟିଏ ବ୍ରତ ଆରମ୍ଭ କରିଛି । ସେ ବ୍ରତ ନ ପୂରିବା ଯାଏଁ ମୁଁ ପୁରୁଷ ମୁହଁ ଦେଖିବି ନାହିଁ । ମହାରାଜ ସୁଦ୍ଧା ଆସିବାକୁ ହବ ନାହିଁ ।”

ମନ୍ତ୍ରୀ ଆଉ କଣ କରିବ ? ଜାଳମୁଣ୍ଡି ଆଉଁସି ଥିର ହୋଇ ଥାଏ, ଆଉ ସେ ଦେଶର ସବୁ ବାଣୁଆ ବନ୍ଧୁଆମାନଙ୍କୁ ଟଙ୍କା କାଉଡ଼ି ଦେଇ ମାଙ୍କଡ଼ମାନଙ୍କ ମରଉଥାଏ ।

ଏଣେ ସୁଷମାମାଳତୀ ଆପଣା ଦେହରୁ ସବୁ ଆଉ ଅଳଙ୍କାର କାଢ଼ି ସବୁ ସୁଖ ଭୋଗ ଛାଡ଼ି କାଳିବସ୍ତ୍ର ପିନ୍ଧି ଦିନ ଦିନରେ ଯୋଗେ ପାଣି

ପିଇ ସିଦ୍ଧେଶ୍ୱରୀ ମନ୍ତ୍ର ଜପ କରୁଥାଏ । ସୁଆ ତାକୁ ବାହାର ଖବରଗୁଡ଼ାକ ସବୁ କହୁଥାଏ ।

ଏଣେ ରଜା ତ ମାଙ୍କଡ଼ ହୋଇ ବଣ ଜଙ୍ଗଲରେ ବୁଲୁଥାଆନ୍ତି । ବୁଲୁ ବୁଲୁ ଦିନେ ଗୋଟିଏ କେଳା ହାତରେ ପଡ଼ିଲେ। ଟଙ୍କା ପାଇବା ଲୋଭରେ କେଳା ତାଙ୍କୁ ଫାଂଶ ବନ୍ଧେଇ ପକେଇଲା। ରଜା ତା' ହାତଗୋଡ଼ ଧରି କାନ୍ଦି କାନ୍ଦି କେତେ କଅଣ ଗୁହାରି କହିଲେ । ହେଲେ କେଳା ତା' କିଛି ବୁଝି ପାରିଲା ନାହିଁ। କେଳା ବିଚାରିଲା — "ମାଙ୍କଡ଼ଟାଏ ମଣିଷଙ୍କ ପରି ଏମିତି କାନ୍ଦିବାର ଆଉ ଏତେ ଗୁହାରି କରି କହିବାର ମୁଁ ତ ଆଜିଯାଏ କେଉଁଠି ଦେଖି ନାହିଁ କି ଶୁଣି ନାହିଁ । ନିଶ୍ଚେ ଏ ଭଲ ନାଚ କରି ପାରିବ ।" ଏୟା ବିଚାରି — ସେ ମାଙ୍କଡ଼କୁ ଘୋଷା ଶିଖି ଗାଆଁ ଗାଆଁ କରି ବୁଲେଇ ନଚଉଥାଏ । ତା' ନାଚ ଦେଖି, ଲୋକେ କାବାହୁଅନ୍ତି। କେଳାର ତା' ଲାଗି ଖୁବ୍ ରୋଜଗାର ହେଲା, ବଡ଼ଲୋକେ ତାକୁ ଡକେଇ ନେଇ ମାଙ୍କଡ଼ନାଚ ଦେଖି ମନଇଚ୍ଛା ବିଦାକି ଦିଅନ୍ତି। ଦିନେ ଗୋଟିଏ ମହାଜନ ସେ ମାଙ୍କଡ଼କୁ ଦେଖିଲା । ସେ ତ ମହାଜନ ପୁଅ, ତାକୁ ଅବା କୋଉ କଥା ଅପୂରୁବ ? ତା'ର ଭାରି ଶରଧା ବଳିଲା, ସେ କେଳାକୁ ଶହେ ଟଙ୍କା ଦେଇ ମାଙ୍କଡ଼ଟିକି କିଣି ନେଇଗଲା ।

ମହାଜନ ତାକୁ ସାଙ୍ଗରେ ଖୁଆଏ, ପାଖରେ ଶୁଆଏ, ଦଣ୍ଡେ କୁଆଡ଼େ ପାଖରୁ ଅନ୍ତର କରି ଦିଏ ନାହିଁ । ପୁଅ ଧନରୁ ଅଧିକ କରିଥାଏ । ମାଙ୍କଡ଼ ଢଙ୍ଗଢାଙ୍ଗ ଦେଖି ସମସ୍ତେ ଚଟକା। ଦିନକଦିନ ଏ କଥା ମନ୍ତ୍ରୀକାନକୁ ଗଲା । ମନ୍ତ୍ରୀ ମହାଜନ ପାଖକୁ କହି ପଠେଇଲା — "ତମ ମାଙ୍କଡ଼ର ଢଙ୍ଗରଙ୍ଗ ଶୁଣି ମୋତେ ବଡ଼ ଆଚମ୍ବିତ ଲାଗୁଛି । ତାକୁ ଆଜି ଆଣିବ, ଆମେ ଦେଖିବୁ ।"

'ସାପୁ ଭିତରେ ମାରୁ, କାଳୁଁ ଭିତରେ ପାରୁ' ପରି ମନ୍ତ୍ରୀ

ମାନରେ ଯାହା ଅଛି ବୋଲି ମହାଜନ ତ ନ ଜାଣେ ! ସେ ମହାଆନନ୍ଦରେ ହାତୀ ଉପରେ ବସି ମାଙ୍କଡ଼ଟିକି କୋଳରେ ବସେଇ ମନ୍ତ୍ରୀ ପାଖକୁ ଗଲା ।

ମହାଜନ ଆସ୍ତେ ଆସ୍ତେ ଗର୍ବଗଞ୍ଜନ ଶୁଆ ଯାଇ ସୁଷମାମାଳତୀ ଆଗରେ କହିଦେଲା । ସୁଷମାମାଳତୀ ଗୋଟିଏ ମଲା ଶୁଆ ହାତରେ ଧରି ମହାଜନ ଆସିଲା ବେଳକୁ ଯାଇ ପକା ଉପରେ ବସିଛି । ମହାଜନ କିଆଁ ସେ ଆଡ଼କୁ ହେଳ କରିବ ? ହେଲେ ମାଙ୍କଡ଼ ସୁଷମାମାଳତୀଙ୍କି ଗୁହଁ ଗୁହଁ କାନ୍ଦି ପକେଇଲାଣି । ଯାହା ଦେଖି ସୁଷମାମାଳତୀଙ୍କି ଭାରି ବିକଳ ଲାଗିଲା । ସେ ଝଟ୍‌କିନା ମଲା ଶୁଆଟାକୁ ତଳକୁ ପକେଇ ଦେଲା । ସେଇଲାଗେ ମାଙ୍କଡ଼ଟା ଖପ୍‌କିନା ହାତୀ ଉପରୁ ତଳକୁ ଡେଇଁ ପଡ଼ି, ସେଇଠାଣି ମରିଗଲା । ଆଉ ସେ ଶୁଆଟା ଜୀଇଁ ଉଠି, ସୁଷମାମାଳତୀ ହାତରେ ବସିଲା । ମହାଜନ ଗୁହିଁ ଦିଏ ତ ମାଙ୍କଡ଼ଟା ତଳେ ପଡ଼ି ମରିଯାଇଛି । ଆଉ ମନ୍ତ୍ରୀ ପାଖକୁ ଯିବ କିଅଣ ? ମନଦୁଃଖରେ ସେଇଠୁଁ ଲେଉଟିଗଲା । ଖାଲି ମନ୍ତ୍ରୀ ପାଖକୁ ଖବର ପଠେଇଲା— ମାଙ୍କଡ଼ଟି ବାଟରେ ହାତୀ ଉପରୁ ଖସି ପଡ଼ି ମରିଗଲା ।

ମନ୍ତ୍ରୀର କଣ୍ଟା ଛିଡ଼ିଲା । ସେ କେମିତି ସୁଷମାମାଳତୀଙ୍କି ଦେଖିବ ବୋଲି ଖାଲି ଦିନ ଗଣୁଥାଏ । ଏଇଥି ଭିତରେ ଦିନେ ସୁଷମାମାଳତୀ ମନ୍ତ୍ରୀପାଖକୁ କହି ପଠେଇଲା — "ମୋ ବ୍ରତ ସଂପୂର୍ଣ୍ଣ ହେଲା, ଏଥର ମହାରାଜା ବିଜେ କରନ୍ତୁ ।" ଯାହା ଶୁଣି ମନ୍ତ୍ରୀର ବୁକୁ କୁଣ୍ଢେ ମୋଟ । ସେ ରାତିକି ସଜବାଜ ହୋଇ ସୁଷମାମାଳତୀ ପାଖକୁ ଆସିଲା ବେଳକୁ, ସୁଷମାମାଳତୀ କିଅଣ କରିଛି ନା, ପଲଙ୍କ ତଳେ ମଲା କୁକୁରଟାଏ ପକେଇ ଦେଇ ପଲଙ୍କ ଉପରେ ବସି କାନ୍ଦୁଛି । ତା' କାନ୍ଦ ଦେଖି ମନ୍ତ୍ରୀ ତାଟ୍‌କା ! ମନ୍ତ୍ରୀ ପଚାରିଲା — "ଏ କିଅଣ ? ତୁମେ କାନ୍ଦୁଛ କାହିଁକି ? ସୁଷମାମାଳତୀ କାଇଁ କାଇଁ ହୋଇ

କହିଲା , "ଏ କୁକୁରଟି ମୋର ଭାରି ଶରଧା । ସେ ଆଜି ଅଚାନକ କେମିତି ମରିଗଲା । ତା' ଲାଗି ମୋ ମନ ଆଜି ବଡ଼ ଖରାପ ହେଉଛି ।" ଏକଥା ଶୁଣି ମନ୍ତ୍ରୀ ଠୋ ଠୋ ହୋଇ ହସି ଉଠିଲା, କହିଲା — "ଗୋଟାଏ କୁକୁରଟା ଲାଗି ଏତେ କାନ୍ଦଣା ?" ସୁଷମାମାଳତୀ କହିଲା — "ହଁ ତା ସତ ଯେ, ହେଲେ ଏତେ ମନ ଦୁଃଖ ହୁଅନ୍ତା ନାହିଁ ଯେ, ମୁଁ ବ୍ରତ କଲା ଦିନଠୁଁ ଜମାରୁ ତା ଖବର ବୁଝି ନ ଥିଲି । ଆଜି ବ୍ରତ ସମ୍ପୂର୍ଣ୍ଣ ହେଲାରୁ ପୋଷା ଜୀବ ସବୁଙ୍କୁ ଦେଖିବାକୁ ଗଲାବେଳକୁ, ମୋ ପୋଷା କୁକୁରଟି ମରିଯାଇଛି । ଏ କୁକୁର ମୋର କେତେ ଉପକାର କରିଛି ସେ ଟିକିଏ ବଞ୍ଚି ଉଠନ୍ତା କି, ମୁଁ ତାକୁ ଆଉ ଥରେ ମନବୋଧ କରି ଦେଖନ୍ତି । ତା ହେବାରୁ ଭଲା ମାହା ହେଲେ ହି ଅନ୍ତା ।"

ମନ୍ତ୍ରୀ କହିଲା —

"ଏଇ କଥା ତ, ଆଜ୍ଞା । ମୁଁ ଏ କୁକୁରକୁ 'କାୟା ପ୍ରବେଶ' ବିଦ୍ୟାବଳରେ ବଞ୍ଚାଇ ଦେବି ।"

ଏକଥା କହି ମନ୍ତ୍ରୀ କାମିଆ ବଳରେ କୁକୁରର କାୟାରେ ପଶି-ଗଲା । କୁକୁର ସେହିକ୍ଷଣି ଜୀଇ ଉଠିଲା । କୁକୁର ଯିମିତି ଜୀଇ ଉଠିଛି ସୁଷମାମାଳତୀ ସେଇଲାଗେ ପଦାପାଦ କରି ହାଣ୍ଡି ତଳୁ ଶୁଆଟିକୁ କାଢି ଆଣି ମଲା ରଜାଙ୍କ ଦେହ ଉପରେ ବସେଇ ଦେଲା । ଶୁଆ ଯୋଗୁ ମାପାକୁ ସେଇ ମଜା, ରଜା ବଞ୍ଚି ଉଠିଲେ । ରଜା ନିଜ ଦିହ ପାଇଲା ମାତ୍ରକେ କୁକୁର ବେକରେ ପାଂଶଟାଏ ପକେଇ ଦେଇ କୁକୁରକୁ ଧରି ପକେଇଲେ, କହିଲେ, — "ହା ନିମକହାରାମ୍ କୁତା ! ତୋର ପେଟରେ ଏତେ ସାହସ ।" କୁକୁର ଖାଲି ଭାଉ ଭାଉ ହୋଇ କାନ୍ଦିଲା ପରି ହେଉଥାଏ । ରଜା କହିଲେ, "ତୁ ଆଉ କାନ୍ଦିଲେ ଚୋବେଇଲେ କ'ଣ ହେବ ? ପାଠ ଜାଣିଛି ଅତି ଲୋଭେ ମରିଛି । ଅତି ଲୋଭରେ ତ ଆପଣା କାନ୍ଧକୁ ଖଣ୍ଡା ଯୋଡ଼ି ଯୋଡ଼ି ଦେଉଛି ।

ଯାହା ବୃଷ୍ଟିକୁ ନ ପାଇବ । ସିମିତି କଥା ହୋଇ ପଡ଼ି ଥା ।" ତା' ପରେ
ରଜା ଆପଣାର ସଙ୍ଗାତ ଠେଇଁ ବିଦା ହୋଇ ନିଜ ରାଇଜକୁ ଗଲେ ।

ସ୍ୱର୍ଣମାମାଳତୀର ସୁନ୍ଦରପଣ ଦେଖି ରଜାଙ୍କ ରାଣୀ ଦୁହେଁ ହିଂସାରେ ହୋଇ ଫୁଟୁଥାଏ । ଇମିତି ହେଇ ନିଜ ଜିଭଟା ହାତେ ଲମ୍ବରେ କାଟି ପକେଇ ରାଣୀ ମଲା । ସ୍ୱର୍ଣମାମାଳତୀର କଷ୍ଟ ଗଲା । ସ୍ୱର୍ଣମାମାଳତୀ ଓ ଜମ୍ବୁଦ୍ୱୀପ ରଜାଙ୍କର ପାଟମହାଦେଇ ହୋଇ ତାଙ୍କ ସଙ୍ଗେ ମହା ଆନନ୍ଦରେ ଘର ଦୁଆର କଲା ।